RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | VOLUME- 43 ISSUE-75 MONDAY 8 SEPTEMBER 2025 PAGE-12 ₹ 6.00

ବର୍ଷ-୪୩ ସଂଖ୍ୟା-୭୫ ସୋମବାର ୮ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦





**ଏସିଆ କପ୍ ପୁରୁଷ ହକି**

# ଭାରତ ଚାମ୍ପିଅନ

**୪-୧ ଗୋଲ୍‌ରେ ଦ.କୋରିଆ ପରାସ୍ତ**

■ **ରାଜଗିର, ୭।୯ (ଏଜେନ୍ସି):** ଆୟୋଜକ ଭାରତ ଏସିଆ କପ୍ ପୁରୁଷ ହକି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୪-୧ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଫାଇନାଲ୍‌ରେ ଡବଲ ଗୋଲ୍ ଦେଇଥିବା ଭାରତର ଫରୱାର୍ଡ ଖେଳାଳି ସୁଖଜିତ ସିଂହଙ୍କୁ ଫାଇନାଲ ମ୍ୟାଚ୍‌ର ଓ ଅଭିଷେକ ନୈନ୍‌ଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏସିଆ କପ୍ ଚାମ୍ପିଅନ ହେବା ଫଳରେ ଭାରତ ଏଫଆଇଏଚ୍ ପୁରୁଷ ବିଶ୍ୱକପ୍‌ରେ ଭାଗନେବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଆସନ୍ତାବର୍ଷ ନେଦରଲାଣ୍ଡସ ଓ ବେଲ୍‌ଜିୟମ୍‌ରେ ପୁରୁଷ ହକି ବିଶ୍ୱକପ୍ ଖେଳାଯିବ। (ବିବରଣୀ: ପୃଷ୍ଠା-୧୨)


'ବ୍ଲଡ୍ ମୁନ୍'

# ଇନ୍ଦୁ ପୂର୍ଣ୍ଣିମାରେ ପୂର୍ଣ୍ଣଗ୍ରାସ ଗ୍ରହଣ

■ **ଭୁବନେଶ୍ୱର, ୭।୯ (ସମିସ):** ଭାଦ୍ରବ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଆଜି (ରବିବାର) ମହାକାଶରେ ବିରଳ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହୋଇଛି। ଭାରତ ସମେତ ବିଭିନ୍ନ ରାଷ୍ଟ୍ରରେ ଗ୍ରହଣଜନିତ ଏହି ମହାଜାଗତିକ ଦୃଶ୍ୟକୁ କୋଟିକୋଟି ଜନତା ଉପଭୋଗ କରିଛନ୍ତି। ମେଘମୁକ୍ତ ଥିବା ଆଜିର ଭାଦ୍ରବ ଆକାଶରେ ଚନ୍ଦ୍ରମା ଖେଳିଯାଇଥିବା ବେଳେ ରାତି ୯.୫୭ ଠାରୁ ରାତି ୧.୨୭ ପର୍ଯ୍ୟନ୍ତ ଇନ୍ଦୁ ପୂର୍ଣ୍ଣିମାର ଜହ୍ନ ପୃଥିବୀର ଛାଇରେ ଢାଙ୍କି ହୋଇଯାଇଥିଲା। ଜ୍ୟୋତିଷ ଶାସ୍ତ୍ର ମତରେ ପୂର୍ଣ୍ଣ ରାହୁଗ୍ରସ୍ତ ଏହି ଚନ୍ଦ୍ରଗ୍ରହଣ ପାଇଁ ସକାଳ ୯.୫୭ରୁ ପାକତ୍ୟାଗ ସହ ୧୨.୫୭ରୁ ଦେବନୀତି ନିଷେଧ ରହିଥିଲା।

# ଧସିଲା କଳିଙ୍ଗା ଘାଟି


୧୫୭ ନମ୍ବର ଜାତୀୟ ରାଜପଥ ଉପରେ ବିରାଟ ପଥର

■ **ଜି.ଉଦୟଗିରି, ୭।୯ (ସମିସ):** ଲଗାଣ ବର୍ଷା ଯୋଗୁଁ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟିରୁ ପଥର ଖସୁଛି। ଆଜି ଅପରାହ୍ଣରେ ଏକ ବିରାଟ ପଥର ରାସ୍ତା ଉପରକୁ ଖସିପଡ଼ିଥିଲା। ତେବେ ସେ ସମୟରେ କୌଣସି ଯାନବାହନ ଚଳାଚଳ କରୁନଥିବାରୁ ଏକ ବଡ଼ ଅଘଟଣ ଟଳି ଯାଇଛି। ରାସ୍ତା ଉପରେ ପଥରଟି ପଡ଼ିରହିବାରୁ ଭାରୀଯାନ ଯାତାୟାତରେ କିଛି ସମୟ ପାଇଁ ସମସ୍ୟା ହୋଇଥିଲା। ଏହା ଏକ ପ୍ରମୁଖ ରାସ୍ତା ହୋଇଥିବାରୁ ଗାର୍ଡୱାଲକୁ ଅଧିକ ଉଚ୍ଚା କରିବା ସହ ୱାଲ ନଥିବା ସ୍ଥାନରେ ନିର୍ମାଣ କରିବାକୁ ଦାବି ହୋଇଛି।

# ଫୁଲିଲା ମହାନଦୀ

## ୩ ଜିଲ୍ଲାକୁ ବନ୍ୟା ଭୟ ● ସତର୍କ ରହିବାକୁ ନିର୍ଦ୍ଦେଶ

■ **ଭୁବନେଶ୍ୱର, ୭।୯ (ସମିସ):** ହୀରାକୁଦର ୨୪ ଟି ଗେଟ୍‌ରୁ ନିଷ୍କାସିତ ହୋଇଥିବା ବନ୍ୟାଜଳ ରବିବାର ସକାଳେ ମୁଣ୍ଡଳୀ ଅତିକ୍ରମ କରିଛି। ହୀରାକୁଦ ଓ ମହାନଦୀର ତଳମୁଣ୍ଡରେ ହୋଇଥିବା ବର୍ଷା ପାଣି ମିଶି ବର୍ତ୍ତମାନ ପାଖାପାଖି ୭ ଲକ୍ଷ କୁସେକ୍ ଜଳ ପ୍ରବାହିତ ହେଉଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ମହାନଦୀରେ ସର୍ବାଧିକ ପରିମାଣର ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ମହାନଦୀ ଫୁଲିଉଠିବା ସହ ବଡ଼ମ୍ବାସ୍ଥିତ ଭଟ୍ଟାରିକା ପୀଠକୁ ଛୁଇଁଛି ବନ୍ୟାଜଳ। ମହାନଦୀରେ ଜଳସ୍ତର ବଢୁଥିବା ଯୋଗୁଁ କଟକ, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାର ବିଭିନ୍ନ ଶାଖାନଦୀରେ ମଧ୍ୟ ଜଳସ୍ତର ବୃଦ୍ଧି ପାଇଛି। ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ପ୍ରଶାସନ ସତର୍କ ସୂଚନା ଜାରି କରିଛି।

ଶନିବାର ଦିନ ୧୧ ଟାରୁ ମହାନଦୀର ମୁଣ୍ଡଳୀଠାରେ ୬ ଲକ୍ଷ ୧୬ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଥିଲା। ଏହି ଧାରା ପ୍ରାୟ ଜାରି ରହିଥିବା ବେଳେ ଧୀରେ ଧୀରେ ଏହା ହ୍ରାସ ହେବା ନେଇ ଆକଳନ କରାଯାଉଛି।

**ମୁଣ୍ଡଳୀରେ ୭ ଲକ୍ଷ୍ୟ କୁସେକ୍ ଜଳ ପ୍ରବାହିତ**

**୧୧ରୁ ରାଜ୍ୟରେ ପୁଣି ବଢ଼ିବ ବର୍ଷାର ପ୍ରଭାବ**

ଅନ୍ୟପଟେ ହୀରାକୁଦରେ ପର୍ଯ୍ୟାୟକ୍ରମେ ଗେଟ୍ ବନ୍ଦ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ୪ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି।

ଏହି ସ୍ଥିତିକୁ ନେଇ ରାଜ୍ୟ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ମୁଣ୍ଡଳୀରେ ମହାନଦୀ ▸ପୃଷ୍ଠା-୭



# ଦିଲ୍ଲୀ ଗସ୍ତରେ ନବୀନ



■ **ଭୁବନେଶ୍ୱର, ୭।୯ (ସମିସ):** ବିଜେଡି ସୁପ୍ରିମୋ, ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଆସନ୍ତା ୯ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ଥିବାବେଳେ ଦଳୀୟ ସାଂସଦଙ୍କ ସହ ଏନେଇ ଆଲୋଚନା କରିପାରନ୍ତି ବୋଲି ସୂଚନା ମିଳିଛି।

ତାଙ୍କ ଦିଲ୍ଲୀ ଗସ୍ତ ସଂପର୍କରେ ସୂଚନା ଦେଇ ନବୀନ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଲେଖିଛନ୍ତି, "କିଛି ସାମାଜିକ ପ୍ରତିବଦ୍ଧତା ପାଇଁ ମୁଁ ଏବେ କିଛି ଦିନ ପାଇଁ ଦିଲ୍ଲୀରେ ଅଛି।"

# ଜନ୍ମଦିନ ପାର୍ଟିରେ ଗଣଦୁଷ୍କର୍ମ

■ **କୋଲକାତା, ୭।୯ (ଏଜେନ୍ସି):** କୋଲକାତାରେ ଆଉ ଏକ ଅମାନୁଷିକ ଘଟଣା। ଜଣେ ଯୁବତୀଙ୍କ ଜନ୍ମଦିନ ପାର୍ଟି ତାଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଛି। ଜନ୍ମଦିନ ପାର୍ଟିରେ ଯୁବତୀଙ୍କୁ ତାଙ୍କ ଦୁଇଜଣ ପରିଚିତ ଲୋକ ଗଣଦୁଷ୍କର୍ମ କରିଛନ୍ତି। ଏନେଇ ୨୦ ବର୍ଷୀୟା ଯୁବତୀ ଜଣକ ଦୁଷ୍କର୍ମ ଅଭିଯୋଗ ଆଣିବା ପରେ ଘଟଣା ସାମ୍ନାକୁ ଆସିଛି। କୋଲକାତାର ହରିଦେବପୁର ଥାନା ଅଞ୍ଚଳରେ ଗତ ଶୁକ୍ରବାର ଏହି ଘଟଣା ଘଟିଛି। ଦୁଇ ଅଭିଯୁକ୍ତ ଯୁବତୀଙ୍କୁ ତାଙ୍କ ଜନ୍ମଦିନ ପାର୍ଟି ଆୟୋଜନ ବାହାନାରେ ରିଜେଣ୍ଟସ ପାର୍କ ଅଞ୍ଚଳରେ ଏକ ଫ୍ଲାଟକୁ ଡାକିଥିଲେ। ସେଠାରେ ଖାଇବା ପରେ ଯୁବତୀ ଜଣକ ଯେତେବେଳେ ଘରକୁ ବାହରିଥିଲେ ଏହି ଦୁଇଜଣ କବାଟ ବନ୍ଦ କରିଥିଲେ। ଦୁଇ ଅଭିଯୁକ୍ତ ହେଲେ ଚନ୍ଦନ ମଲିକ ଓ ଦୀପ। ଦୀପ ସରକାରୀ ଚାକିରି କରୁଥିବା ପୁଲିସ ଜାଣିବାକୁ ପାଇଛି। ଚନ୍ଦନ ଜନ୍ମଦିନ ପାଳନ କରିବାକୁ ଯୁବତୀଙ୍କୁ ଦୀପ ଘରକୁ ନେଇଯାଇଥିଲା। ଯୁବତୀଙ୍କ ବିରୋଧ ସତ୍ତ୍ୱେ ସେମାନେ ଦୁଷ୍କର୍ମ କରିଥିଲେ। ▸ପୃଷ୍ଠା-୭

# ଗଣେଶ ବିସର୍ଜନ ବେଳେ ୪ ବୁଡ଼ିଗଲେ

**୧୩ ନିଖୋଜ**

■ **ମୁମ୍ବଇ,୭।୯ (ଏଜେନ୍ସି):** ମହାରାଷ୍ଟ୍ରରେ ଗଣେଶ ବିସର୍ଜନ ଅବସରରେ ବିଭିନ୍ନ ସ୍ଥାନରେ ଏକାଧିକ ଅଘଟଣ ଘଟିଛି। ଏଥିରେ ୪ ଜଣ ଶ୍ରଦ୍ଧାଳୁ ବୁଡିଯାଇଥିବା ବେଳେ ୧୩ ଜଣ ନିଖୋଜ ଅଛନ୍ତି ରବିବାର ପୁଲିସ କହିଛି। ପୁଣେ ଜିଲ୍ଲାର ଚକନ ଅଞ୍ଚଳରେ ଭିନ୍ନ ଭିନ୍ନ ଘଟଣାରେ ୪ ଜଣ ଭାସି ଯାଇଛନ୍ତି। ୱାକି ଖୁର୍ଦ୍ଦର ଭାମା ନଦୀରେ ଦୁଇଜଣ ଓ ଶେଲ ପିମ୍ପାଲଗାଓଁରେ ଜଣେ ଶ୍ରଦ୍ଧାଳୁ ▸ପୃଷ୍ଠା-୭



# ଅନ୍‌ଲାଇନ୍‌ରେ ଖାଦ୍ୟ ମଗାଇଲେ ୧୮% ଜିଏସ୍‌ଟି



■ **ନୂଆଦିଲ୍ଲୀ, ୭।୯ (ଏଜେନ୍ସି):** ପାର୍ବଣ ଋତୁ ପୂର୍ବରୁ ଜୋମାଟୋ, ସ୍ୱିଗୀ ଏବଂ ମ୍ୟାଜିକ୍‌ପିନ୍ ଭଳି ଅନ୍‌ଲାଇନ୍ ଫୁଡ୍ ଏଗ୍ରିଗେଟରମାନେ ସେମାନଙ୍କର ଗ୍ରାହକଙ୍କୁ ଏକ ବଡ଼ ଝଟ୍‌କା ଦେଇଛନ୍ତି। ଏହି କମ୍ପାନୀଗୁଡ଼ିକ ପ୍ଲାଟଫର୍ମ ଫି ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ଯାହାଫଳ ।।ରେ ସାରା ଦେଶର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଅନ୍‌ଲାଇନରେ ଖାଦ୍ୟ ଅର୍ଡର କରିବା ମହଙ୍ଗା ହୋଇଯିବ। କାରଣ ସେପ୍ଟେମ୍ବର ୨୨ ରୁ ଅନ୍‌ଲାଇନ୍ ଫୁଡ୍ ଡେଲିଭରି ଚାର୍ଜ ଉପରେ ୧୮% ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବାକୁ ଯାଉଛି। ସ୍ୱିଗୀ କିଛି ନିର୍ଦ୍ଦିଷ୍ଟ ବଜାରରେ ଜିଏସ୍‌ଟି ସହିତ ଏହାର ପ୍ଲାଟଫର୍ମ ଚାର୍ଜ ୧୫ ଟଙ୍କାକୁ ବୃଦ୍ଧି ▸ପୃଷ୍ଠା-୭

**ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ**

# ଆଶା-ଆଶଙ୍କାରେ ଦଳଡିଆଁ

**ଏକାଧିକ ନୂଆ ଆଶାୟୀ, ମନ୍ତ୍ରୀଙ୍କୁ ଘାରିଛି ବାଦ୍ ପଡ଼ିବାର ଭୟ**

**ମନ୍ତ୍ରୀ ପଦ ନ ମିଳିଲେ ଡିପିସି ଅଧ୍ୟକ୍ଷ, ରାଜ୍ୟ ସଂଗଠନରେ ମିଳିବ ଦାୟିତ୍ୱ !**

**ଦିଲ୍ଲୀ ଗଲେ ମନମୋହନ, ଆଜି ଯିବେ ମୁଖ୍ୟମନ୍ତ୍ରୀ ମୋହନ**

■ **ଭୁବନେଶ୍ୱର, ୭।୯ (ସମିସ):** ଗତ ସପ୍ତାହେ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ୪ ଦିନିଆ ଦିଲ୍ଲୀ ଗସ୍ତ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଦୁଇ ଥର ଦିଲ୍ଲୀ ଗସ୍ତ ରାଜ୍ୟ ରାଜନୀତିରେ ଉଷ୍ମତା ଭରିଛି। ଗ୍ରହଣ ସପ୍ତାହ ପରେ କୌଣସି ଦିନ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଏବେ ବିଜେପିରେ ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି। ଏହି ଚର୍ଚ୍ଚା ଆଲୋଚନା ମଧ୍ୟରେ ବେଶ୍ ଚିନ୍ତାରେ ଅଛନ୍ତି ଦଳଡିଆଁ ବିଧାୟକ। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଅନ୍ୟ ଦଳରୁ ଆସି ବିଜେପି ଟିକଟରେ ନିର୍ବାଚନ ଜିଣିଥିବା ବିଧାୟକ ଏବେ ଆଶା, ଆଶଙ୍କା ମଧ୍ୟରେ ଗତି କରୁଛନ୍ତି। ଦଳଡିଆଁଙ୍କ ମଧ୍ୟରୁ କିଛି ବିଧାୟକଙ୍କ ନାମ ମନ୍ତ୍ରିମଣ୍ଡଳ ରେସରେ ରହିଥିବା ଚର୍ଚ୍ଚା ହେଉଛି। ତେବେ ଅନ୍ୟ ଦଳରୁ ଆସିଥିବାରୁ ଶେଷ ମୁହୂର୍ତ୍ତରେ ବାଦ୍ ପଡ଼ିଯିବାର ଭୟ ସେମାନଙ୍କୁ ଘାରୁଛି। ଯାହାକୁ ନେଇ ସେମାନେ ନିଜ ନିଜ ନେତାଙ୍କ ନିକଟରେ ରାତିଦିନ ଅଧିଆ ପଡୁଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।

ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଏକାଧିକ ଥର ପ୍ରୟାସ ହୋଇଥିଲେ ହେଁ ଦଳ ମଧ୍ୟରେ ପ୍ରବଳ ଗୋଷ୍ଠୀବିବାଦ କାରଣରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ଭବ ହୋଇପାରୁ ନଥିଲା। ତେବେ ନିକଟରେ ଦଳର ଶୀର୍ଷ ନେତାଙ୍କ ମଧ୍ୟରେ ଏନେଇ ସହମତି ଆସିଥିବା କୁହାଯାଉଥିବା ବେଳେ ଖୁବଶୀଘ୍ର ସମ୍ପ୍ରସାରଣକୁ ଚୂଡ଼ାନ୍ତ ରୂପ ଦିଆଯିବ ବୋଲି ଆଲୋଚନା ଜୋର୍ ଧରିଛି। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ଆଶାୟୀ ନିଜ ନିଜ ନେତାଙ୍କ ନିକଟରେ ଲବି ରାଜନୀତି ଜୋର୍ କରିଥିବା ବେଳେ ଦଳଡିଆଁ ବିଧାୟକ ମଧ୍ୟ ଏଥିରେ ପଛରେ ନାହାନ୍ତି। ବିଶେଷକରି ଅନ୍ୟ ଦଳରୁ ଆସିଥିବା ବିଧାୟକ ପ୍ରଶାନ୍ତ ଜଗଦେବ, ସିଦ୍ଧାନ୍ତ ମହାପାତ୍ର, ଆକାଶ ▸ପୃଷ୍ଠା-୭

**ଲଗାମଛଡ଼ା କଳାବଜାରୀ**

# ସାର ପାଇଁ ରାଜରାସ୍ତାରେ ଚାଷୀ

■ **ଭୁବନେଶ୍ୱର, ୭।୯ (ସମିସ):** ଚଳିତ ବର୍ଷ ଆଗୁଆ ମୌସୁମୀ ବର୍ଷା ହୋଇଛି। ଚାଷ ପାଇଁ ପାଗ ଅନୁକୂଳ ରହିଛି। ତେଣୁ ପୂର୍ବବର୍ଷ ତୁଳନାରେ ରାଜ୍ୟରେ ଏଥର ଅଧିକ ପରିମାଣ ଜମି ଚାଷ ହୋଇଛି। ମାତ୍ର ଚାଷ ପାଇଁ ଜରୁରୀ ସାର ଚାଷୀଙ୍କୁ ମିଳୁନି। ରାଜ୍ୟବ୍ୟାପୀ ମାସାଧିକ କାଳ ହେଲା ସାର ସମସ୍ୟା ଲାଗି ରହିଥିଲେ ହେଁ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ସାର ଯୋଗାଣସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ଘନ ଘନ ବୈଠକ ବସୁଛି। କାଗଜପତ୍ରରେ ସାରର ଉପଲବ୍ଧତା ବି ଦର୍ଶାଯାଉଛି। କିନ୍ତୁ ବାସ୍ତବରେ ସାର ପାଇଁ ପ୍ରତ୍ୟେକ ଦିନ ଚାଷୀ ରାଜରାସ୍ତାରେ ଆନ୍ଦୋଳନ କରୁଛି। ସାର ପର୍ଯ୍ୟାପ୍ତ ପରିମାଣରେ ମହଜୁଦ୍ ଥିବା ସରକାର କହୁଥିବା ବେଳେ ଚାଷୀଙ୍କୁ ଆବଶ୍ୟକ ମୁତାବକ ମିଳୁନଥିବା ଅଭିଯୋଗ ହେଉଛି। ତେଣୁ କେବେ ସାର ସମସ୍ୟାର ସମାଧାନ ହେବ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ସରକାରୀ ସାର ବାହାରେ କଳାବଜାରୀ ହେଉଥିବା ଭଳି ଅଭିଯୋଗ ଆସୁଥିଲେ ବି ସରକାର ଏହାକୁ ସେତେଟା ଗୁରୁତ୍ୱ ଦେଉନାହାନ୍ତି।

ଗତକାଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପୃଥକ୍ ପୃଥକ୍ ଭାବେ ସାରସ୍ଥିତିର ସମୀକ୍ଷା କରିଥିଲେ। ମୁଖ୍ୟ ଶାସନ ସଚିବଙ୍କ ବୈଠକରେ କୃଷି ଓ ସମବାୟ ସଚିବ ଉପସ୍ଥିତ ଥିଲେ। ସବୁ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଲାମ୍ପସ୍, ପାକ୍‌ସରେ ସାର ପହଞ୍ଚିବା, ଚାଷୀମାନଙ୍କୁ ସାର ଯୋଗାଣ, କଳାବଜାରୀ ରୋକିବା ଉପରେ ବୈଠକରେ ବିସ୍ତୃତ ▸ପୃଷ୍ଠା-୭

**ସମୀକ୍ଷାରେ ସୀମିତ ସରକାରୀ କାର୍ଯ୍ୟାନୁଷ୍ଠାନ**



**ମିଳୁନି ୟୁରିଆ**

# ଜାତୀୟ ରାଜପଥ ଅବରୋଧ

■ **ଏମିଭି-୭୯/ମାଲକାନଗିରି, ୭।୯(ସମିସ):** ୟୁରିଆ ସାରର ଅଭାବ ଓ କଳାବଜାର ନେଇ ଆଜି ମହାରାଜପାଲ୍ଲୀ ପଞ୍ଚାୟତରେ ଚାଷୀ ଅସନ୍ତୋଷ ଦେଖାଦେଇଛି। ଉତ୍ତ୍ୟକ୍ତ ଚାଷୀମାନେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ମହାରାଜପାଲ୍ଲୀ ପଞ୍ଚାୟତ ସମ୍ମୁଖ ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। କାଲିମେଲା ଲ୍ୟାମ୍ପ୍‌ସ ଏମ୍‌ଡି ଚନ୍ଦନ କୁମାର ମଦଳାଙ୍କ ନେତୃତ୍ୱରେ ଲ୍ୟାମ୍ପ୍‌ସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ▸ପୃଷ୍ଠା-୭

# ରାଜଧାନୀରେ ପୁଣି ହତ୍ୟା

## ଯୁବକଙ୍କୁ ମାରି ଶୌଚାଳୟ ପଛରେ ଫିଙ୍ଗିଦେଲେ



■ **ଭୁବନେଶ୍ୱର, ୭।୯ (ସମିସ):** ରାଜଧାନୀରେ ପୁଣି ଜଣଙ୍କ ମୁଣ୍ଡ ଗଡ଼ିଛି। ମଞ୍ଚେଶ୍ୱର ଥାନା ରେଳଡବା ମରାମତି କାରଖାନା ନିକଟ ଖେଳ ପଡ଼ିଆରେ କିଛି ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ଧରାପଡ଼ିଯିବା ଭୟରେ ଅଭିଯୁକ୍ତମାନେ ଶବକୁ ଲୁଚାଇ ଦେଇଥିଲେ। ଆଜି ପୁଲିସ୍ ଖେଳ ପଡ଼ିଆରେ ଥିବା ପାଇଖାନା ପଛପଟୁ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଦୁଇ ଦିନ ତଳୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ଅନୁମାନ କରୁଛି। ଯୁବକଙ୍କ ପରିଚୟ ମିଳିନଥିବା ବେଳେ ବୟସ ପାଖାପାଖି ୩୫ବର୍ଷ ହେବ ବୋଲି କୁହାଯାଉଛି। ମୃତକଙ୍କ ପରିଚୟ ମିଳିବା ପରେ ତାଙ୍କ ପରିବାରଲୋକଙ୍କୁ ଖବର ଦିଆଯିବ। ପରିବାରଲୋକ ଆସିଲେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି।

ଅପରପକ୍ଷେ, ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରି ଏକାଧିକ ନମୁନା ସଂଗ୍ରହ କରିଛନ୍ତି। କେହି ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ହତ୍ୟା କରିବା ପରେ ପଥରରେ ମୁଣ୍ଡକୁ ଛେଚି ଦେଇଥିବା ପୁଲିସ ସନ୍ଦେହ କରୁଛି। ଯୁବକଙ୍କ ପରିଚୟ ମିଳି ନଥିବାରୁ ପୁଲିସ ନିଜଆଡୁ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ରେଳଡବା ମରାମତି କାରଖାନା ନିକଟସ୍ଥ ଖେଳ ପଡ଼ିଆ ଭିତରେ ଏକ ଶୌଚାଳୟ ରହିଛି। ଯୁବକଙ୍କୁ ହତ୍ୟା କରିବା ପରେ ଏହି ଶୌଚାଳୟ ପଛରେ ମୃତଦେହକୁ ଫିଙ୍ଗିଥିଲେ। କେହି ନ ଜାଣିବା ପାଇଁ ହତ୍ୟାକାରୀ ମୃତଦେହ ଉପରେ ପଟା ଏବଂ ଅଳିଆ ପକାଇ ଦେଇଥିଲା। ୨ ଦିନ ତଳେ ହତ୍ୟା କରାଯାଇଥିଲେ ମଧ୍ୟ କେହି ଜାଣିପାରି ନଥିଲେ। ଆଜି ସନ୍ଧ୍ୟାରେ ▸ପୃଷ୍ଠା-୭

‘ଭେନିସ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ’ରେ ଇତିହାସ ସୃଷ୍ଟିକଲେ


# ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ଜିତିଲେ ଅନୁପର୍ଣ୍ଣା ରାୟ



ମୁମ୍ବାଇ, ୭।୯ (ଏଜେନ୍ସି): ଚଳଚ୍ଚିତ୍ର ନିର୍ମାତା ଅନୁପର୍ଣ୍ଣା ରାୟ ଇତିହାସ ସୃଷ୍ଟି କରିଛନ୍ତି। ଶନିବାର ଶେଷ ହୋଇଥିବା ‘ଭେନିସ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ’ରେ ସେ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ଜିତିଛନ୍ତି। ପ୍ରଥମ ଚଳଚ୍ଚିତ୍ରରେ ଅନୁପର୍ଣ୍ଣା ଏହି କୃତିତ୍ୱ ହାସଲ କରିଛନ୍ତି। ‘ସଙ୍ଗସ ଅଫ୍ ଫରଗଟନ ଟ୍ରିଜ୍’ ପାଇଁ ସେ ଏହି ପୁରସ୍କାର ହାତେଇଛନ୍ତି। ଫରଗଟନ ଟ୍ରିଜ୍ ଚଳଚ୍ଚିତ୍ରକୁ ଅନୁରାଗ କଶ୍ୟପ ଉପସ୍ଥାପନ କରିଥିଲେ। ‘ଓରିଜୋଣ୍ଟି କମ୍ପିଟେସନ ସେକ୍ସନ’ରେ ଏହାର ପ୍ରିମିୟର ଅନୁଷ୍ଠିତ ହୋଇଥିଲା। ନୂଆ ଧାରା ଏବଂ ପ୍ରତିଭାଙ୍କୁ ସାମ୍ନାକୁ ଆଣୁଥିବା ଚଳଚ୍ଚିତ୍ର ପାଇଁ ଏହା ଉଦ୍ଦିଷ୍ଟ। ଚଳିତ ଥର ପ୍ରଥମ ଫିଲ୍ମ, ଇଣ୍ଡି ଫିଚର୍ସ ଏବଂ କମ୍ ପରିଚୟ ହାସଲ କରିଥିବା ଚଳଚ୍ଚିତ୍ରକୁ ଧ୍ୟାନ ଦିଆଯାଇଥିଲା। ଅନୁପର୍ଣ୍ଣା ଏହି ପୁରସ୍କାରକୁ ଜୋର ଜବରଦସ୍ତି ଚୁପ୍ କରାଯାଇଥିବା, ଅଣଦେଖାର ଶିକାର ହୋଇଥିବା ଏବଂ କ୍ଷମତାକୁ କମ୍ କରି ଆକଳନ କରାଯାଇଥିବା ମହିଳାଙ୍କୁ ସମର୍ପିଛନ୍ତି। ଏହି ବିଜୟ ଦ୍ୱାରା ଅନେକ ରୁଦ୍ଧ ସ୍ୱର, ଅକୁହା କାହାଣୀ ଏବଂ କ୍ଷମତା ବାହାରକୁ ଆସିବ ବୋଲି ସେ କହିଛନ୍ତି। ଏହି ଚଳଚ୍ଚିତ୍ର ଜଣେ ମହିଳାଙ୍କ କାହାଣୀ ଉପରେ ଆଧାରିତ।

ବୟସ୍କ ହେଲେ ଜାପାନ ରାଜକୁମାର ହିସାହିତୋ

# ୪୦ ବର୍ଷ ପରେ ପୁରୁଷ ସଦସ୍ୟ ହେଲେ ବୟସ୍କ



ନୂଆଦିଲ୍ଲୀ,୭।୯ (ଏଜେନ୍ସି): ଜାପାନ ରାଜକୁମାର ହିସାହିତୋ ଏବେ ଆନୁଷ୍ଠାନିକ ଭାବେ ବୟସ୍କ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ରବିବାର ରାଜମହଲରେ ୧୯ ବର୍ଷୀୟ ହିସାହିତୋଙ୍କ ବୟସ୍କ ହେବା ନେଇ ଏକ ଉତ୍ସବ ତଥା ସମାରୋହର ଆୟୋଜନ ହୋଇଥିଲା। ସେ ସମ୍ରାଟ୍ ନାରୁହିତୋଙ୍କ ଭଣଜା। ସବୁଠାରୁ ବଡ଼ କଥା ହେଉଛି ଯେ, ଗତ ୪୦ ବର୍ଷରେ ପ୍ରଥମଥର ପାଇଁ ରାଜ ପରିବାରର ଜଣେ ପୁରୁଷ ସଦସ୍ୟ ବୟସ୍କ ହୋଇଛନ୍ତି। ହିସାହିତୋ ବୟସ୍କ ହେବା ପରେ ରାଜ ପରିବାରେ ଆନନ୍ଦର ଲହରି ଖେଳିଯାଇଛି। ଫଳରେ ସେ ଏବେ ରାଜସିଂହାସନର ଉତ୍ତରାଧିକାରୀ ସୂଚୀରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ଉତ୍ସବ ରାଜ ପରିବାରରୁ ହିଁ ଆରମ୍ଭ ହୋଇଛି। ହିସାହିତୋଙ୍କୁ ସମ୍ରାଟଙ୍କଠାରୁ ଏକ ସ୍ୱତନ୍ତ୍ର ପ୍ରକାର ମୁକୁଟ ଦିଆଯାଇଛି। ଏଥିସହ ସେ ରାଜପରିବାରର ଜଣେ ବୟସ୍କ ସଦସ୍ୟ ହୋଇଛନ୍ତି। ଏହି ଉତ୍ସବ ଗୋଟିଏ ବର୍ଷ ପାଇଁ ବିଳମ୍ବିତ ହୋଇଥିଲା। କାରଣ ହିସାହିତୋ ସେତେବେଳେ ନିଜ ବିଶ୍ୱବିଦ୍ୟାଳୟ ପରୀକ୍ଷାକୁ ଧ୍ୟାନ କେନ୍ଦ୍ରିତ କରୁଥିଲେ। ସେ ବୟସ୍କତା ପ୍ରତୀକ ଭାବେ ପରିଗଣିତ ହେଉଥିବା ରାଜ ପରିବାରର ପାରମ୍ପରିକ ବସ୍ତ୍ର ପରିଧାନ କରିଥିଲେ। ଏହାପରେ ସେ ଔପଚାରିକ ପୋଷାକ ପିନ୍ଧି ରାଜ ପରିବାର ରଥରେ ୩ଟି ପବିତ୍ର ମନ୍ଦିରକୁ ଯାଇ ଆଶୀର୍ବାଦ ନେଇଥିଲେ।

୨୫୦୦ କୋଟିର ର୍‍ୟାକେଟ୍

# ଦୁବାଇରେ ଡ୍ରଗ୍ସ ସମ୍ରାଟ୍

ନୂଆଦିଲ୍ଲୀ, ୭।୯ (ଏଜେନ୍ସି): ଗତ ବର୍ଷ ନଭେମ୍ବର ୧୪ରେ ଦିଲ୍ଲୀର ନାଙ୍ଗଲୋଇରୁ ୨୫୦୦ କୋଟି ଟଙ୍କାର ୮୨ କେଜି କୋକେନ ଜବତ ହୋଇଥିଲା। ସାରା ଦେଶରେ ଚର୍ଚ୍ଚାରେ ଥିବା ଏହି ମାମଲାର ତଦନ୍ତରୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ହାତରେ ବଡ଼ ପ୍ରମାଣ ଲାଗିଛି। ଏହା ପଛର ମାଷ୍ଟରମାଇଣ୍ଡକୁ ଚିହ୍ନଟ କରାଯାଇଛି। ଅଭିଯୁକ୍ତର ନାମ ପବନ ଠାକୁର। ସେ ଦୁବାଇରେ ରହି ଏହି କଳା କାରବାର ଚଳାଇଛି। ଡ୍ରଗ୍ସ ଧରା ପଡ଼ିବା ପରେ ସେ ପରିବାର ସହ ଭାରତରୁ ଫେରାର ହୋଇଯାଇଥିଲା। ସେଠାରେ ରହି ସେ ବିଳାସପୂର୍ଣ୍ଣ ଜୀବନ ଯାପନ କରୁଛି। ପ୍ରଥମ ଥର ପାଇଁ ଏନ୍‌ସିବି ଏହା ବିରୋଧରେ ‘ଇଣ୍ଟରନ୍ୟାସନାଲ ତଥା ଇଣ୍ଟରପୋଲ ସିଲ୍‌ଭର ନୋଟିସ’ ଜାରି କରିଛି। ଅନ୍ତର୍ଜାତୀୟ ନିଶା କାରବାର ବିରୋଧରେ ଏହା ଏକ ବଡ଼ ପଦକ୍ଷେପ ବୋଲି ଅଧିକାରୀମାନେ କହୁଛନ୍ତି।



ସୂଚନା ଅନୁଯାୟୀ ସେ ମେକ୍ସିକୋରୁ ଏକ ବନ୍ଦର ଦେଇ ପବନ କୋକେନ ଭାରତକୁ ଆଣିଥିଲା। ପରେ ଟ୍ରକ୍ ଯୋଗେ ଏହାକୁ ଦିଲ୍ଲୀର ଏକ ଗୋଦାମ ଘରେ ରଖିଥିଲା। ଅଷ୍ଟ୍ରେଲିଆରୁ ଆହୁରି ଡ୍ରଗ୍ସ ଆଣିବାକୁ ଯୋଜନା କରିଥିଲା। ଏହି ନୋଟିସ୍ ଅନ୍ତର୍ଜାତୀୟ ଆଇନ ପ୍ରବର୍ତ୍ତନ ଏଜେନ୍ସିଗୁଡ଼ିକୁ ବିଭିନ୍ନ କ୍ଷେତ୍ର ସହ ଜଡ଼ିତ ଅଭିଯୁକ୍ତର ସମ୍ପତ୍ତି, ବ୍ୟବସାୟ ଏବଂ ଆର୍ଥିକ କାର୍ଯ୍ୟଗୁଡ଼ିକୁ ଠାବ କରିବାକୁ ଅନୁମତି ଦେଇଥାଏ। ଏହା ଇଣ୍ଟରପୋଲର ୧୯୬ ସଦସ୍ୟ ଦେଶ ମଧ୍ୟରେ ଗୁଇନ୍ଦା ସୂଚନା ପ୍ରଦାନ ଏବଂ ଅବୈଧ ସମ୍ପତ୍ତି ଜବତକୁ ସହଜ କରିଥାଏ। ୟୁଏଇ, ସିଙ୍ଗାପୁର, ହଂକଂ ଏବଂ ଅନ୍ୟ ୟୁରୋପୀୟ ରାଷ୍ଟ୍ରଙ୍କୁ ଏହି ସିଲ୍‌ଭର ନୋଟିସ ପଠାଇ ଦିଆଯାଇଛି। ଅଭିଯୁକ୍ତ ପବନ ଏହି ସବୁ ଦେଶରେ ରିୟଲ ଇଷ୍ଟେଟ କାରବାର ଚଳାଇଛି। ସେଲ୍ କମ୍ପାନୀରେ ନିବେଶ କରି ଅନେକ ସଂଗଠନ ଚଳାଉଥିବା ବିଶ୍ୱାସ କରାଯାଉଛି।

ପବନ କେବଳ କୋକେନ କାରବାର

**ଅଭିଯୁକ୍ତ ପବନ ଠାକୁର ବିରୋଧରେ ସିଲ୍‌ଭର ନୋଟିସ**

**ହାୱାଲା କାରବାର, ମନି ଲଣ୍ଡରିଂ ବ୍ୟବସାୟରେ ମଧ୍ୟ ଜଡ଼ିତ**

**ଦୁବାଇରେ ରହିଛି ବିଳାସପୂର୍ଣ୍ଣ କାର୍ ଓ ଭିଲା**

ନୁହେଁ, ବହୁ ପୂର୍ବରୁ ହାୱାଲା ର୍‍ୟାକେଟ ଏବଂ ମନି ଲଣ୍ଡରିଂ ବ୍ୟବସାୟ ଚଳାଉଥିଲା। ସେ ଦିଲ୍ଲୀର କୁଚ ମହାଜାନୀ ବଜାରରେ ହାୱାଲା ଏଜେଣ୍ଟ ଭାବେ କାମ କରୁଥିଲା। ସେ ଧିରେ ଧିରେ ବେଆଇନ କାରବାରକୁ ଲୁଚାଇବା ପାଇଁ ବଡ଼ ଧରଣର ନିଶାଦ୍ରବ୍ୟ ଚାଲାଣରେ ସାମିଲ ହୋଇଥିଲା। ତଦନ୍ତକାରୀ ଅଧିକାରୀଙ୍କ ମତରେ ପବନର କାରବାର ଭାରତ ସହିତ ଦୁବାଇରେ ବ୍ୟାପିଛି। ନିଶା କାରବାରରୁ ସେ ପାଉଥିବା କଳାଧନକୁ ଏକ ବଡ଼ ହାୱାଲା ସିଷ୍ଟମ ମାଧ୍ୟମରେ ପଠାଯାଉଥିଲା। ପ୍ରମାଣ ଭାବେ ଭାରତ, ଚୀନ୍, ସିଙ୍ଗାପୁର, ହଂକଂ ଏବଂ ୟୁଏଇରେ କ୍ରିପ୍ଟୋକରେନ୍ସି କାରବାର ଏବଂ ସୀମାପାର ସେଲ୍ କମ୍ପାନୀଗୁଡ଼ିକର ବ୍ୟବହାର କରାଯାଉଥିଲା।

ତଦନ୍ତ ରିପୋର୍ଟ ଅନୁଯାୟୀ ପବନର ସିଣ୍ଡିକେଟ୍ ନକଲି ଆମଦାନୀ-ରପ୍ତାନି କାଗଜପତ୍ର, କ୍ରିପ୍ଟୋ ସ୍ଥାନାନ୍ତର ଏବଂ ଜାଲ୍ ଆର୍ଥିକ ବିବରଣୀ ମାଧ୍ୟମରେ ୬୮୧ କୋଟି ଟଙ୍କାରୁ ଅଧିକ କଳାଧନକୁ ଧଳା କରିଥିଲା। ଇଡି ଅନେକ ଥର ସମନ କରିବା ସତ୍ତ୍ୱେ ସେ ହାଜର ହୋଇ ନ ଥିଲା। ଏଥିଯୋଗୁଁ ପଟିଆଲା ହାଉସ କୋର୍ଟ ତା ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ପରେ ଭାରତ ଛାଡ଼ି ପଳାଇ ଥିଲା। ଦୁବାଇରେ ତାର ଅନେକ ସମ୍ପତ୍ତି, ବିଳାସପୂର୍ଣ୍ଣ କାର୍, ଭିଲା ଆଦି ରହିଛି।

ବିଦେଶୀ ଏଜେନ୍ସି ସହ ମିଶି ଚଳିତ ବର୍ଷ ଏନ୍‌ସିବି ନବୀନ ଚିଚକର, ଲିଜୋ ଜୋର ସମେତ ଚାରି ପ୍ରମୁଖ ନିଶା ବ୍ୟବସାୟୀଙ୍କୁ ଭାରତ ଆଣିବାରେ ସଫଳ ହୋଇଛି। ଏ ପର୍ଯ୍ୟନ୍ତ ଭାରତରେ ନିଶା କାରବାରରେ ସମ୍ପୃକ୍ତ ୨୧ ଜଣଙ୍କ ବିରୋଧରେ ବ୍ଲୁ କର୍ଣ୍ଣର ନୋଟିସ ଜାରି କରାଯାଇଛି। ସେହିପରି ୧୦ ପ୍ରମୁଖ ପଳାତକଙ୍କ ବିରୋଧରେ ରେଡ୍ କର୍ଣ୍ଣର ନୋଟିସ ଜାରି ହୋଇଛି।

# ନଦୀକୁ କାର୍ ଖସି ୩ ପୁଲିସ ଅଧିକାରୀ ମୃତ

ଉଜ୍ଜୈନ୍,୭।୯ (ଏଜେନ୍ସି): ମଧ୍ୟପ୍ରଦେଶ ଉଜ୍ଜୈନର ସିପ୍ରା ନଦୀରେ ଏକ କାର୍ ଖସିପଡିବାରୁ ୩ ଜଣ ପୁଲିସ ଅଧିକାରୀ ମୃତ୍ୟୁବରଣ କରିଛନ୍ତି। ଦୁଇଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ମହିଳା କନଷ୍ଟେବଲ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ଏ ୩ ପୁଲିସ ଅଧିକାରୀମାନେ ହେଲେ ଅନହେଲ ଥାନା ଇନ୍‌ଚାର୍ଜ ଆଶୋକ ଶର୍ମା, ସବ୍-ଇନିସପେକ୍ଟର ମଦନଲାଲା ନିନାମା ଓ କନଷ୍ଟେବଲ ଆରତୀ ପାଲ୍। କିନ୍ତୁ ଆରତୀ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ଏନ୍‌ଡିଆରଏଫ୍ ଟିମ୍ ତାଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରଖିଛି। ଶନିବାର ରାତି ୮.୪୫ରେ ସିପ୍ରା ନଦୀର ଏକ ବଡ଼ ପୋଲ ଉପରେ ଆରତୀ କାର୍ ଚଳାଉଥିଲେ। ସେ ନିୟନ୍ତ୍ରଣ ହରାଇବାରୁ କାର୍ ପୋଲ ତଳକୁ ନଦୀ ଭିତରେ ଖସି ପଡିଥିଲା ବୋଲି ଏସ୍‌ପି ପ୍ରଦୀପ ଶର୍ମା କହିଛନ୍ତି। ଜଣେ ୧୪ ବର୍ଷୀୟ ଝିଅ ନିଖୋଜ ହେବା ପରେ ତାକୁ ଖୋଜିବାକୁ ଏହି ୩ ପୁଲିସ ଅଧିକାରୀ ଚିନ୍ତାମଣ ଯାଉଥିବା ବେଳେ ଏହି ଘଟଣା ଘଟିଥିଲା। ନଦୀରେ ଏବେ ପ୍ରଖର ସୁଅ ଥିବାରୁ ଆରତୀଙ୍କ ମୃତଦେହକୁ ଠାବ କରାଯାଇ ପାରିନାହିଁ।



# ହଜରତବଲ ଦର୍‌ଘା ବିବାଦ; ୨୬ ଅଟକ

ନୂଆଦିଲ୍ଲୀ,୭।୯ (ଏଜେନ୍ସି): ଜମ୍ମୁ-କଶ୍ମୀର ଶ୍ରୀନଗରରେ ସେପ୍ଟେମ୍ବର ୩ରେ ହଜରତବଲ ଦରଘାରେ ହୋଇଥିବା ବିବାଦକୁ ନେଇ ପୁଲିସ ୨୬ ଜଣଙ୍କୁ ଅଟକ ରଖିଛି। ବିବାଦର ସିସିଟିଭି ଫୁଟେଜ ଭାଇରାଲ ହୋଇଥିଲା। ଏହି ଭାଇରାଲ ଭିଡିଓକୁ ଆଧାର କରି ପୁଲିସ ଏମାନଙ୍କୁ ଅଟକ ରଖିଛି। ୱାକଅଫ୍ ବୋର୍ଡ ଏହି ଦରଘାର ପୁନର୍ଗଠନ କରିଥିଲା। ଉଦ୍‌ଘାଟନ ଫଳକରେ ଜାତୀୟ ପ୍ରତୀକ ଆଶୋକ ସ୍ତମ୍ଭ ରହିଥିଲା। କିନ୍ତୁ କିଛି ଲୋକ ଏହାକୁ ବିରୋଧ କରିଥିଲେ ଓ ଆଶୋକ ସ୍ତମ୍ଭକୁ ଭାଙ୍ଗି ଦେଇଥିଲେ। ଫଳରେ ପୁଲିସ ଏମାନଙ୍କୁ ଅଟକ ରଖି ପଚରାଉଚରା କରିଛି। ଉଦ୍‌ଘାଟନ ଫଳକରେ ଅଶୋକ ସ୍ତମ୍ଭ ଚିହ୍ନକୁ ପିଡିପି, ନ୍ୟାସନାଲ କନଫରେନ୍ସ ସମେତ ବିଭିନ୍ନ ରାଜନୈତିକ ପାର୍ଟି ବିରୋଧ କରିଥିଲେ। କୌଣସି ଧାର୍ମିକ ସ୍ଥଳରେ ଜାତୀୟ ଚିହ୍ନ ଆଶୋକ ସ୍ତମ୍ଭ ଚିହ୍ନିତ ହେବାର ଦେଖିନାହିଁ ବୋଲି ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି। ତେଣୁ ହଜରତବଲ ଦରଘାରେ ଏହାକୁ ଲଗାଇବାର କ’ଣ ଆବଶ୍ୟକତା ଅଛି ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଜାତୀୟ ପ୍ରତୀକ ଆଶୋକ ସ୍ତମ୍ଭର ଅପମାନ କଲେ ଅତିକମ୍‌ରେ ୩ ବର୍ଷ ଜେଲ୍ ଦଣ୍ଡ ହେବାର ଆଇନ ରହିଛି।

# ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁଙ୍କ ଇସ୍ତଫା

ଟୋକିଓ,୭।୯ (ଏଜେନ୍ସି): ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ରବିବାର ଇସ୍ତଫା ଦେଇଛନ୍ତି। ଶାସକ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି (ଏଲ୍‌ଡିପି)ର ବିଭାଜନକୁ ରୋକିବା ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ଜାପାନ ଗଣମାଧ୍ୟମ ଏନ୍‌କେଏଚ୍ ସୂଚନା ଦେଇଛି। ଇଶିବାଙ୍କ ମେଣ୍ଟ ସରକାର ଗତ ଜୁଲାଇରେ ଉଚ୍ଚ ସଦନ ଅର୍ଥାତ ହାଉସ୍ ଅଫ୍

**ଦଳ ବିଭାଜନକୁ ରୋକିବା ପାଇଁ ଛାଡିଲେ ପଦ**



କାଉନସିଲର ନିର୍ବାଚନରେ ପରାସ୍ତ ହୋଇଥିଲା। ଇଶିବା ମଧ୍ୟ ଏଥିପାଇଁ କିଛି ଦିନ ତଳେ କ୍ଷମା ମାଗିଥିଲେ ଓ ଇସ୍ତଫା ଦେବା କଥା ଚିନ୍ତା କରୁଛନ୍ତି ବୋଲି କହିଥିଲେ। ନିର୍ବାଚନରେ ପରାଜୟ ପରେ ଏଲ୍‌ଡିପି ମଧ୍ୟରେ ଇଶିବାଙ୍କୁ ହଟାଇବା ନେଇ ଅଭିଯାନ ଆରମ୍ଭ ହୋଇଥିଲା। ପାର୍ଟିର କିଛି ନେତା ଓ ସାଂସଦ ତାଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଥିଲେ। ଫଳରେ ତାଙ୍କ ସ୍ଥିତି ଦୁର୍ବଳ ହୋଇଥିଲା ଓ ତାଙ୍କ ଉପରେ ପ୍ରବଳ ଚାପ ମଧ୍ୟ ଥିଲା। ଏବେ ଇଶିବା ହଟିବା ପରେ ଏବେ ପାର୍ଟିରେ ନୂଆ ନେତା ନିର୍ବାଚନ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଛି।

# ଇସ୍ରାଏଲ ବିମାନ ବନ୍ଦରରେ ହୁତୀ ବିଦ୍ରୋହୀଙ୍କ ଡ୍ରୋନ୍ ଆକ୍ରମଣ

ତେଲ ଅଭିଭ୍,୭।୯ (ଏଜେନ୍ସି): ୟେମେନର ହୁତୀ ବିଦ୍ରୋହୀ ରବିବାର ଇସ୍ରାଏଲ୍‌ର ରେମୋନ ବିମାନ ବନ୍ଦରରେ ଡ୍ରୋନ ଆକ୍ରମଣ କରିଛନ୍ତି। ଏଥିରେ ଜଣେ ବୟସ୍କ ବ୍ୟକ୍ତିଙ୍କ ସମେତ ୫ ଜଣ ଲୋକ ମାମୁଲି ଭାବେ ଆହତ ହୋଇଛନ୍ତି। ଏହି ଡ୍ରୋନ୍ ବିମାନ ବନ୍ଦରର ପାସେଞ୍ଜର ଟର୍ମିନାଲରେ ମାଡ଼ ହୋଇଥିଲା। ଫଳରେ ଧୂଆଁ ଉଠୁଥିବାର ଦେଖାଯାଇଥିଲା। ଏହି ଡ୍ରୋନର ପରିଚୟ ମିଳିନାହିଁ ଓ ଏଥିପାଇଁ କୌଣସି ସାଇରନ ମଧ୍ୟ ବାଜି ନ ଥିଲା ବୋଲି ଇସ୍ରାଏଲ ସେନା ତରଫରୁ କୁହାଯାଇଛି। ଏହାପୂର୍ବରୁ ୟେମେନରୁ ଆସିଥିବା ୩ଟି ଡ୍ରୋନକୁ ଇସ୍ରାଏଲ ବାୟୁସେନା ମାରି ତଳକୁ ଖସାଇଥିଲା ବୋଲି କହିଛି। ଏହାପରେ ତୁରନ୍ତ ଏୟାର ସ୍ପେସ୍‌କୁ ବନ୍ଦ କରାଯାଇଥିଲା। ସୁରକ୍ଷା ଓ ବୈଷୟିକ ଯାଞ୍ଚ ଏବଂ ବାୟୁସେନା ମଞ୍ଜୁରି ପରେ ରେମୋନ ବିମାନ ବନ୍ଦରରୁ ବିମାନ ଉଡାଣ ଆରମ୍ଭ ହୋଇଥିଲା।

# ମୌସୁମୀ ଯାତନା: ହିମାଚଳରେ ୩୬୦ରୁ ଊର୍ଦ୍ଧ୍ୱ ମୃତ

**୪.୦୭ ଲକ୍ଷ କୋଟି ଟଙ୍କାର କ୍ଷତି ● ଉତ୍ତରାଖଣ୍ଡରେ ପୁଣି ବାଦଲ ଫଟା ବର୍ଷା ● ସେପ୍ଟେମ୍ବର ୯ରେ ପଞ୍ଜାବ ଯିବେ ପ୍ରଧାନମନ୍ତ୍ରୀ**

ନୂଆଦିଲ୍ଲୀ,୭।୯ (ଏଜେନ୍ସି): ଚଳିତ ବର୍ଷ ମୌସୁମୀ ଖାସ୍ କରି ଉତ୍ତର ଭାରତରେ ନାହିଁ ନଥିବା ସ୍ଥିତି ସୃଷ୍ଟି କରିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏଥର ମୌସୁମୀ ଋତୁ (ଜୁଲାଇ ୨୪ରୁ ଆରମ୍ଭ କରି ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ)ରେ ବର୍ଷା, ବନ୍ୟା, ଭୂସ୍ଖଳନ ଜଡିତ ଘଟଣାରେ କେବଳ ହିମାଚଳ ପ୍ରଦେଶରେ ୩୬୬ ଜଣ ଲୋକ ପ୍ରାଣ ହରାଇଛନ୍ତି। ୪ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି ବୋଲି ହିମାଚଳ ସରକାର ଘୋଷଣା କରିଛନ୍ତି। ଏଥର ସିମ୍‌ଲାରେ ୧୧୬ ଓ କୁଲ୍ଲୁରେ ୧୧୩ ପ୍ରତିଶତ ବର୍ଷା ହୋଇଛି। ଏହା ସାମାନ୍ୟଠାରୁ ଦୁଇଗୁଣ। ଅର୍ଥାତ ଏଥର ବର୍ଷା ଦୁଇଗୁଣରୁ ଅଧିକ ହୋଇଛି।



ପଞ୍ଜାବର ୨୩ଟି ଜିଲ୍ଲାରେ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି। ତେବେ ଆସନ୍ତା ୩ ଦିନ ମଧ୍ୟ ବର୍ଷା ହେବ ନାହିଁ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି। ଲୁଧିଆନାର ସସରାଲି ଡ୍ୟାମ୍ ଭାଙ୍ଗିବାର ବିପଦ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୯ ତାରିଖରେ ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିବେ। ଏହି ରାଜ୍ୟରେ ୧୯୯୬ ଗାଁ ଜଳମଗ୍ନ ହୋଇଛି। ୩.୮୪ ଲକ୍ଷରୁ ଅଧିକ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି। ୪୬ ଜଣ ମୃତ୍ୟୁବରଣ କରିଛନ୍ତି। ୨୨, ୮୫୪ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୨୧୯ ରିଲିଫ୍ ଶିବିରକୁ ସକ୍ରିୟ କରାଯାଇଛି। ବନ୍ୟା ଯୋଗୁ ଏପର୍ଯ୍ୟନ୍ତ ୧,୭୪, ୪୫୪ ହେକ୍ଟର ଜମିର ଫସଲ ନଷ୍ଟ ହୋଇଛି।

ଉତ୍ତରାଖଣ୍ଡ ଉତ୍ତରକାଶୀ ଜିଲ୍ଲାର ନାଉଗାଁରେ ବାଦଲ ଫଟା ବର୍ଷା ହୋଇଛି। ଫଳରେ ବଜାର ଓ କିଛି ଘରେ ପାଣି ଓ ଆବର୍ଜନା ପ୍ରବେଶ କରିଛି। ସଡକ ଉପରେ ଥିବା ଗାଡ଼ିଗୁଡିକ ମଧ୍ୟ ପାଣି ସୁଅରେ ଭାସି ଯାଇଥିଲା। ସେହିପରି ଉତ୍ତରପ୍ରଦେଶ ମଥୁରାରେ ଯମୁନା ନଦୀର ପାଣି ସହରଠାରୁ ୧ କିମି ଦୂରରେ ପହଞ୍ଚିଛି। ଘାଟକୂଳରେ ଥିବା ଆଶ୍ରମଗୁଡିକରେ ୫ ଫୁଟ ଉଚ୍ଚର ପାଣି ପଶି ଯାଇଛି। ବୃନ୍ଦାବନ ପରିକ୍ରମା ମାର୍ଗ ମଧ୍ୟ ଜଳମଗ୍ନ ହୋଇଛି। ଗୁଜରାଟ ଓ ରାଜସ୍ଥାନ, ମହାରାଷ୍ଟ୍ରରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଅର୍ଥାତ ରେଡ୍ ଆଲର୍ଟ ଜାରି କରାଯାଇଛି। ଗୋଆରେ ଅରେଞ୍ଜ ଏବଂ ମଧ୍ୟପ୍ରଦେଶ ଓ ବିହାର ସମେତ ୨୦ଟି ରାଜ୍ୟରେ ୟେଲୋ ଆଲର୍ଟ ଜାରି କରାଯାଇଛି। ପ୍ରବଳ ବର୍ଷା କାରଣରୁ ବାହାଦୂରଗଡ଼ର ରାସ୍ତା ଉପରେ ଠିଆ ହୋଇଥିବା ଗାଡ଼ିଗୁଡିକ ବୁଡିଯାଇଛି। ରାଜସ୍ଥାନର ଆଜମେରରେ ଦୁଇ ମହଲା କୋଠା ଭୁଶୁଡି ପଡିଛି। ସିରୋହିରେ ଏକ ନଦୀରେ ଜିପ୍ ଭାସି ଯାଇଛି। ଉତ୍ତରପ୍ରଦେଶର ଇଟାୱାରେ ଯମୁନା ନଦୀ ପାଇଁ ୭ଟି ଗାଁରେ ବନ୍ୟା ଆସିଛି। ଗୁଜରାଟର ସାବରମତୀ ନଦୀର ଜଳ ପତନ ବୃଦ୍ଧି ପାଇଛି। ଫଳରେ ତଳିଆ ଅଞ୍ଚଳରେ ସତର୍କତା ଜାରି କରାଯାଇଛି। ଗୁଜରାଟର ୭ ଜିଲ୍ଲାରେ ରେଡ୍ ଓ ୧୮ ଜିଲ୍ଲାରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ହିମାଚଳରେ ଭୂସ୍ଖଳନ ଯୋଗୁ ୭୦୫ ଜାତୀୟ ରାଜପଥ ବନ୍ଦ ହୋଇଛି। ବିହାରରେ ୨୦ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ଆଲର୍ଟ ଜାରି କରାଯାଇଛି।

# ନାଇଜେରିଆରେ ୭୦ ଜଣଙ୍କୁ ହତ୍ୟା

ଅବୁଜା,୭।୯ (ଏଜେନ୍ସି): ଆଫ୍ରିକୀୟ ଦେଶ ନାଇଜେରିଆର ଉତ୍ତରପୂର୍ବ ରାଜ୍ୟ ବୋରନୋରେ କୁଖ୍ୟାତ ବୋକୋ ହାରାମ ଆତଙ୍କବାଦୀ ସଂଗଠନର ଜିହାଦୀମାନେ ଶୁକ୍ରବାର ରାତି ୮.୩୦ରେ ବଡ଼ ଧରଣର କାଣ୍ଡ ଘଟାଇଛନ୍ତି। ଏହି ଜିହାଦୀମାନେ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରିଛନ୍ତି ବୋଲି ସ୍ଥାନୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି। ମୃତକଙ୍କ ମଧ୍ୟରେ କେତେଜଣ ସୈନିକ ସାମିଲ ଅଛନ୍ତି। ବୋରନୋ ରାଜ୍ୟର ଦାରୁଲ ଜମା ଟାଉନ୍‌ରେ ଏହି ଆକ୍ରମଣ ହୋଇଥିଲା। ମୋଟର ବାଇକ୍‌ରେ ଡଜନେରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ଅସ୍ତ୍ରଧରି ପହଞ୍ଚି ଥିଲେ ଓ ଆଖିବୁଜା ଗୁଳି ଚଳାଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସେମାନେ ମଧ୍ୟ କେତୋଟି ଘରେ ନିଆଁ ଲଗାଇ ଜାଳି ଦେଇଥିଲେ। ଘର ଘର ବୁଲି ପୁରୁଷଙ୍କୁ ଗୁଳି କରିଥିଲେ। କିନ୍ତୁ ମହିଳାଙ୍କୁ ଛାଡି ଦେଇଥିଲେ। ଶନିବାର ସକାଳ ସୁଦ୍ଧା ୭୦ଟି ମୃତଦେହ ଉଦ୍ଧାର କରାଯାଇଛି। ଆହୁରି କିଛି ନିଖୋଜ ଅଛନ୍ତି। ଉଲ୍ଲେଖଥାଉ କି, ଉତ୍ତରପୂର୍ବ ନାଇଜେରିଆରେ ଇସ୍‌ଲାମିକ୍ ଖିଲିଫେଟ୍ ସ୍ଥାପନ କରିବା ଲକ୍ଷ୍ୟରେ ୨୦୦୯ରେ ବୋକୋ ହାରାମ ଆତଙ୍କବାଦୀ ସଂଗଠନର ସ୍ଥାପନ ହୋଇଥିଲା। ଏହା ଏ ପର୍ଯ୍ୟନ୍ତ ୪୦,୦୦୦ ଲୋକଙ୍କ ଜୀବନ ନେଇଥିବା କୁହାଯାଉଛି।

# ୟୁକ୍ରେନରେ ରୁଷିଆର ସର୍ବବୃହତ୍ ଏୟାର ଷ୍ଟ୍ରାଇକ୍

**କିଭ୍‌ରେ ୮୦୦ରୁ ଅଧିକ ଡ୍ରୋନ୍, ମିସାଇଲ୍ ଆକ୍ରମଣ**

କିଭ୍,୭।୯ (ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ପାଖାପାଖି ୪ ବର୍ଷ ପୂରଣ କରିବାକୁ ଯାଉଛି। କିନ୍ତୁ କେହି ପଛକୁ ହଟିବାକୁ ଚାହୁଁନାହାନ୍ତି। ରୁଷ ପୁଣିଥରେ ୟୁକ୍ରେନ ରାଜଧାନୀ କିଭ୍ ଉପରେ ବଡ଼ ଧରଣର ଆକ୍ରମଣ କରିଛି। ଏଥିରେ ଦୁଇଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୮ ଜଣ ଆହତ ହୋଇଛନ୍ତି। କିଭ୍‌ସ୍ଥିତ ୟୁକ୍ରେନର ସରକାରୀ କୋଠାରୁ ଧୂଆଁ ବାହାରୁଥିବାର ଦେଖାଯାଇଛି। ଏହି କୋଠାରେ ୟୁକ୍ରେନ ମନ୍ତ୍ରିମଣ୍ଡଳର ମୁଖ୍ୟାଳୟ ରହିଛି ଓ ଏଥିରେ ସବୁ ମନ୍ତ୍ରୀମାନଙ୍କ କର୍ଯ୍ୟାଳୟ ରହିଛି। ଗତ ରାତି ସାରା ରୁଷିଆ ଆକାଶମାର୍ଗରୁ ୮୦୫ଟି ଡ୍ରୋନ୍ ଓ ମିସାଇଲ୍ ଦ୍ୱାରା ଆକ୍ରମଣ କରିଥିଲା ବୋଲି ୟୁକ୍ରେନର ଅଧିକାରୀ ମାନେ ସୂଚନା ଦେଇଛନ୍ତି।



ଯୁଦ୍ଧ ଆରମ୍ଭ ହେବାଠାରୁ ଏହା ରୁଷ୍‌ର ସବୁଠାରୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି। ଡ୍ରୋନ ସମେତ ରୁଷ୍ ୧୩ଟି ମିସାଇଲ ମଧ୍ୟ ମାଡ଼ କରିଥିଲା। ତେବେ ରୁଷିଆର ୭୪୭ ଓ ୪ଟି ମିସାଇଲକୁ ଖସାଇ ଦିଆଯାଇଛି ବୋଲି ୟୁକ୍ରେନ ପକ୍ଷରୁ କୁହାଯାଇଛି। ତେବେ ୟୁକ୍ରେନର ୩୭ଟି ସ୍ଥାନ ଉପରେ ମିସାଇଲ ସହିତ ୫୬ଟି ଡ୍ରୋନ ଦ୍ୱାରା ଆକ୍ରମଣ କରାଯାଇଛି ବୋଲି ଅଧିକାରୀ କହିଛନ୍ତି।

ଟ୍ରମ୍ପଙ୍କୁ କଟାକ୍ଷ କଲେ ସଲ୍‌ମାନ

# ବିଶ୍ୱରେ ଅଶାନ୍ତି ସୃଷ୍ଟିକାରୀଙ୍କୁ ଦରକାର ଶାନ୍ତି ପୁରସ୍କାର

ମୁମ୍ବାଇ, ୭।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭର୍ତ୍ସନା କରିଛନ୍ତି ଅଭିନେତା ସଲ୍‌ମାନ ଖାନ। ସେ ନାମ ନ ନେଇ ନୋବେଲ ଶାନ୍ତି ପୁରସ୍କାର ଆଶା କରୁଥିବା ଏହି ମାର୍କିନ ରାଷ୍ଟ୍ରପତିଙ୍କ ଅଭିଳାଷକୁ ପରିହାସ କରିଛନ୍ତି। ବିଶ୍ୱରେ ସର୍ବାଧିକ ଅଶାନ୍ତି ସୃଷ୍ଟି କରିଥିବା ବ୍ୟକ୍ତି ନୋବେଲ ପୁରସ୍କାର ଚାହୁଁଥିବା କହିଛନ୍ତି। ରିୟଲିଟି ଶୋ’ ‘ବିଗ୍ ବସ୍-୧୯’ର ସାପ୍ତାହାନ୍ତ ସଂଘର୍ଷରେ ସେ ଏହି ଟିପ୍ପଣୀ ଦେଇଥିଲେ। ଏଠାରେ ଘରର ଶାନ୍ତି ଭଙ୍ଗ କରିବାକୁ ନେଇ ସେ ସବୁ ପ୍ରତିଯୋଗୀଙ୍କୁ ଭର୍ତ୍ସନା କରିଥିଲେ। ଏଥିରେ ଅନ୍ୟ ଘରର ଶାନ୍ତି ଭଙ୍ଗ ସହ ଝଗଡ଼ା କରୁଥିବା ପ୍ରତିଯୋଗୀ ତଥା ‘ପିସ୍ ଆକ୍ଟିଭିଷ୍ଟ’ ଫରାଜାନା ଖାନଙ୍କୁ ସେ ଗାଳି କରିଥିଲେ। ଏହି ସମୟରେ ସଲ୍‌ମାନ କହିଥିଲେ, ଏ ସବୁ କ’ଣ ଚାଲିଛି? ସାରା ବିଶ୍ୱରେ ଯିଏ ସର୍ବାଧିକ ସମସ୍ୟା ସୃଷ୍ଟି କରୁଛି ତାଙ୍କୁ ହିଁ ଶାନ୍ତି ପରୁସ୍କାର ଦରକାର। ସଲ୍‌ମାନଙ୍କ ଏହି ଟିପ୍ପଣୀ ଖୁବ୍ ଭାଇରାଲ ହେବାରେ ଲାଗିଛି। ଫରଜାନାକୁ ଦେଖି ସେ ଏହି ମନ୍ତବ୍ୟ ଦେଇଥିଲେ ମଧ୍ୟ ଟ୍ରମ୍ପଙ୍କୁ ଯୋଡ଼ି ଦେଖାଯାଉଛି। କାରଣ କିଛି ଦିନ ତଳେ ନରୱେର ଅର୍ଥମନ୍ତ୍ରୀଙ୍କୁ ଫୋନ କରି ଟ୍ରମ୍ପ ନୋବେଲ ପୁରସ୍କାର ମାଗିଥିଲେ।

# ସିବିଏସ୍ଇ ପରୀକ୍ଷା ଢାଞ୍ଚାରେ ଓଟିଇଟି

ଭୁବନେଶ୍ୱର, ୭।୯ (ସମିସ): ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଉପସଭାପତିଙ୍କ ସମେତ ୮ଜଣ ବନ୍ଧା ହେବା ପରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଚେତା ପଶିଛି। ଦୁଇଥର ତାରିଖ ଘୋଷଣା ପରେ ମଧ୍ୟ ପରୀକ୍ଷା କରିବାରେ ସଫଳ ହୋଇପାରି ନ ଥିବା ବୋର୍ଡ ଏଥର ନୂତନ ଢାଞ୍ଚାରେ ପରୀକ୍ଷା ପରିଚାଳନା କରିବାକୁ ନିଷ୍ପତ୍ତି ନେଇଛି। ପ୍ରଶ୍ନପତ୍ର ସୁରକ୍ଷା ଏବଂ ପରୀକ୍ଷା ବ୍ୟବସ୍ଥାକୁ ସମୀକ୍ଷା କରିବା ପରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍ଇ) ଢାଞ୍ଚାରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପରିଚାଳନା ବ୍ୟବସ୍ଥା ଆପଣାଇବାକୁ ଯାଉଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ଶ୍ରୀ ତରାଇ କହିଛନ୍ତି, ଡିଜି ଲକର୍ ବ୍ୟବସ୍ଥା ସହ ବାକ୍ସ ବା ଟ୍ରଙ୍କରେ ପ୍ରଶ୍ନପତ୍ର ପଠାଯିବ। ବ୍ୟାପକ ପୁଲିସ୍ ସୁରକ୍ଷା ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ। ଜିଲ୍ଲାପାଳ, ଏସ୍ପି ଓ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ସହାୟତାରେ ପରୀକ୍ଷା ହେବ। ପୂର୍ବରୁ ପରୀକ୍ଷା କେନ୍ଦ୍ର ହୋଇଥିବା ରାଜ୍ୟର ୧୯୩ଟି ପରୀକ୍ଷା କେନ୍ଦ୍ରରେ ହିଁ ପରୀକ୍ଷା ହେବ। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ପ୍ରଶ୍ନପତ୍ର ଲିକ୍ ଘଟଣାରେ 'ଘରଢିଙ୍କି କୁମ୍ଭୀର' ସାଜିଥିବା ଘଟଣାକୁ ଗୁରୁତ୍ୱର ସହ ନେଇ ଏଥର ପରୀକ୍ଷା ପରିଚାଳନା ଓ ସମ୍ବେଦନଶୀଳ କାର୍ଯ୍ୟ ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀଙ୍କ

**ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ଉପରେ ରହିବ ତୀକ୍ଷ୍ଣ ନଜର**

ଉପରେ ତୀକ୍ଷ୍ଣ ନଜର ରଖାଯାଇଛି।

ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପାଇଁ ଜୁଲାଇ ୨୦କୁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ପ୍ରଶ୍ନପତ୍ର ଲିକ୍ କାରଣରୁ ମଧ୍ୟରାତ୍ରିରେ ପରୀକ୍ଷା ବାତିଲ୍ କରାଯାଇଥିଲା। ଏପରିକି, ଅଗଷ୍ଟ ୩୧ରେ ପୁନଃପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ ମଧ୍ୟ ପରୀକ୍ଷା ପରିଚାଳନା କରିବାରେ ବୋର୍ଡ ବିଫଳ ହୋଇଥିଲା। ଆସନ୍ତା ୨୭ ତାରିଖରେ ସେହି ପରୀକ୍ଷା କରିବାକୁ ଗତକାଲି ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଏଥର ପରୀକ୍ଷା ହେବ ନା ପୁଣିଥରେ ଘୁଞ୍ଚିବ, ସେନେଇ ପ୍ରଶ୍ନ ଉଠିଥିଲା। ଏନେଇ ଶ୍ରୀ ତରାଇ କହିଛନ୍ତି ଯେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନିଶ୍ଚିତ ଭାବେ ସେହି ଦିନ ହିଁ ପରୀକ୍ଷା ହେବ ବୋଲି ସେ ଦମ୍ଭୋକ୍ତି ରଖିଛନ୍ତି।

ଶିକ୍ଷକଙ୍କ ପଦନ୍ନୋତି ଓ ଚାକିରି ପାଇଁ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)କୁ ସୁପ୍ରିମ୍‌କୋର୍ଟ ବାଧ୍ୟତାମୂଳକ କରିବା ପରେ ଓଟିଇଟି ପରୀକ୍ଷାର ଗୁରୁତ୍ୱ ବହୁଗୁଣିତ ହୋଇଛି। ରାଜ୍ୟରେ ସରକାର ଏହାକୁ କାର୍ଯ୍ୟକାରୀ କରିବା ପରେ ୨ ବର୍ଷ ମଧ୍ୟରେ ଓଟିଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନ ପାରିଲେ ସେମାନଙ୍କ ଚାକିରି ଯିବାର ଆଶଙ୍କା ଥିବାରୁ ଶିକ୍ଷକଙ୍କ ମଧ୍ୟରେ ଆଶା ଆଶଙ୍କା ଲାଗି ରହିଛି। ସୂଚନାଯୋଗ୍ୟ, ପରୀକ୍ଷା ପାଇଁ ଆସନ୍ତା ୧୭ ତାରିଖରୁ ବୋର୍ଡ ୱେବସାଇଟ୍‌ରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ରାଜ୍ୟର ମୋଟ୍ ୭୫ ହଜାର ୪୦୩ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଏହି ପରୀକ୍ଷା ଦେବାକୁ ଆବେଦନ କରିଛନ୍ତି।

**ଦାରିଙ୍ଗବାଡ଼ିରେ ଚାଞ୍ଚଲ୍ୟ**

# ନାବାଳିକାକୁ ଅପହରଣ କରି କାର୍ ଭିତରେ ଦୁଷ୍କର୍ମ

ଦାରିଙ୍ଗବାଡ଼ି, ୭।୯ (ସମିସ): କାର୍ ଭିତରେ ଜଣେ ନାବାଳିକାକୁ ଦୁଷ୍କର୍ମ ଭଳି ଏକ ଲଜ୍ଜାଜନକ ଚିତ୍ର କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଅଞ୍ଚଳରୁ ଆସିଛି। ପୁଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତଜଣଙ୍କ ଫେରାର୍ ହୋଇଯାଇଛି।

ସୂଚନାନୁସାରେ, ନାବାଳିକାଜଣଙ୍କ ଗତ ଅଗଷ୍ଟ ୩୧ରେ ନିଜ ବଡ଼ ଭଉଣୀ ଘରକୁ ବୁଲି ଆସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଭଉଣୀଙ୍କ ଘରଠାରୁ କିଛି ଦୂରରେ ଗଣେଶ ମୂର୍ତ୍ତି ଭସାଣି ପାଇଁ ଶୋଭାଯାତ୍ରା ହେଉଥିଲା। ଭଉଣୀଙ୍କ ସହ ସେ ଶୋଭଯାତ୍ରା ଦେଖିବାକୁ ଯାଇଥିଲେ। ବାଟରେ ଜଣଙ୍କ ଘରେ ନାବାଳିକଜଣଙ୍କ ନିଜର ଜ୍ୟାକେଟ୍ ରଖିଥିଲେ। ଭସାଣି ସରିବା ପରେ ସେ ନିଜ ଜ୍ୟାକେଟ୍ ନେଇ ଫେରୁଥିବା ବେଳେ ସେହି ସମୟରେ ଏକ କାର୍ ତାଙ୍କର ବାଟ ଓଗାଳିଥିଲା। ନାବାଳିକାଜଣଙ୍କ କିଛି ବୁଝିବା ପୂର୍ବରୁ କାର୍ ଭିତରୁ ଜଣେ ଯୁବକ ବାହାରି ତାଙ୍କୁ ଅପହରଣ କରିନେଇଥିଲା। ତାଙ୍କୁ ସେ କାର୍‌ରେ ଦାରିଙ୍ଗବାଡ଼ି ସହର ବାହାରକୁ ନେଇଯିବା ପରେ ଏକ ନିଛାଟିଆ ସ୍ଥାନରେ କାର୍ ଭିତରେ ତାଙ୍କୁ ଦୁଷ୍କର୍ମ କରିଥିଲା।



ତେବେ କାର୍‌ର ଡୋର୍ ଖୋଲିବା ଦେଖି ନାବାଳିକାଜଣଙ୍କ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିଥିଲା। ମାତ୍ର ଅଭିଯୁକ୍ତଜଣଙ୍କ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବା ସହ ଚୁଟିକୁ ଘୋଷାଡ଼ି ଘୋଷାଡ଼ି ପୁଣିଥରେ କାର୍ ଭିତରକୁ ନେଇ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ତେବେ ନାବାଳିକାଜଣଙ୍କ ପରିବାରଲୋକଙ୍କୁ ଏ ସଂପର୍କରେ ଜଣାଇବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପରିତ୍ୟକ୍ତ ଘରେ ନାବାଳିକାକୁ ଦୁଷ୍କର୍ମ

ଡେଲାଙ୍ଗ, ୭।୯ (ସମିସ): ପୁରୀ ଜିଲ୍ଲା ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତ ଅଞ୍ଚଳରେ ୧୨ବର୍ଷୀୟା ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଡେଲାଙ୍ଗ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଜଣଙ୍କ ହେଲା, ସ୍ଥାନୀୟ ଅଞ୍ଚଳର ପଙ୍କଜ ସ୍ୱାଇଁ ଓରଫ କାବୁ।

ସୂଚନା ମୁତାବକ, ନାବାଳିକାଜଣଙ୍କ ଜଣେ ଛେଳିଚରାଳି। ପ୍ରତିଦିନ ଛେଳି ଚରାଇବାକୁ ଯାଆନ୍ତି। ୬ ଦିନ ତଳେ ନାବାଳିକାଜଣଙ୍କ ଛେଳି ଚରାଇବାକୁ ଯାଇଥିବା ବେଳେ ପଙ୍କଜ ତାକୁ ନାନା ପ୍ରଲୋଭନ ଦେଖାଇ ଏକ ନିକାଞ୍ଚନ ଜାଗାକୁ ଡାକି ନେଇଥିଲା। ସେଠାରେ ନାବାଳିକାର ପାଟି ବନ୍ଦ କରି ଏକ ପରିତ୍ୟକ୍ତ ଘରେ ତାକୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏ ସଂପର୍କରେ ନାବାଳିକାଜଣଙ୍କ ତାଙ୍କ ପରିବାରଲୋକଙ୍କୁ ଜଣାଇବା ପରେ ଡେଲାଙ୍ଗ ଥାନାରେ ଅଭିଯୋଗ

**ଡେଲାଙ୍ଗରେ ଲଜ୍ଜା!**

ହୋଇଥିଲା। ତେବେ ଗିରଫଦାରୀ ଭୟରେ ପଙ୍କଜ ଗାଁ ଛାଡ଼ି ଫେରାର୍ ହୋଇଯାଇଥିଲା। ପୁଲିସ ତାକୁ ବ୍ରହ୍ମଗିରି ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଛି। ଆଜି ପୁଲିସ ଦୁହିଁଙ୍କ ଡାକ୍ତରୀମାଇନା କରାଇଛି। ଅନ୍ୟପଟେ, ନାବାଳିକାକୁ ଶିଶୁ ବିକାଶ ପରିଷଦରେ ଛଡ଼ାଯାଇଥିବା ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି।

# ଦିଲ୍ଲୀ ଏମ୍‌ସକୁ ଯାଇପାରନ୍ତି ଅଭିଜିତ

ଭୁବନେଶ୍ୱର, ୭।୯ (ସମିସ): ଏକାଧିକ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିବା ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍‌ସକୁ ଯାଇପାରନ୍ତି। ତାଙ୍କର ଚିକିତ୍ସା ବାବଦ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଆଜି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏମ୍‌ସରେ ଶ୍ରୀ ମଜୁମଦାରଙ୍କୁ ଭେଟିବା ପରେ ଗଣମାଧ୍ୟମରେ ଏହା କହିଛନ୍ତି। ଡ. ମହାଲିଙ୍ଗ ଏମ୍‌ସରେ ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଡାକ୍ତରୀ ଦଳ ସହ ଆଲୋଚନା କରିଛନ୍ତି। ତାଙ୍କର କିଡନୀ ଓ ଲିଭର୍ ସମସ୍ୟାରେ ସୁଧାର ଆସୁଛି। କିନ୍ତୁ ଅଭିଜିତ କଥାବାର୍ତ୍ତା କରୁନାହାନ୍ତି। ଅଧିକ ଚିକିତ୍ସା ଆବଶ୍ୟକ ହେଉଥିବାରୁ ଦରକାର ପଡ଼ିଲେ ତାଙ୍କୁ ଦିଲ୍ଲୀ ସ୍ଥାନାନ୍ତର କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ଏମ୍‌ସର ଡାକ୍ତରୀ ଟିମ୍ ଦିଲ୍ଲୀ ଏମ୍‌ସ ସହ କଥାବାର୍ତ୍ତା ହେବେ। ଆବଶ୍ୟକ ପଡ଼ିଲେ ଅଭିଜିତଙ୍କୁ ଏୟାରଲିଫ୍ଟ କରାଯାଇପାରେ ବୋଲି ଡ. ମହାଲିଙ୍ଗ କହିଛନ୍ତି।

ଗତ ୪ ତାରିଖରେ ଶ୍ରୀ ମଜୁମଦାରଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ସେବେଠାରୁ ତାଙ୍କୁ ଭେଣ୍ଟିଲେଟର୍ ସପୋର୍ଟରେ ରଖାଯାଇଛି। ଆଇସିୟୁ ଓ ଏକମୋ ବିଶେଷଜ୍ଞ ଡାକ୍ତର ଶ୍ରୀକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଜାରି ରହିଛି। ଅଭିଜିତ ଅସ୍ମୋଟିକ୍ ଡିମାଏଲିନେସନ୍ ସିଣ୍ଡ୍ରୋମ୍ (ପୋଣ୍ଟିନ୍ ଓ ଏକ୍ସଟ୍ରାପୋଣ୍ଟିନ୍), ଦ୍ୱିପାକ୍ଷିକ ନିମୋନିଆ, ରକ୍ତ ସଂକ୍ରମଣ (ଏମଡିଆରଓ-ଆସେନଟୋବ୍ୟାକ୍ଟର), କ୍ରୋନିକ୍ ଯକୃତ ରୋଗ, ଡିସେଲେକ୍ଟ୍ରୋଲାଇଟେମିଆ (ହାଇପୋକଲେମିଆ, ହାଇପୋଫସଫେଟେମିଆ, ହାଇପୋମାଗ୍ନେସିମିଆ) ଓ ପୁଷ୍ଟିକର ଅଭାବ (ଭିଟାମିନଡି, ଫୋଲିକ୍ ଏସିଡ୍ ଅଭାବ) ଭଳି ରୋଗରେ ପୀଡ଼ିତ ଥିବା ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ଜଣାପଡ଼ିଛି। ଆଣ୍ଟିବାୟୋଟିକ୍ ଓ ଅନ୍ୟାନ୍ୟ ଯାନ୍ତ୍ରିକ ସହାୟତାରେ ତାଙ୍କର ଚିକିତ୍ସା କରାଯାଉଥିବା ଡାକ୍ତର ଶ୍ରୀକାନ୍ତ ବେହେରା ସୂଚନା ଦେଇଛନ୍ତି।



ଅଭିଜିତ ମଜୁମଦାରଙ୍କ ଆରୋଗ୍ୟ କାମନା କରି ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

# ନାବାଳିକାକୁ ହତ୍ୟା କରି ନାଳରେ ଫିଙ୍ଗିଦେଲେ!

ଅନୁଗୋଳ, ୭।୯ (ସମିସ): ଶନିବାରଠାରୁ ନିଖୋଜ ଥିବା ଅନୁଗୋଳ ସଦର ଥାନା ଶ୍ୟାମସୁନ୍ଦରପୁର ଗ୍ରାମର ଜଣେ ନାବାଳିକାଙ୍କ ଉଲଗ୍ନ ମୃତଦେହ ରବିବାର ଗାଁ ନିକଟ ଭାଲୁଖାଇ ନାଳରୁ ଉଦ୍ଧାର କରାଯାଇଛି। ମୃତକ ହେଲେ, ଅକ୍ଷୟ ସେଠଙ୍କ ସାନ ଝିଅ ଜସ୍ମିନ ସେଠ (୧୧)।

- ନିଖୋଜର ୧୬ଘଣ୍ଟା ପରେ ନାଳରୁ ଉଲଗ୍ନ ଶବ ଉଦ୍ଧାର
- ନ୍ୟାୟ ଦାବିରେ ଟାୟାର ଜାଳି ରାସ୍ତାରୋକ



ତାଙ୍କୁ ହତ୍ୟା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ନ୍ୟାୟ ଦାବିରେ ଗ୍ରାମବାସୀ ଟାୟାର୍ ଜାଳି ଅନୁଗୋଳ-ବନ୍ତଳା ମୁଖ୍ୟ ରାସ୍ତାକୁ ଶାବଳଭଙ୍ଗା ଛକରେ ଅବରୋଧ କରିଛନ୍ତି।

ଶନିବାର ଜସ୍ମିନ ସ୍କୁଲରୁ ଫେରିବା ପରେ ଖେଳିବାକୁ କହି ଘରୁ ବାହାରି ଯାଇଥିଲା। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ଗ୍ରାମବାସୀଙ୍କ ସହ ମିଶି ରାତିତମାମ ଖୋଜାଖୋଜି କରିଥିଲେ ହେଁ ଜସ୍ମିନଙ୍କ ପତ୍ତା ମିଳି ନଥିଲା। ଖବର ପାଇ ପୁଲିସ ମଧ୍ୟ ଗାଁରେ ପହଞ୍ଚି ଖୋଜାଖୋଜି କରିଥିଲା। ତଥାପି ଜସ୍ମିନଙ୍କ ସନ୍ଧାନ ମିଳିନଥିଲା। ତେବେ ଆଜି ସକାଳେ ଜସ୍ମିନଙ୍କ ମୃତଦେହ ଗାଁ ନିକଟ ଭାଲୁଖାଇ ନାଳରେ ଭାସୁଥିବା ତାଙ୍କ ଭାଇ ଦେଖିବାକୁ ପାଇଥିଲେ। ଜସ୍ମିନଙ୍କ ଶରୀରରେ କ୍ଷତଚିହ୍ନ ରହିଥିଲା। କେଉଁ ପରିସ୍ଥିତିରେ ତାଙ୍କ ମୃତ୍ୟୁ ହେଲା, ତାହା ଅସ୍ପଷ୍ଟ ଥିବା ବେଳେ ପୁଲିସ ତୁରନ୍ତ ଘଟଣା ଉପରୁ ପରଦା ହଟାଇବା ପାଇଁ ଲୋକେ ଦାବି କରିଛନ୍ତି। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**୨୨ତମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି**

# ବସନ୍ତ ବିଶ୍ୱାଳ ଥିଲେ ଆଧୁନିକ ଓଡ଼ିଶାର ନିର୍ମାତା

ଭୁବନେଶ୍ୱର, ୭।୯ (ସମିସ): ବସନ୍ତ ବିଶ୍ୱାଳ ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ। ରାଜ୍ୟର ସାମଗ୍ରିକ ବିକାଶକୁ ସେ ପ୍ରାଥମିକତା ଦେଉଥିଲେ। କୃଷି କ୍ଷେତ୍ରରୁ ଆରମ୍ଭ କରି ଜଳସେଚନ, ଭିତ୍ତିଭୂମି, ସଡ଼କ, ସେତୁ ଆଦି ନିର୍ମାଣ କରିବା ଏବଂ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ଉପରେ ଗୁରୁତ୍ୱ ଦେଉଥିଲେ। ରାଜ୍ୟର ବହୁବିଧ ବିକାଶରେ ତାଙ୍କର ଅନନ୍ୟ ଯୋଗଦାନ ଥିଲା। ଆଜିର ରାଜନୀତିରେ ତାଙ୍କ ଭଳି ବ୍ୟକ୍ତିତ୍ୱ ବିରଳ। ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ଆୟୋଜିତ ରାଜ୍ୟର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀରେ ଯୋଗଦେଇଥିବା ଅତିଥିମାନେ ଆଜି ଏପରି ମତ ରଖିଛନ୍ତି।

ରାଜ୍ୟସ୍ତରୀୟ କର୍ମଯୋଗୀ ବସନ୍ତ କୁମାର ବିଶ୍ୱାଳ ସ୍ମୃତି କମିଟିର ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଥିଲେ ଯେ ବସନ୍ତ ବାବୁ ଯାହା କହନ୍ତି, ତାହାକୁ କାମରେ କରି ଦେଖାନ୍ତି। କଟକର ରିଙ୍ଗ୍‌ରୋଡ୍ ତାଙ୍କ ସମୟର ଶ୍ରେଷ୍ଠ କାର୍ଯ୍ୟ। ସ୍ୱର୍ଗତ ବିଶ୍ୱାଳ ରାଜନୀତିରେ ସବୁବେଳେ ଅମର ହୋଇ ରହିବେ। ସମ୍ମାନିତ ଅତିଥି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଥିଲେ, ସ୍ୱର୍ଗତ ବିଶ୍ୱାଳ ଅତ୍ୟନ୍ତ ସ୍ପଷ୍ଟବାଦୀ ନେତା ଥିଲେ। ତାଙ୍କ ଭିତରେ କପଟତା ନ ଥିଲା। ସଠିକ୍ ନିଷ୍ପତ୍ତି ନେବାରେ ତାଙ୍କର ପାରଦର୍ଶିତା ଥିଲା। ରିଙ୍ଗ୍‌ରୋଡ୍ ପାଇଁ କଟକବାସୀ ତାଙ୍କୁ ସବୁବେଳେ ମନେ ରଖିବେ। ସେ ସମସ୍ତଙ୍କ ସଙ୍ଗେ ମିଳିମିଶି କାମ କରୁଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ସମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ କହିଥିଲେ, ସ୍ୱର୍ଗତ ବିଶ୍ୱାଳ ଜଣେ ଗଭୀର ଅନୁଚିନ୍ତକ ଥିଲେ। ସେ ପୂର୍ତ୍ତ ମନ୍ତ୍ରୀ ଥିଲା ବେଳେ ତାଙ୍କୁ 'ସୁପର ଚିଫ୍-ମିନିଷ୍ଟରଡ଼' ବୋଲି ସମ୍ବୋଧନ କରାଯାଏ। କଟକ ଏବଂ ସମ୍ବଲପୁରରେ ରିଙ୍ଗରୋଡ୍ ନିର୍ମାଣ ତାଙ୍କର ଶ୍ରେଷ୍ଠ କାର୍ଯ୍ୟ। ସେ ରାଜୀବ ଭବନକୁ ସମୟ ଅବଧି ପୂର୍ବରୁ ନିର୍ମାଣ କରି ଏକ ଉଦାହରଣ ସୃଷ୍ଟି କରିଥିଲେ। ରାଜ୍ୟ ନିର୍ମାଣରେ ତାଙ୍କର ବହୁତ ଅବଦାନ ରହିଛି। ଅନ୍ୟତମ ଅତିଥି ଦୈନିକ 'ସମୟ'ର ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ତାଙ୍କ ଦୁଃସାହସିକ ବ୍ୟକ୍ତିତ୍ୱକୁ ପ୍ରଶଂସା କରିଥିଲେ। ସ୍ମୃତି କମିଟିର ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର କହିଥିଲେ ଯେ ସ୍ୱର୍ଗତ ବିଶ୍ୱାଳ ରାଜଧାନୀ ଭୁବନେଶ୍ୱରର ମୂଳଦୁଆ ପକାଇଥିଲେ। ସେ ଯେଉଁ ଅନୁଷ୍ଠାନ ନିର୍ମାଣ କରିଛନ୍ତି, ତାହା ଆଜି ପର୍ଯ୍ୟନ୍ତ ଶିଖର ଛୁଉଁଛି। କଂଗ୍ରେସ ନେତା ମାନସ ଚୌଧୁରୀ ସ୍ୱଗତ ଭାଷଣ ପ୍ରଦାନ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ 'ସମୟ'ର ପ୍ରକାଶକ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ପୁରସ୍କୃତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଶତାୟୁ ପୁରୁଷ ତଥା ବିଶିଷ୍ଟ ଗାନ୍ଧୀବାଦୀ ଓ ସମାଜସେବୀ ପଦ୍ମଚରଣ ନାୟକ, ପୂର୍ବତନ ବରିଷ୍ଠ ପ୍ରଶାସକ ପ୍ରସନ୍ନ କୁମାର ମିଶ୍ର, ବିଶିଷ୍ଟ ସାହିତ୍ୟିକା ପ୍ରଫେସର୍ ମନୋରମା ବିଶ୍ୱାଳ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ସ୍କାଉଟ୍ସ ଗାଇଡ୍ସ ସଂଗଠନ ସମ୍ପାଦକ ସରୋଜ ଚନ୍ଦ୍ର ପାଇକରାୟ ଓ ଧାବକ ଅମିୟ କୁମାର ମଲ୍ଲିକଙ୍କୁ ସମ୍ମାନିତ କରାଯାଇଥିଲା। 'ସମୟ'ର ନିର୍ଦ୍ଦେଶିକା ଅନିତା ମହାନ୍ତି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।




# ଆଜିଠୁ ପିତୃପକ୍ଷ ଆରମ୍ଭ

ପୁରୀ, ୭।୯ (ସମିସ): ସୋମବାରଠାରୁ ଆରମ୍ଭ ହେବ ପିତୃପକ୍ଷ। ଏହା ୧୫ଦିନ ଅର୍ଥାତ୍ ମହାଳୟା ପର୍ଯ୍ୟନ୍ତ ଚାଲିବ। ତେବେ ଏହି ପିତୃପକ୍ଷରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ଏଥିଲାଗି ଶ୍ରୀକ୍ଷେତ୍ରରେ ଅନେକ ଶ୍ରଦ୍ଧାଳୁ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧିରେ ତିଳତର୍ପଣ ଏବଂ ପିଣ୍ଡଦାନ କରିଥାନ୍ତି। ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ସେମାନେ ସ୍ନାନ କରି ତିଳତର୍ପଣ କରିଥା'ନ୍ତି। ବିଶ୍ୱାସ ରହିଛି, ଏହି ପକ୍ଷରେ ପିତୃଗଣ କୌଣସି ନା କୌଣସି ରୂପରେ ଆମ୍ଭମାନଙ୍କ ପାଖକୁ ଆସନ୍ତି ଏବଂ ଆଶୀର୍ବାଦ ପ୍ରଦାନ କରିଥା'ନ୍ତି। ଏହି ପିତୃପୁରୁଷଙ୍କୁ ଦୀପାବଳି ଅମାବାସ୍ୟା ଦିନ 'ଅନ୍ଧାରରେ ଆସି ଆଲୁଅରେ ଯାଅ' ବୋଲି କୁହାଯାଇ ବିଦାୟ ଦିଆଯାଏ। ଧାର୍ମିକ ଗ୍ରନ୍ଥ ଅନୁସାରେ ପାରିବାରିକ କଲ୍ୟାଣ ଓ ପିତୃପୁରୁଷଙ୍କ ଆତ୍ମାଶାନ୍ତି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ କର୍ମ କରିବା ଉଚିତ। ବିଧିପୂର୍ବକ ଶ୍ରାଦ୍ଧ କଲେ ପିତୃପୁରୁଷ ଆଶୀର୍ବାଦ କରିଥା'ନ୍ତି।

**ରାଜ୍ୟରେ ସେମିକଣ୍ଡକ୍ଟର୍ କ୍ଲଷ୍ଟର୍ ପାଇଁ ପ୍ରକ୍ରିୟା ଆରମ୍ଭ**

# ରାଜଧାନୀରେ ୧୦୦୦ ଏକର ଜମି ଚିହ୍ନଟ

ଭୁବନେଶ୍ୱର, ୭।୯ (ସମିସ): ରାଜ୍ୟକୁ ସେମିକଣ୍ଡକ୍ଟର୍ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ନିକଟରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୪୦୦୦ କୋଟି ଟଙ୍କାର ସେମିକଣ୍ଡକ୍ଟର୍ ପ୍ରକଳ୍ପ ମଞ୍ଜୁର କରିଥିବା ବେଳେ ରାଜ୍ୟ ସରକାର ନିଜ ଆଡୁ ମଧ୍ୟ ୨ଟି ପ୍ରକଳ୍ପ ସ୍ଥାପନ ପାଇଁ ଏମ୍ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ୨ଟି ପ୍ରକଳ୍ପରେ ୨୬୦୦ କୋଟି ଟଙ୍କା ନିବେଶ କରାଯିବ। ସେମିକଣ୍ଡକ୍ଟର୍ କ୍ଷେତ୍ରରେ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ରାଜ୍ୟ କରିବାକୁ ରାଜ୍ୟ ସରକାର ଦୂରଗାମୀ ଲକ୍ଷ୍ୟ ନେଇ ଆଗକୁ ବଢ଼ୁଛନ୍ତି। ଏହି କ୍ରମରେ ସରକାର ଭୁବନେଶ୍ୱର ବିମାନବନ୍ଦର ପାଶ୍ୱବର୍ତ୍ତୀ ଅଞ୍ଚଳରେ ୧୦୦୦ ଏକର ଜମି ଚିହ୍ନଟ କରିଛନ୍ତି। ଏହି ଜାଗାରେ ଗ୍ରୀନଫିଲ୍ଡ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର୍ ପ୍ରତିଷ୍ଠା କରାଯିବ।

ମିଳିଥିବା ସୂଚନାନୁଯାୟୀ, ରାଜ୍ୟ ସରକାର ଏହି କ୍ଲଷ୍ଟର ପ୍ରତିଷ୍ଠା ପାଇଁ ମାଲେସିଆର ଇଞ୍ଜିନିୟରିଂ ବିଶେଷଜ୍ଞଙ୍କ ସହ ଆଲୋଚନା ଆରମ୍ଭ କରିଛନ୍ତି। ସବୁ କିଛି ଯୋଜନା ଅନୁସାରେ କାର୍ଯ୍ୟନ୍ୱୟନ ହେଲେ ଖୁବ୍‌ଶୀଘ୍ର ଏହି କ୍ଲଷ୍ଟର୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

**୨୦୩୦ ସୁଦ୍ଧା ୧୨୦ ଚିପ୍ ଡିଜାଇନ୍ କମ୍ପାନୀକୁ ଆକୃଷ୍ଟ କରିବା ଲକ୍ଷ୍ୟ**

ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ଗତ ଅଗଷ୍ଟ ମାସରେ ଓଡ଼ିଶା ପାଇଁ ଯେଉଁ ୨ଟି ସେମିକଣ୍ଡକ୍ଟର୍ ପ୍ରକଳ୍ପ ମଞ୍ଜୁର କରିଥିଲେ, ସେଥିରୁ ଗୋଟିଏ ସିକସେମ୍ କମ୍ପାନୀର ପ୍ରକଳ୍ପ ରହିଛି। ଭୁବନେଶ୍ୱରରେ ସିକସେମ ସିଲିକନ କାର୍ବାଇଡ ଆଧାରିତ କମ୍ପାଉଣ୍ଡ ସେମିକଣ୍ଡକ୍ଟର୍ ଫେବ୍ରିକେସନ୍ ୟୁନିଟ୍ ସହ ଏକ ଏଟିଏମପି (ଆସେମ୍ବ୍ଲି, ଟେଷ୍ଟିଂ, ମାର୍କେଟିଂ, ପ୍ୟାକେଜିଂ) ୟୁନିଟ୍ ପ୍ରତିଷ୍ଠା କରିବ। ଏହାର ଚିପ୍ ଫେବ୍ରିକେସନ୍ କ୍ଷମତା ବାର୍ଷିକ ୬୦ ହଜାର ୱେଫର୍ ରହିବାକୁ ଥିବା ବେଳେ ଏଟିଏମପି ପ୍ଲାଣ୍ଟର କ୍ଷମତା ୯୬ ନିୟୁତ ୟୁନିଟ୍ ରହିବ ବୋଲି ଜଣାପଡ଼ିଛି। ଆସନ୍ତା ଅକ୍ଟୋବରରେ ସିକସେମ କମ୍ପାନୀର ଶିଳାନ୍ୟାସ କରାଯିବ। ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଚିହ୍ନଟ ସରିଥିବା ବେଳେ ଅନ୍ୟାନ୍ୟ ପ୍ରକ୍ରିୟା ବର୍ତ୍ତମାନ ଜାରି ରହିଥିବା ଜଣାପଡ଼ିଛି। ସେହିପରି ଦ୍ୱିତୀୟ ପ୍ରକଳ୍ପଟି ନ୍ୟୁ-ମେକ୍ସିକୋର୍ ୩-ଡି ଗ୍ଲାସ୍ ସଲ୍ୟୁସନ୍ ପ୍ରତିଷ୍ଠା କରିବ। ଏହି କମ୍ପାନୀ ଏଟିଏମ୍‌ପି ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଥିବା ବେଳେ ଏହାର ବାର୍ଷିକ କ୍ଷମତା ୫୦ ନିୟୁତ ୟୁନିଟ୍ ରହିବ। ସେହିପରି ଏହା ବାର୍ଷିକ ୭୦ ହଜାର ଗ୍ଲାସ୍ ପ୍ୟାନେଲ ଉତ୍ପାଦନ କରିବ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ନୂଆ ସେମିକଣ୍ଡକ୍ଟର୍ ନୀତି ଅନୁଯାୟୀ ଆସନ୍ତା ୨୦୩୦ ସୁଦ୍ଧା ପ୍ରାୟ ୧୦୦ରୁ ୧୨୦ ଚିପ୍ ଡିଜାଇନ କମ୍ପାନୀକୁ ଓଡ଼ିଶାରେ ନିବେଶ ପାଇଁ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି।

# ଦୁର୍ଘଟଣାରେ ଗଲା ୪ ଜୀବନ

## ଟ୍ରେଲରକୁ ପଛରୁ ପିଟିଲା ବାଇକ୍: ୨ ମୃତ

ରାଉରକେଲା, ୭।୯ (ସମିସ): ସ୍ଥାନୀୟ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ରାଣୀବନ୍ଧ ନିକଟ ୧୦ ନମ୍ବର ରାଜ୍ୟ ରାଜପଥରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କାଂଶବାହାଲ ଅଞ୍ଚଳର ଜସବିର ବେଗ ଓ ସୋନାଖାନ ଅଞ୍ଚଳର ରୋହିତ ମାଝୀ। ଆଜି ଦୁହେଁ ଏକ ବାଇକ୍‌ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଟ୍ରେଲର୍‌କୁ ପଛରୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଘୋଷଣା କରିଥିଲେ। ରାଜଗାଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପଥଚାରୀଙ୍କୁ ଧକ୍କା ଦେଲା ବାଇକ୍

ଫିରିଙ୍ଗିଆ, ୭।୯ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ସାଡିଙ୍ଗିଆ ବିଏସ୍ଏଫ୍ କ୍ୟାମ୍ପ ନିକଟରେ ଆଜି ଏକ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ସାଡ଼ିଙ୍ଗିଆ ଗାଁର ଦାସେବନ କହଁର ଓ ବାଲିଗୁଡ଼ା ଥାନା ବାଟାଗୁଡ଼ା ପଞ୍ଚାୟତ ପୁସାଙ୍ଗିଆ ଗାଁର ଶଶିକାନ୍ତ ପ୍ରଧାନ। ସେହିଭଳି ଏହି ଦୁର୍ଘଟଣାରେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଦ୍ୱୟଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।




ସୂଚନାନୁସାରେ, ଦୁଇ ଦିନ ତଳେ ସ୍ତ୍ରୀ ଓ ପିଲାଙ୍କୁ ଧରି ଶଶିକାନ୍ତ ଶଶୁରଘର ସୁମେରବନ୍ଧ ପଞ୍ଚାୟତର ବଜଡ଼ି ଗାଁକୁ ଆସିଥିଲେ। ଶନିବାର ସନ୍ଧ୍ୟାରେ ସେ ୨ଶଳାଙ୍କ ସହ ବାଇକ୍‌ରେ ସାଡ଼ିଙ୍ଗିଆ ବଜାରକୁ ଯାଇ ରାତି ପ୍ରାୟ ୯ଟାରେ ଫେରୁଥିଲେ। ଶଶିକାନ୍ତ ବାଇକ୍‌ରେ ବସିଥିବା ବେଳେ ସାନ ଶଳା ଚଳାଉଥିଲେ। ସାଡ଼ିଙ୍ଗିଆ ବିଏସ୍ଏଫ୍ କ୍ୟାମ୍ପ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ବଜାରରୁ କାମ ସାରି ଘରକୁ ଚାଲିଚାଲି ଫେରୁଥିବା ଦାସେବନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଦାସେବନଙ୍କ ସେଠାରେ ମୃତ୍ୟୁ ହୋଇଯାଇଥିଲା। ଶଶିକାନ୍ତ ମଧ୍ୟ ବାଇକ୍‌ରୁ ଛିଟିକି ପଡ଼ି ପ୍ରାଣ ହରାଇଥିବା ବେଳେ ତାଙ୍କର ଦୁଇ ଶଳା ଗୁରୁତର ଆହତ ହୋଇଥିଲେ।

ମୃତକଦ୍ୱୟ ଶ୍ରମିକ ଶ୍ରେଣୀର। ଶଶିକାନ୍ତ ମୁମ୍ବାଇର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରନ୍ତି। ନୂଆଁଖାଇ ଅବସରରେ ସେ ଘରକୁ ଆସିଥିଲେ। ତାଙ୍କର ଦୁଇଟି ଛୋଟ ଛୋଟ ଝିଅ ଅଛନ୍ତି। ଦୁର୍ଘଟଣା ପରେ ଉଭୟ ପରିବାରରେ ଶୋକର ଛାୟା ଖେଳି ଯାଇଛି। ଫିରିଙ୍ଗିଆ ଏଏସ୍ଆଇ ପ୍ରିୟରଞ୍ଜନ ନାଏକ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ବେପରୁଆ ଓ ଦ୍ରୁତ ଗାଡ଼ିଚାଳନା ପାଇଁ ଦୁର୍ଘଟଣା ଘଟିଥିବା ମୃତ ଦାସେବନ କହଁରଙ୍କ ବଡ଼ଭାଇ ତିଳେସନ ଥାନାରେ ଅଭିଯୋଗ କରିଛନ୍ତି।

**ସରକାରଙ୍କ ଆଦିବାସୀ ଚିନ୍ତା ଏମିତି...**

# ଶିକ୍ଷାବର୍ଷକୁ ୬ମାସ ବିତିଲା; ମିଳିଲାନି ପ୍ରାକ୍-ମାଟ୍ରିକ୍ ବୃତ୍ତି

- ଗଣଶିକ୍ଷା ବିଭାଗ ଛାତ୍ରଛାତ୍ରୀଙ୍କୁ ମୂଳରୁ ମିଳିନି
- କରଜ କରି ପ୍ରଧାନଶିକ୍ଷକ ଚଳାଉଛନ୍ତି ଛାତ୍ରାବାସ

ଭୁବନେଶ୍ୱର,୭।୯(ସମିସ): ଆଦିବାସୀଙ୍କ ପାଇଁ ସବୁବେଳେ କୋଷାଗାର ଖୋଲା ରହିଥିବା ରାଜ୍ୟ ସରକାର କହୁଛନ୍ତି। ଆଦିବାସୀଙ୍କ କଲ୍ୟାଣ ପାଇଁ ଅର୍ଥର ଅଭାବ ହେବ ନାହିଁ ବୋଲି ବିଭାଗୀୟ ମନ୍ତ୍ରୀ ବଖାଣୁଛନ୍ତି। ହେଲେ ଅନୁସୂଚିତି ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କୁ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ପ୍ରଦାନ କରୁ ନାହାନ୍ତି। ଚଳିତ ଶିକ୍ଷାବର୍ଷକୁ ୬ମାସ ବିତିଥିଲେ ମଧ୍ୟ ନିୟମିତ ଅନୁଦାନ ମିଳିପାରିନାହିଁ। ଫଳରେ ଅଧିକାଂଶ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରାବାସରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ବାଧ୍ୟବାଧକତା ଦୃଷ୍ଟିରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ କର୍ତ୍ତୃପକ୍ଷ କରଜ କରି ପିଲାଙ୍କ ଖାଦ୍ୟ ବ୍ୟବସ୍ଥା କରୁଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଚଳିତ ଶିକ୍ଷାବର୍ଷ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପରିଚାଳିତ ବିଦ୍ୟାଳୟରେ ମାତ୍ର ୨ମାସର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଏପ୍ରିଲ୍ ଓ ମେ'ର ଅନୁଦାନ ପ୍ରଦାନ କରାଯାଇଥିବା ବେଳେ ଆଉ ତିନିମାସର ଅନୁଦାନ ଦିଆଯାଇନି। ହେଲେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏହି ଅର୍ଥ ମୂଳରୁ ଦିଆଯାଇନାହିଁ। ଅର୍ଥାତ୍ ଶିକ୍ଷାବର୍ଷକୁ ୬ମାସ ବିତିଥିଲେ ମଧ୍ୟ ଅନୁଦାନ ପ୍ରଦାନ କରିବାରେ ସରକାର ଟାଳଟୁଳ ନୀତି ଜାରି ରଖିଛନ୍ତି। ବାଧ୍ୟବାଧକତା ଦୃଷ୍ଟିରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ କର୍ତ୍ତୃପକ୍ଷ କରଜ କରି ପିଲାଙ୍କ ଖାଦ୍ୟ ବ୍ୟବସ୍ଥା କରୁଛନ୍ତି।

ଏହି ଛାତ୍ରବୃତ୍ତି ଅଧୀନରେ ଛାତ୍ରମାନଙ୍କୁ ମାସିକ ୧୦୫୦ ଟଙ୍କା ଓ ଛାତ୍ରୀଙ୍କୁ ୧୧୦୦ ଟଙ୍କା ଦିଆଯାଉଛି, ଯାହା ସମୁଦ୍ରକୁ ଶଙ୍ଖେ ବୋଲି ଅଭିଯୋଗ ହେଉଛି। ମଧ୍ୟାହ୍ନରେ ଓ ରାତିରେ ୨ଟି ମିଲ୍ ସମେତ ସକାଳେ ଓ ଅପରାହ୍ଣରେ ୨ଥର ଜଳଖିଆ ପ୍ରଦାନ କରାଯାଉଛି। ଅର୍ଥାତ୍ ଦିନକୁ ୪ଥର ଅର୍ଥାତ୍ ମାସକୁ ୧୨୦ଥର ପିଲାମାନେ ଖାଉଛନ୍ତି। ପ୍ରତିଥର ଖାଇବା ପିଛା ୮ରୁ ୯ଟଙ୍କା ମଧ୍ୟରେ ପଡୁଛି। ଏହି ଅନୁଦାନ ବଢ଼ାଇବା ପାଇଁ ତତ୍କାଳୀନ ବିଜେଡି ସରକାର କେନ୍ଦ୍ର ନିକଟରେ ବାରମ୍ବାର ଦାବି କରିଥିଲା। ହେଲେ ଅନୁଦାନ ବଢ଼ାଇବାକୁ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଲେ ନାହିଁ। ଅନ୍ୟପକ୍ଷରେ, ଯେତିକି ଅନୁଦାନ ମିଳିବା କଥା ସେତିକି ମଧ୍ୟ ଠିକ୍ ସମୟରେ ଦେଉନଥିଲେ। ହେଲେ ପିଲାମାନଙ୍କ ପାଠପଢ଼ାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନିଜ ପାଣ୍ଠିରୁ ତାହାକୁ ଶିକ୍ଷାବର୍ଷ ଆରମ୍ଭରୁ ପ୍ରଧାନଶିକ୍ଷକଙ୍କ ଆକାଉଣ୍ଟକୁ ପଠାଇ ଦେଉଥିଲେ। ମାତ୍ର ଏବେ ଶିକ୍ଷାବର୍ଷ ଆରମ୍ଭ ହେବାର ୬ ମାସ ପରେ ମଧ୍ୟ ପିଲାଙ୍କୁ ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ପ୍ରଦାନ କରାଯାଇ ନ ଥିବାରୁ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଆଦିବାସୀ ପିଲାଙ୍କୁ ସୁଷମ ଖାଦ୍ୟ ପ୍ରଦାନ କରିବାରେ ସରକାର ବିଫଳ ହୋଇଥିବା ଅଭିଯୋଗ କରିବା ସହ ଛାତ୍ରଛାତ୍ରୀଙ୍କ ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶରେ ଏହା ପ୍ରତିବନ୍ଧକ ହେଉଥିବା ଅଭିଯୋଗ କରିଛନ୍ତି।

■ ଏସ୍‌ସି ଓ ଏସ୍‌ଟି ମାମଲାରେ ଥାନା ଅଧିକାରୀ ଓ ଏସ୍ଆଇଙ୍କୁ ତଦନ୍ତ କ୍ଷମତା ନିଷ୍ପତ୍ତି

# ଆଇନକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର: କଂଗ୍ରେସ

ଭୁବନେଶ୍ୱର,୭।୯(ସମିସ): ରାଜ୍ୟରେ ଏସ୍‌ସି ଓ ଏସ୍‌ଟି ଜନିତ ମାମଲାରେ ଥାନା ଅଧିକାରୀ ଓ ଏସ୍ଆଇଙ୍କୁ ତଦନ୍ତ ଅଧିକାର ପ୍ରଦାନ କରାଯାଇଛି। ଗତ ୩୦ ତାରିଖରେ ରାଜ୍ୟ ସରକାର ଏନେଇ ଏକ ବିଜ୍ଞପ୍ତି ଜାରି କରିଥିବା ବେଳେ କଂଗ୍ରେସ ଦଳ ଏଭଳି ନିଷ୍ପତ୍ତିକୁ ବିରୋଧ କରିଛି।



ବିଜ୍ଞପ୍ତି ପ୍ରତ୍ୟାହାର ନ ହେଲେ ରାସ୍ତାକୁ ଓହ୍ଲାଇବ ଦଳ

ଦଳ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ମାନସ କୁମାର ମଲ୍ଲିକ କହିଛନ୍ତି ଯେ ଏହା ଏକ କେନ୍ଦ୍ରୀୟ ଆଇନ। ଏହାର ସଂଶୋଧନ ବା ପରିବର୍ତ୍ତନ ପାଇଁ ସଂସଦକୁ ଅଧିକାର ମିଳିଛି। ଏହି ଆଇନର ନିୟମ ୭ ଅନ୍ତର୍ଗତ ବ୍ୟବସ୍ଥା ମୁତାବକ, କୌଣସି ମାମଲା ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରାକରଣ ଆଇନ ଅଧୀନରେ ପଞ୍ଜିକୃତ ହେଲେ ନିୟମ ୭ ଅନୁସାରେ ଜଣେ ଡିଏସ୍‌ପି କିମ୍ବା ତଦୂର୍ଦ୍ଧ୍ୱ ପାହ୍ୟା ପୁଲିସ ପଦାଧିକାରୀଙ୍କୁ ମାମଲାର ଅନୁସନ୍ଧାନ ଦାୟିତ୍ୱ ଦିଆଯିବାର ବ୍ୟବସ୍ଥା ରହିଛି। କିନ୍ତୁ ଗୃହ ବିଭାଗ ବେଆଇନ ଭାବେ ଏହି ନିୟମ ୭ର ବ୍ୟବସ୍ଥାକୁ ପରିବର୍ତ୍ତନ କରି ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହାଦ୍ୱାରା ଥାନାମାନଙ୍କରେ ରହୁଥିବା ନିରୀକ୍ଷକ ଓ ଉପନିରୀକ୍ଷକମାନେ କ୍ଷତିଗ୍ରସ୍ତ ଏତଲାକାରୀମାନଙ୍କୁ ନ୍ୟାୟ ଦେବାରେ ବିଫଳ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷେ ଅତ୍ୟାଚାର କରୁଥିବା ଆସାମୀମାନେ ଏହାଦ୍ୱାରା ପରୋକ୍ଷରେ ପ୍ରୋତ୍ସାହନ ପାଇ ଅଧିକ ଅତ୍ୟାଚାର ଘଟାଇବେ। ଏହି ନିୟମଟିକୁ କୋହଳ କରି ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ବର୍ଗର କ୍ଷତିଗ୍ରସ୍ତ ଓ ଅତ୍ୟାଚାରିତ ଲୋକଙ୍କୁ ନ୍ୟାୟରୁ ବଞ୍ଚିତ କରିବା ପାଇଁ ଷଡ଼ଯନ୍ତ୍ର କରିଛନ୍ତି ବୋଲି ସେ କହିଛନ୍ତି। ବିଜେପି ସରକାର ଏହି ବିଜ୍ଞପ୍ତିର ପ୍ରତ୍ୟାହାର କରିବାକୁ ପ୍ରଦେଶ କଂଗ୍ରେସ ଦାବି କରିଛି। ନଚେତ୍ ଓଡ଼ିଶା ପ୍ରଦେଶ କଂଗ୍ରେସର ରାଜ୍ୟ ଅନୁସୂଚିତ ଜାତି ବିଭାଗ ରାଜରାସ୍ତାକୁ ଓହ୍ଲାଇବ ବୋଲି ଦଳ ଚେତାବନୀ ଦେଇଛି।

# ଭୁଶୁଡ଼ିଲା ପ୍ଲାନେଟାରିୟମ୍ ପାଚେରି

## ୪ଟି ବାଇକ୍ ଓ ସ୍କୁଟି ଭାଙ୍ଗିଗଲା



ଭୁବନେଶ୍ୱର,୭।୯(ସମିସ): ଆଚାର୍ଯ୍ୟ ବିହାରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ର ପାଚେରି ଆଜି ଭୁଶୁଡ଼ି ପଡ଼ିଛି। ଏଥିରେ ପାଚେରି କଡ଼ରେ ପାର୍କିଂ ହୋଇଥିବା ୪ଟି ବାଇକ୍ ଓ ଗୋଟିଏ ସ୍କୁଟି ଭାଙ୍ଗି ଯାଇଥିବା ବେଳେ ପାଖ ବସ୍‌ଷ୍ଟପ୍‌ରେ ଛିଡ଼ା ହୋଇଥିବା ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଲଗାଣ ବର୍ଷା ଯୋଗୁଁ ପାଚେରିଟି ଭୁଶୁଡ଼ି ପଡ଼ିଥିବା କୁହାଯାଉଛି। ସ୍ଥାନୀୟ ଲୋକଙ୍କ କହିବା କଥା, ଦୁଇବର୍ଷ ହେବ ପାଚେରି ଅଣେଇ ହୋଇ ରହିଥିଲା। କିନ୍ତୁ କର୍ତ୍ତୃପକ୍ଷ ଏହାର ମରାମତି କରିନଥିଲେ। ଫଳରେ ଆଜି ଏହି ପାଚେରି ଭାଙ୍ଗିଯାଇଥିଲା। ଭୁଶୁଡ଼ିବା ପରେ ସ୍ଥାନୀୟ ଲୋକେ ଜୀବନ ବିକଳରେ ଏଣେତେଣେ ଦୌଡ଼ିଥିଲେ। ପ୍ଲାନେଟାରିୟମ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ ହେଉଛି। କିଛି ଦିନ ତଳେ ଟ୍ରେଜେରି ଅଫିସ୍ ପାଚେରି ଭୁଶୁଡ଼ି ୬ରୁ ଅଧିକ କାର୍ ଭାଙ୍ଗିଯାଇଥିଲା।

# ରାଜ୍ୟ ସୋସିଆଲ ମିଡିଆ କମିଟି ବିସ୍ତାର କଲା କଂଗ୍ରେସ

ଭୁବନେଶ୍ୱର, ୭।୯(ସମିସ): ଏଆଇସିସି ଏବଂ ପିସିସିର ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତାର ଉପଯୁକ୍ତ ପ୍ରସାରଣ ଏବଂ ପ୍ରଚାର ପାଇଁ ରାଜ୍ୟ ସୋସିଆଲ ମିଡିଆ କମିଟିକୁ କ୍ରିୟାଶୀଳ କରିବାକୁ ଅଣ୍ଟା ଭିଡ଼ିଛି କଂଗ୍ରେସ। ଏଥିପାଇଁ ଦଳ ପକ୍ଷରୁ ୩୮ ଜଣିଆ ଏକ ସାମାଜିକ ଗଣମାଧ୍ୟମ ବିଭାଗ ଟିମ୍ ଗଠନ ହୋଇଛି। ବିଭାଗର ଅଧ୍ୟକ୍ଷ ବିଧାୟକ ସତ୍ୟଜିତ ଗମାଙ୍ଗୋ ଏହି ନିଯୁକ୍ତି ତାଲିକା ଘୋଷଣା କରିଛନ୍ତି। କମିଟିରେ ମାନସ ଆଚାର୍ଯ୍ୟ, ମୁକେଶ ଅଗ୍ରୱାଲ, ଶ୍ୟାମ ଅଗ୍ରୱାଲ, ରଷିରାଜ୍ ସାହୁ, ସୁବାସ ନାୟକ, କୈଳାଶ ସାହୁ, ଆଦିତ୍ୟ କିରଣ ନାଗ, ମାହେପରା ନିଖତ୍, ମାନସ ପରିଡ଼ା, ଦିବ୍ୟଜ୍ୟୋତି ତ୍ରିପାଠୀ, ରମାକାନ୍ତ ମଙ୍ଗରାଜ, ଅଞ୍ଜାନ କୁମାର ସିଂହ, ଝରିଆ ନାୟକ ପ୍ରମୁଖ ସଦସ୍ୟ/ସଦସ୍ୟା ଭାବେ ରହିଛନ୍ତି। ଏହି ଅବସରରେ ଶ୍ରୀ ଗମାଙ୍ଗୋ ନବନିଯୁକ୍ତ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଦଳୀୟ ବିଚାରଧାରା ଏବଂ ଦଳୀୟ ନେତୃତ୍ୱର ସମସ୍ତ ପ୍ରୟାସର ଉପଯୁକ୍ତ ପ୍ରଚାର, ପ୍ରସାର କରିବା ପାଇଁ ସେମାନଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି।

# ଶ୍ରୀମନ୍ଦିରରେ ଇନ୍ଦ୍ର, ଗୋବିନ୍ଦ ବନ୍ଦାପନା

ପୁରୀ,୭।୯(ସମିସ): ଶ୍ରୀମନ୍ଦିରରେ ରବିବାର ଭାଦ୍ରବ ପୂର୍ଣ୍ଣିମା ନୀତି ପାଳିତ ହୋଇଛି। ଏହି ପବିତ୍ର ତିଥିରେ ଇନ୍ଦ୍ର, ଗୋବିନ୍ଦ ବନ୍ଦାପନା ନୀତି ସମ୍ପନ୍ନ ହୋଇଛି। ଚନ୍ଦ୍ରଗ୍ରହଣ ଯୋଗୁଁ ଏହି ନୀତି ବେଶ୍ ସଅଳ ହୋଇଛି। ଛତିଶା ନିଯୋଗ ଏବଂ ପରିଚାଳନା କମିଟିର ବୈଠକରେ ଚନ୍ଦ୍ରଗ୍ରହଣ ପାଇଁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ହୋଇଥିଲା। ସେହି ଅନୁଯାୟୀ, ଶନିବାର ରାତି ୨ଟା ୨୦ରେ ଦ୍ୱାର ଫିଟି ନୀତିକାନ୍ତି ଆରମ୍ଭ ହୋଇଥିଲା। ରାତି ୨ଟା ୫୦ରେ ଭିତର ଶୋଧ, ୩ଟାରେ ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ଚାଲିଥିଲା। ସକାଳ ସାଢ଼େ ୫ଟା ଗୋପାଳବଲ୍ଲଭ ପୂଜା ସରିଥିବାବେଳେ ୬ଟା ୧୫ରେ ଭୋଗମଣ୍ଡପ ଉଠିଥିଲା। ୭ଟା ୧୦ରେ ସକାଳ ଧୂପ ସରିଥିବାବେଳେ ପୂର୍ବାହ୍ଣ ୧୦ଟା ୫୦ରେ ଦ୍ୱିତୀୟ ଭୋଗମଣ୍ଡପ ବଢ଼ିଥିଲା। ପୂର୍ବାହ୍ଣ ୧୧ଟା ୩୦ରେ ସନ୍ଧ୍ୟା ଆଳତି ହୋଇଥିଲା।

ସନ୍ଧ୍ୟା ଆଳତି ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଖଣ୍ଡିଏ ଆଜ୍ଞାମାଳ ଲାଗି ହୋଇଥିଲା। ଦକ୍ଷିଣୀ ଘର ଭୋଗ ସରିବା ପରେ ଦୋଳଗୋବିନ୍ଦଙ୍କୁ ମହାଜନ ସେବକ ହାତରେ ବିଜେ କରାଇ ରତ୍ନସିଂହାସନକୁ ନେଇଥିଲେ। ସେଠାରେ ପୂଜାପଣ୍ଡା ଦୋଳଗୋବିନ୍ଦଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରିଥିଲେ। ଏହାପରେ ବଟବୃକ୍ଷ ତଳେ ଥିବା ପାଲିଙ୍କିରେ ଦୋଳଗୋବିନ୍ଦଙ୍କୁ ବିଜେ କରାଯାଇଥିଲା। ବିମାନବଡୁମାନେ ଘଣ୍ଟ, ଛତା, କାହାଳୀ ସହିତ ପାଲିଙ୍କିକୁ ନେଇ ସିଂହଦ୍ୱାର ନିକଟରେ ଥିବା ବଡ଼ଛତା ମଠ ପାଶ୍ୱର୍ରେ ରଖିଥିଲେ। ସେଠାରେ ଶୀତଳ ଭୋଗ ହେବା ପରେ ଭିତରଛୁ ମହାପାତ୍ର ଇନ୍ଦ୍ର ଏବଂ ଗୋବିନ୍ଦଙ୍କୁ ବନ୍ଦାପନା କରିଥିଲେ। ଏହାପରେ ଠାକୁର ବଡ଼ଦେଉଳକୁ ବିଜେ କରିଥିଲେ। ଏହି ଅବସରରେ ହରଚଣ୍ଡୀ ସାହି



ଆଖଡାରୁ ସୁସଜ୍ଜିତ ଐରାବତ ହସ୍ତୀ ଉପରେ ଜଣେ ଇନ୍ଦ୍ର ଏବଂ ଅନ୍ୟ ଜଣେ ମାହୁନ୍ତ ବେଶରେ ସିଂହଦ୍ୱାର ନିକଟକୁ ଆସି ଇନ୍ଦ୍ର, ଗୋବିନ୍ଦ ବନ୍ଦାପନା ନୀତିରେ ସାମିଲ ହୋଇଥିଲେ।

# ଦୟାନଦୀରେ ପହଞ୍ଚିଲା ବନ୍ୟାଜଳ



କଣାସ, ୭।୯ (ସମିସ): ଦୟା ଓ ଶାଖା ନଦୀଗୁଡ଼ିକରେ ହୀରାକୁଦରୁ ଖୋଲିଥିବା ୨୪ଟି ଗେଟ୍‌ର ବନ୍ୟାଜଳ ଶନିବାରଠାରୁ ପହଞ୍ଚିଛି। ଦୟାନଦୀରେ ବିପଦ ସଙ୍କେତ ୩.୯ ୯ ମି.ମି. ଥିବାବେଳେ ୩ ମି.ମି. ବନ୍ୟାଜଳ ରବିବାର ସନ୍ଧ୍ୟାରେ ପ୍ରବାହିତ ହେଉଛି। ଯାହା ଫଳରେ କି ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, ବଡ଼ାସ, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡ଼ା, ବୈଦ୍ୟନାଥ ପାଟଣା, କଖାରୁବସ୍ତ, ସବଳଙ୍ଗ, ଅଠରବାଟିଆ ଗ୍ରାମର ଧାନ ଓ ପରିବା ଫସଲ ଜମି ଦୀର୍ଘ ୧ମାସ ହେଲା ବନ୍ୟାଜଳରେ ବୁଡ଼ିରହିଛି। ଫଳରେ କଣାସ ଅଞ୍ଚଳରେ ହେଉଥିବା ବାଇଗଣ, ପୋଟଳ, କଲରା, କଖାରୁ, ଜହ୍ନି, କଞ୍ଚାଲଙ୍କା, ଭେଣ୍ଡି ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ କଣାସ ଅଞ୍ଚଳରେ ପରିବା ଦର ଆକାଶଛୁଆଁ ହୋଇଥିବାରୁ ମଧ୍ୟବର୍ତ୍ତୀ ଓ ଦିନମଜୁରିଆ ପରିବାରମାନେ ପରିବାରେ ହାତ ମାରି ପାରୁନାହାନ୍ତି।

# ଦୁଗ୍ଧ ଚାଷୀଙ୍କୁ ଆକ୍ରମଣ; ଡିଜିଙ୍କୁ ଚିଠି ଲେଖିଲେ ପ୍ରାଣୀସମ୍ପଦ ନିର୍ଦ୍ଦେଶକ

ଭୁବନେଶ୍ୱର,୭।୯(ସମିସ): କାମଧେନୁ ଯୋଜନାରେ ରାଜ୍ୟ ବାହାରୁ ଗାଈ କିଣୁଥିବା ଦୁଗ୍ଧଚାଷୀଙ୍କୁ ଆକ୍ରମଣ ବଢ଼ିବାରେ ଲାଗିଛି। ଫଳରେ କାମଧେନୁ ଯୋଜନା ବିଫଳ ହେବାର ଆଶଙ୍କା ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ପ୍ରାଣୀ ସମ୍ପଦ ବିଭାଗର ନିର୍ଦ୍ଦେଶକ ରାଜ୍ୟ ପୁଲିସ ଡିଜିଙ୍କୁ ପତ୍ର ଲେଖିଛନ୍ତି। ଗାଈ ପରିବହନ ପାଇଁ ସମସ୍ତ ଥାନାର ପୁଲିସ ସହଯୋଗ କରିବାକୁ ପତ୍ରରେ ଉଲ୍ଲେଖ ରହିଛି।

# କଞ୍ଚା କୁକୁଡ଼ା କଲିଜା ଖାଇ ବୃଦ୍ଧ ମୃତ

ବହଳଦା, ୭।୯(ସମିସ): କାଳ ହେଲା କଞ୍ଚା କୁକୁଡ଼ା କଲିଜା ଖାଇବା। ତଣ୍ଟିରେ କଲିଜା ଲାଗି ଯିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ କାର୍ଯ୍ୟାଳୟର ଅନତି ଦୂରରେ ଥିବା ଘାଘରାସାହି ବସତିର ଶ୍ୟାମ ମହାନ୍ତ (୭୦)। ଶ୍ୟାମଙ୍କର ଏକ ବ୍ରଏଲର୍ କୁକୁଡ଼ା ଫାର୍ମ ସହ ମାଂସକଟା ଦୋକାନ ରହିଛି। ତାଙ୍କ ପୁତୁରାଙ୍କ ନବଜାତ ପୁତ୍ର ସନ୍ତାନର ଏକୋଇଶିଆ ଭୋଜି ପାଇଁ ମାଂସ କଟା ଚାଲିଥିବା ବେଳେ ଶ୍ୟାମ ଗୋଟିଏ କୁକୁଡ଼ାର ପୂରା କଲିଜାକୁ ଗିଳି ଦେଇଥିଲେ। ତେବେ କଲିଜାଟି ତଣ୍ଟିରେ ଲାଗିଯିବା ଫଳରେ ସେ ଶ୍ୱାସରୁଦ୍ଧ ହୋଇ ତଳେ ପଡ଼ି ଯାଇଥିଲେ। ପରିବାଲୋକ ତାଙ୍କୁ ତୁରନ୍ତ ବହଳଦା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରୁଷ ଆଣିଲା କର୍କଟ ଟିକା

କ୍ଲିନିକାଲ ବ୍ୟବହାର ପାଇଁ ପ୍ରସ୍ତୁତ



ମସ୍କୋ,୭।୯ (ଏଜେନ୍ସି): ରୁଷ ଏକ ନୂଆ କର୍କଟ ଟିକା ବିକଶିତ କରିଛି। ଏହା କ୍ଲିନିକାଲ ବ୍ୟବହାର ପାଇଁ ପ୍ରସ୍ତୁତ ହୋଇଯାଇଛି। ଫେଡେରାଲ ମେଡିକାଲ ଆଣ୍ଡ ବାୟୋଲୋଜିକାଲ ଏଜେନ୍ସି (ଏଫ୍‌ଏମ୍‌ବିଏ)ର ମୁଖ୍ୟ ଭେରୋନିକା ସ୍କୋଭୋରଟୋସୋଭା ଏହି ସୂଚନା ଦେଇଛନ୍ତି। ଏହି ଟିକାର ନାମ ଇନଟେରୋମିକ୍ସ ରହିଛି। ଏହା ଏମ୍‌ଆର୍‌ଏନ୍‌ଏ ଜ୍ଞାନକୌଶଳ ଉପରେ ଆଧାରିତ। କିଛି କରୋନା ଟିକାରେ ଏହି ଜ୍ଞାନକୌଶଳ ବ୍ୟବହାର ହୋଇଥିଲା। ଏଥିରେ ଏକ ଦୁର୍ବଳ ଭୂତାଣକୁ ବ୍ୟବହାର କରାଯାଇଛି। ଏହି ଏମ୍‌ଆର୍‌ଏନ୍‌ଏ କର୍କଟ ଟିକା ନେଲା ପରେ ଶରୀରରେ ପ୍ରୋଟିନ ସୃଷ୍ଟି ହୋଇ କର୍କଟ ନିରୋଧୀ କୋଷିକା ଜାତ ହୋଇଥାଏ। ସ୍କୋଭୋରଟୋଭାଙ୍କ ଅନୁଯାୟୀ, ଦୀର୍ଘ ବର୍ଷର ଗବେଷଣା ଓ ତିନି ବର୍ଷ ପରୀକ୍ଷଣ ପରେ ଏହି ସୁରକ୍ଷିତ ଟିକା ଅଣାଯାଇଛି।

# ଡ୍ରିଲିଂ ବେଳେ ବିଟ୍ ଭାଙ୍ଗି ପେଟରେ ପଶିଗଲା; ଶ୍ରମିକ ମୃତ

ଢେଙ୍କାନାଳ/ଗାଁଦିଆ, ୭।୯ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ୍ ନିହଲପ୍ରସାଦ ନିକଟ ନବକାଶୀପୁର କଳାମୁଗୁନି ପଥର ଖଣିରେ କମ୍ପ୍ରେସରରେ ପଥର ଫଟାଇବା ପାଇଁ ଡ୍ରିଲିଂ କରୁଥିବା ବେଳେ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ତେବେ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରାଯାଇଥିବା ବେଳେ ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ନିହଲପ୍ରସାଦ ଅଞ୍ଚଳରେ ବର୍ଷ ବର୍ଷ ଧରି ବେଆଇନ ଭାବେ ପଥର ଖଣିରୁ କଳା ମୁଗୁନି ପଥର ଉତ୍ତୋଳନ ପାଇଁ କମ୍ପ୍ରେସର ସାହାଯ୍ୟରେ ପଥର ଫଟାଇବା କାର୍ଯ୍ୟ ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ନବକାଶୀପୁର ପଥରକ୍ୱାରି ଅଞ୍ଚଳରେ ରବିବାର ନିକଟସ୍ଥ ପିଙ୍ଗୁଆ ବାଲିକିଆରୀ ଗ୍ରାମର ଜିତୁ ତିରିଆ(୩୦) କମ୍ପ୍ରେସର ମେସିନରେ ପଥର ଫଟାଇବା ପାଇଁ ଡ୍ରିଲିଂ କରୁଥିଲେ। ଏହି ସମୟରେ କମ୍ପ୍ରେସର ବିଟ୍ ଭାଙ୍ଗିଯିବା ସହ ଜିତୁଙ୍କ ପେଟର ପଶିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସଂରକ୍ଷିତ ରଖିଛି। ଏ ନେଇ ମୃତ ଜିତୁଙ୍କ ପତ୍ନୀ ଯମୁନା ତିରିଆ ନିହଲପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଯେ ସବୁଦିନ ପରି ଜିତୁ ଉକ୍ତ ଖଣିକୁ କାମ କରିବାକୁ ଯାଇଥିଲେ। ତେବେ କାମ କରୁଥିବା ସମୟରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଏହି ଅଘଟଣ ଘଟିଛି।

# ଚୋରା ମଦ ବିକ୍ରି ନେଇ ତାତିଲେ ମହିଳା



ରାଜକନିକା,୭।୯(ସମିସ): ଗାଁରେ ଚୋରାରେ ମଦ ବିକ୍ରି ନେଇ ତାତିଛନ୍ତି ମହିଳା। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ରାଜକନିକା ବ୍ଲକ କୋରନ୍ଦ ପଞ୍ଚାୟତ ବାଂଶରିଆପାଟଣା ଗ୍ରାମରେ। ଗ୍ରାମର ଶତାଧିକ ମହିଳା ଏକାଠି ହୋଇ ଚୋରାରେ ବିକ୍ରି ହେଉଥିବା ଦୋକାନ ଘେରଉ କରିବା ସହ ଚେତାବନୀ ଦେଇଛନ୍ତି। ଆଗକୁ ଯଦି ମଦ ବିକ୍ରି ହୁଏ, ତେବେ ଦୋକାନ ଭାଙ୍ଗି ଦେବାକୁ ଧମକ ଦେଇଥିବା ଜଣାପଡ଼ିଛି।

ବାଂଶରିଆପାଟଣା ଗ୍ରାମ କମିଟି ସଭ୍ୟ ତଥା ସରପଞ୍ଚଙ୍କ ପ୍ରତିନିଧି ରଞ୍ଜନ ସେଠୀଙ୍କ ନେତୃତ୍ୱରେ ଗାଁର ଶତାଧିକ ମହିଳା ଏକତ୍ରିତ ହୋଇଥିଲେ। ଗାଁରେ ତିନି ଜାଗାରେ ଚୋରା ମଦ ବିକ୍ରିକୁ ବନ୍ଦ କରାଯାଉ ବୋଲି ପିକେଟିଂ କରି ବିକ୍ରି କରୁଥିବା ତିନୋଟି ଦୋକାନ ଉପରେ ଚଢ଼ଉ କରି ଆଗାମୀ ଦିନରେ ମଦ ବିକ୍ରି ନ କରିବାକୁ ଚେତାବନୀ ଦେଇଥିଲେ। ମହିଳାଙ୍କ କହିବା କଥା, ଗାଁ ଭିତରେ ମଦ ବିକ୍ରି ହେବା ଦ୍ୱାରା ଗାଁ ପରିବେଶ ନଷ୍ଟ ହେବା ସହ ଆମମାନଙ୍କ ଧନଜୀବନ ନଷ୍ଟ ହେଉଛି। ଗାଁର ଝିଅବୋହୂ ବାହାରକୁ ବାହାରି ପାରିନାହାନ୍ତି। ସ୍କୁଲ କଲେଜ ଛାତ୍ରଙ୍କ ଉପରେ ଖରାପ ପ୍ରଭାବ ପକାଉଛି।

# ବାଣିଜ୍ୟ ସହଯୋଗୀଙ୍କୁ ଟାରିଫ୍‌ରେ ରିଆତି ଦେଲେ ଟ୍ରମ୍ପ୍

- ■ ସୁନା ସମେତ ୪୫ ରୁ ଅଧିକ ସାମଗ୍ରୀ ଅନ୍ତର୍ଭୁକ୍ତ
- ■ ଭାରତକୁ ମିଳିବନି ଲାଭ



ୱାଶିଂଟନ୍,୭।୯(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଦେଶର ବାଣିଜ୍ୟ ସହଯୋଗୀ ଥିବା ଦେଶମାନଙ୍କ ପାଇଁ ଏକ ବଡ଼ ଶୁଳ୍କ ରିଆତି ଘୋଷଣା କରିଛନ୍ତି। ଟ୍ରମ୍ପ୍ ଆଜି ଏହି ସମ୍ବନ୍ଧୀୟ ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଏହି ଆଦେଶ ଅନୁଯାୟୀ, ସେହି ଦେଶମାନଙ୍କୁ ଶୁଳ୍କରୁ ମୁକ୍ତ କରାଯିବ ଯେଉଁମାନଙ୍କର ଆମେରିକା ସହିତ ବାଣିଜ୍ୟ ଚୁକ୍ତି ରହିଛି। ଟାରିଫ୍‌ରେ ଏହି ରିଆତି ସେପ୍ଟେମ୍ବର ୮ ଅର୍ଥାତ୍ ସୋମବାରରୁ କାର୍ଯ୍ୟକାରୀ ହେବ। ଆମେରିକୀୟ ବାଣିଜ୍ୟ କ୍ଷତିକୁ ହ୍ରାସ କରିବା ପାଇଁ ଟ୍ରମ୍ପ୍ ଏହି ପଦକ୍ଷେପ ନେଇଛନ୍ତି। ଏହା କରିବା ଦ୍ୱାରା ଆମେରିକାର ସହଯୋଗୀ ଦେଶମାନଙ୍କ ସହିତ ବାଣିଜ୍ୟ ସମ୍ପର୍କ ମଜବୁତ ହେବ,ହେଲେ ଭାରତକୁ ଟ୍ରମ୍ପ୍‌ଙ୍କ ଏହି ଟାରିଫ୍ ରିଆତିରୁ କୌଣସି ଲାଭ ମିଳିବନାହିଁ।

ଟ୍ରମ୍ପ୍‌ଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶନାମାରେ ୪୫ରୁ ଅଧିକ ବର୍ଗର ସାମଗ୍ରୀ ଉପରେ ଶୁଳ୍କ ଛାଡ଼ ପ୍ରସ୍ତାବ ଦିଆଯାଇଛି। ଏହି ଛାଡ଼ର ପରିସରରେ ସେହି ଦେଶଗୁଡ଼ିକ ରହିବେ, ଯେଉଁମାନେ ଆମେରିକା ସହିତ ଏକ ନୂତନ ଚୁକ୍ତି ସ୍ୱାକ୍ଷର କରିବେ। ଏହି ଛାଡ଼ର ଲାଭ ବିଶେଷକରି ନିକେଲ, ସୁନା, ଔଷଧ ଏବଂ ରାସାୟନିକ ପଦାର୍ଥ ଭଳି ୪୫ ବର୍ଗର ଗୁରୁତ୍ୱପୂର୍ଣ୍ଣ ଜିନିଷ ଉପରେ ଦିଆଯିବ। ଜାପାନ ଏବଂ ୟୁରୋପୀୟ ସଂଘ (ଇୟୁ) ସମେତ ଆମେରିକାର ଅନ୍ୟ ଅଂଶୀଦାର ଦେଶମାନଙ୍କୁ ଏହି ଛାଡ଼ର ଲାଭ ମିଳିବ। ଏହି ଆଦେଶ ଆମେରିକା ସହିତ ବଡ଼ ଏବଂ ଲାଭଦାୟକ ବାଣିଜ୍ୟ ଚୁକ୍ତିନାମାରେ ପ୍ରବେଶ କରୁଥିବା ଦେଶମାନଙ୍କ ପାଇଁ ଶୁଳ୍କ ଛାଡ଼ ପାଇଁ ପଥ ଖୋଲିବ। ଟ୍ରମ୍ପ୍‌ଙ୍କ ନିର୍ଦ୍ଦେଶ ଅନୁଯାୟୀ, ଯେଉଁ ଜିନିଷଗୁଡ଼ିକ ଆମେରିକାରେ ପର୍ଯ୍ୟାପ୍ତ ପରିମାଣରେ ଚାଷ କିମ୍ବା ଖନନ କରାଯାଇପାରିବ ନାହିଁ କିମ୍ବା ଉତ୍ପାଦିତ ହୋଇପାରିବନାହିଁ, ସେଗୁଡିକ ଉପରେ ଶୁଳ୍କ ଛାଡ଼ ଲାଗୁ ହେବ। ଏଥିରେ ପ୍ରାକୃତିକ ଗ୍ରାଫାଇଟ୍, ଚୁମ୍ବକ, ଏଲ୍‌ଇଡି, ସୌର ପ୍ୟାନେଲ୍,ପ୍ଲାଷ୍ଟିକ୍ ଏବଂ ପଲିସିଲିକନ୍, ନିକେଲ, ସୁନା, ଜେନେରିକ୍ ଔଷଧ ଏବଂ ରାସାୟନିକ ପଦାର୍ଥ, କୃଷି ଉତ୍ପାଦ, ବିମାନ ଏବଂ ସେମାନଙ୍କର ଅଂଶ, ପେଟେଣ୍ଟ ନ ଥିବା ଔଷଧ ଇତ୍ୟାଦି ଅନ୍ତର୍ଭୁକ୍ତ। ଟ୍ରମ୍ପ୍‌ଙ୍କ ଏହି ଶୁଳ୍କ ରିଆତିରୁ ଜାପାନ ଭଳି ଦେଶ ବହୁତ ଲାଭବାନ ହେବେ।

॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥



✓ ଶ୍ରୀ ଅଭିରାମ ବେହେରା
କନ୍ଦରପୁର, ଦରଡ଼ାପାରି (ଗରାମ), ଜଗତସିଂହପୁର
ଧରାବତରଣ- ୧୫.୧୧.୧୯୫୩
ସର୍ଗାରୋହଣ- ୨୯.୦୮.୨୦୨୫

ଚାହୁଁ ଚାହୁଁ ୧୧ ଦିନ ବିତିଗଲା, ଆଜି ବି ଅପେକ୍ଷା କରିଛୁ ଆପଣଙ୍କ ଫେରିବା ବାଟକୁ । ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ । ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶିର୍ବାଦ, ଆମ ଉପରେ ସବୁଦିନ ପାଇଁ ରହିଥାଉ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

-: ଶୋକସନ୍ତପ୍ତ : -
ସ୍ତ୍ରୀ - ଅନୁସୂୟା ବେହେରା, ପୁତ୍ର-ପୁତ୍ରବଧୂ, ଆଲୋକ, ଅମୀୟ, ଡକ୍ଟର ଦୀପଶିଖା, ଡକ୍ଟର ପ୍ରଜ୍ୟୋତି ବେହେରା, ନାତି-ନାତୁଣୀ, ଆଦର୍ଶ, ଆଦିତ୍ୟ, ଆଦ୍ୟାଶା, ଅସ୍ମିତା, ବନ୍ଧୁ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

ବର୍ତ୍ତମାନ ସ୍ଥାୟୀ ଠିକଣା: ପ୍ଲଟ୍ ନଂ.୧୦୪/୨୦୧୭, ପାରାଦ୍ୱୀପ କଲୋନୀ, କଳିଙ୍ଗ ବିହାର, ଭୁବନେଶ୍ୱର

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରଫୁଲ୍ଲ କୁମାର ରାଉତ
ତିଳପଦା, ଢେଙ୍କାନାଳ
ଆବିର୍ଭାବ: ୦୫.୦୯.୧୯୪୩ / ତିରୋଧାନ: ୨୯.୦୮.୨୦୨୫

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ:
ପ୍ରକାଶ କୁମାର ରାଉତ, ପ୍ରବିଣ କୁମାର ରାଉତ, ପ୍ରଶାନ୍ତ କୁମାର ରାଉତ, ନମିତା ରାଉତ, ଜ୍ୟୋର୍ତିମୟୀ ରାଉତ, ଆନନ୍ଦିତା ରାଉତ, ରିନା, ଚୁମୁକି, ନାତି ନାତୁଣୀ, ବନ୍ଧୁ ଓ ପରିବାରବର୍ଗ



# ଶେଷହେଲା ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣି







**କଟକ, ୭ ।୯ (ସମିସ)**

ସହରର ବିଭିନ୍ନ ପୂଜା ମଣ୍ଡପରୁ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ମେଲାଣି ନେଉଛନ୍ତି ଗଜାନନ । ଧୁମ୍‌ଧାମରେ ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣି ଶେଷ ହୋଇଛି । ଗଜାନନଙ୍କ ପୂଜାକୁ କଟକ ବାସିନ୍ଦା ବେଶ ଜାକଜମକରେ କରିଥିବାବେଳେ ବିଘ୍ନବିନାଶକଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ବିଦାୟ ଦିଆଯାଇଛି । ଆଜି ସକାଳୁ କଟକରର ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣି ଆରମ୍ଭ ହୋଇଥିଲା । ୩୧୦ଟି ମେଢ଼ ବିସର୍ଜନ ପାଇଁ ପୁଲିସ ପକ୍ଷରୁ ତାଲିକା ପ୍ରସ୍ତୁତ ହୋଇଥିବା ବେଳେ ସକାଳୁ ଭସାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା । ସାହି ସାହିରେ ବାଜା, ବାଣ ଓ ଆକର୍ଷଣୀୟ ଆଲୋକ ସଜ୍ଜାରେ ମେଢ ଗୁଡ଼ିକୁ ଦେଖିବାକୁ ରାସ୍ତା କଡ଼ରେ ଭିଡ଼ ଲଗାଇଥିଲେ ସହରବାସୀ । ଶିଙ୍ଘ ବାଜା, ଦୁଲୁଦୁଲି, ମାଦାଳ, ପଞ୍ଜାବୀ ବାଜା, ଘଣ୍ଟ ସାଂଗକୁ ବ୍ୟାଣ୍ଡ ବାଜାରେ କମ୍ପିଥିଲା ସାରା ସହର । ପୁରୀଘାଟ ସମେତ ସହରର ୯ଟି ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା । ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଦ୍ୱିତୀୟ ପର୍ଯ୍ୟାୟରେ ଛୋଟବଡ଼ ୩୧୦ଟି ମୂର୍ତ୍ତି ବିସର୍ଜିତ ହୋଇଛନ୍ତି ।

ଗତ ରବିବାର ପ୍ରଥମ ପ୍ରଥମ ପର୍ଯ୍ୟାୟ ଭସାଣି ଉତ୍ସବ କରା ଯାଇଥିଲା । କମିଶନରେଟ୍ ପୁଲିସ ଦ୍ୱାରା ପଞ୍ଜିକୃତ ହୋଇଥିବା ୩୮୦ଟି ମେଢ଼ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବିସର୍ଜିତ ହୋଇଥିଲେ । ଏବଂ ଛୋଟ ଛୋଟ ମଣ୍ଡପଗୁଡ଼ିକରେ ପୂଜା ପାଉଥିବା ପାଖାପାଖି ୫୦ରୁ ଅଧିକ ମୂର୍ତ୍ତି ମଧ ବିସର୍ଜନ କରାଯାଇଥିଲା । ଆଜି ଦ୍ୱିତୀୟ ପର୍ଯ୍ୟାୟରେ ୩୧୦ଟି ମୂର୍ତ୍ତି ବିସର୍ଜନ କରାଯିବା ପରେ ସହରରେ ମୋଟ୍ ୬୯୦ଟି ମେଢ଼ ବିସର୍ଜିତ ହୋଇଛନ୍ତି । ପୂର୍ବ ପରି ବିଭିନ୍ନ କ୍ଲବ୍‌ର ଶୋଭାଯାତ୍ରା ସକାଳ ୯ଟାରୁ ଆରମ୍ଭ ହୋଇଥିଲା । ରାତି ୯ଟାରେ ବ୍ୟାଣ୍ଡ ବାଜା ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା । କେବଳ ଢ଼ୋଲ ଘଣ୍ଟ ବଜାଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କ୍ଲବ୍ ଗୁଡ଼ିକ ପକ୍ଷରୁ ମୂର୍ତ୍ତି ବିସର୍ଜନ କରା ଯାଇଥିଲା । ଆଇନଶୃଙ୍ଖଳା ଦୃଷ୍ଟିରୁ ସହର ସାରା ପୂର୍ବନିଷ୍ପତ୍ତି ଅନୁଯାୟୀ ୨୫ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଥିଲେ ।

**୩୧୦ ମୂର୍ତ୍ତି ବିସର୍ଜିତ**









## କ୍ରିପ୍ଟୋ କରେନ୍ସି ଆଳରେ ଠକେଇ: ଅଭିଯୁକ୍ତ ଗିରଫ

**କଟକ, ୭ ।୯ (ସମିସ):** ଜଗତପୁର ବହୁଗ୍ରାମ ଅଞ୍ଚଳର ସୁବାସଚନ୍ଦ୍ର ବେହେରା (୩୬)ଙ୍କୁ ସାଇବର ଠକ କ୍ରିପ୍ଟୋ କରେନ୍ସିରେ ଅର୍ଥ ବିନିଯୋଗ କରାଇବାକୁ କହି ଲକ୍ଷାଧିକ ଟଙ୍କା ଠକି ନେଇଥିଲା । ମୋଟ୍ ୧୩ଲକ୍ଷ ୭୨ହଜାର ଟଙ୍କା ସୁବାସଙ୍କ ଆକାଉଣ୍ଟରୁ କଟିଯିବା ପରେ ସେ ସାଇବର ଥାନାରେ ଏତଲା ଦେଇଥିଲେ । ସାଇବର ଥାନା ପୁଲିସ ଏହି ଘଟଣାର ତଦନ୍ତ ଚଳାଇ ଆଜି ଅଭିଯୁକ୍ତ ଅନୁରାଗ ପଟ୍ଟନାୟକ (୨୧)କୁ ଗିରଫ କରିଛି । ତା'ଘର ଝାରସୁଗୁଡ଼ାରେ ବୋଲି ଜଣାପଡ଼ିଛି । ତା' ନିକଟରୁ ବ୍ୟାଙ୍କ୍ ଚେକ୍, ପ୍ୟାନକାର୍ଡ, ଆଧାରକାର୍ଡ ଏବଂ ଏକାଧିକ ସିମ୍ କାର୍ଡ ଜବତ କରାଯାଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ ଅଭିଯୋଗକାରୀ ସୁବାସଙ୍କୁ ଟେଲିଗ୍ରାମ୍ ଚ୍ୟାନେଲ୍‌ରେ ଏକ ଲିଙ୍କ୍ ଆସିଥିଲା । ଚ୍ୟାନେଲ୍ ପରିଚାଳନା କରୁଥିବା ବ୍ୟକ୍ତି ଜଣକ ନିଜକୁ ନିଶା ସିଂ ବୋଲି ପରିଚୟ ଦେଇଥିଲା । ଯଦି କ୍ରିପ୍ଟୋ କରେନ୍ସିରେ ଅର୍ଥ ବିନିଯୋଗ କରନ୍ତି, ତେବେ ଟଙ୍କା ଦ୍ୱିଗୁଣିତ ହୋଇଯିବ ବୋଲି କୁହାଯାଇଥିଲା । ଏଥିରେ ପ୍ରଲୋଭିତ ହୋଇ ସୁବାସ ୧୩ଲକ୍ଷ ୭୨ହଜାର ଟଙ୍କା ପ୍ରଦାନ କରି ଦେଇଥିଲେ । ଏହାପରେ ସମ୍ପୃକ୍ତ ସଂସ୍ଥା ସହିତ ଆଉ ଯୋଗାଯୋଗ ହୋଇ ପାରିନଥିଲା । ଠକାମିର ଶିକାର ହୋଇଥିବା ସ୍ପଷ୍ଟ ହୋଇ ସୁବାସ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ । ସାଇବର ଥାନା ପୁଲିସ ତଦନ୍ତ ଚଳାଇ ଅଭିଯୁକ୍ତ ଅନୁରାଗକୁ ଗିରଫ କରିଥିବା ଜଣାପଡ଼ିଛି ।




## ସିଏମ୍‌ସି କମିସନରଙ୍କ କଟକ ପ୍ରେସ୍ କ୍ଲବ୍ ପରିଦର୍ଶନ



**କଟକ, ୭ ।୯ (ସମିସ):** କଟକ ପ୍ରେସକ୍ଲବ ଗୃହର ନବୀକରଣ କାର୍ଯ୍ୟ ଗତ ଜାନୁଆରୀରେ ଉଦଘାଟିତ ହୋଇଥିବା ବେଳେ କଟକ ମହାନଗର ନିଗମ (ସିଏମସି)ର କମିସନର କୀରଣଦୀପ କୌର ସାହୋତା ଗୁରୁବାର ଅପରାହ୍ଣରେ ଏହାକୁ ପରିଦର୍ଶନ କରିଛନ୍ତି । ଏହି ଅବସରରେ କ୍ଲବ ଗୃହରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କଟକ ପ୍ରେସକ୍ଲବ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ପୂର୍ବକ ସ୍ୱାଗତ କରାଯାଇଥିଲା । ରାଜ୍ୟର ସର୍ବ ପୁରାତନ ଏହି ପ୍ରେସକ୍ଲବର ଅବଶିଷ୍ଟ ଆବଶ୍ୟକତା ତୁରନ୍ତ ପୂରଣ କରିବା ଲାଗି ପ୍ରେସ କ୍ଲବ ପକ୍ଷରୁ ଦାବି କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଲୋକ କୁମାର ନାୟକ କ୍ଲବର ଇତିହାସ ଏବଂ ଆଗାମୀ ଦିନର କାର୍ଯ୍ୟପନ୍ଥା ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥିଲେ । ସ୍ଥାନୀୟ କର୍ପୋରେଟର ଅରୁନ୍ଧତୀ କର, ସିଟି ଇଂଜିନିୟର ଅତନୁ ସାମନ୍ତଙ୍କ ସମେତ ବିଭାଗୀୟ ଅଧୀକାରୀଙ୍କ ସହ କମିଶନର ନବୀକରଣ କାର୍ଯ୍ୟର ତଦାରଖ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସାମ୍ବାଦିକ ରୋହନ ମହାନ୍ତି, ବିଶ୍ୱଜିତ ଧଳ, ପ୍ରତାପ ଚନ୍ଦ୍ର ସେନାପତି, ପ୍ରଶାନ୍ତ ମହାନ୍ତି, ପ୍ରଣବ ନନ୍ଦୀ, ରବୀନ୍ଦ୍ର ପାଢ଼ୀ, ଉମାକାନ୍ତ ଜେନା, ଲକ୍ଷ୍ମୀଧର ସାହୁ, ଆକାଶ ସ୍ୱାଇଁ, ମହମ୍ମଦ ଜାଭେଦ ପ୍ରମୁଖ ଉପସ୍ଥିତ ଥିଲେ ।

## ଡା. ଶକ୍ତିପ୍ରସାଦ ଦାସଙ୍କୁ ଆନ୍ତର୍ଜାତିକ ସମ୍ମାନ



**କଟକ, ୭ ।୯ (ସମିସ):** ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ଓଲଟପୁରସ୍ଥିତ 'ନିରତାର'ର ପୂର୍ବତନ ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ, ବିଶ୍ୱର ସର୍ବବୃହତ୍ତ ଅସ୍ଥିଶଲ୍ୟ ସଂଘ 'ସିକଟ୍' ଦ୍ୱାରା ଶ୍ରେଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଭାବେ ସମ୍ମାନିତ କରାଯାଇଛି । ବିଶେଷକରି ଶିଶୁ ଅସ୍ଥିଶଲ୍ୟ ଚିକିତ୍ସା କ୍ଷେତ୍ରରେ ତାଙ୍କ ବିଶେଷ ଅବଦାନର ସ୍ୱୀକୃତି ସ୍ୱରୂପ ତାଙ୍କୁ ଏହି ସମ୍ମାନ ସ୍ପେନ୍‌ର ରାଜଧାନୀ ମାଦ୍ରିଦ୍ ଠାରେ ଆୟୋଜିତ ଚଳିତ ବର୍ଷର ବାର୍ଷିକ ସମ୍ମିଳନୀ ଅବସରରେ ପ୍ରଦାନ କରାଯାଇଛି । ଜନ୍ମଗତ ବିକଳାଙ୍ଗ ଥିବା ଶିଶୁମାନଙ୍କର (ଯେଉଁମାନଙ୍କର ହାତ ନ ଥାଏ) କିଭଳି ଭାବରେ ଏକ ସ୍ୱତନ୍ତ୍ର ଚିକିତ୍ସା ପଦ୍ଧତି ମାଧ୍ୟମରେ ସଫଳ ଚିକିତ୍ସା କରାଯାଇ କାର୍ଯ୍ୟକ୍ଷମ ହୋଇ ପାରୁଥିବା ଏକ ନୂତନ ପଦ୍ଧତି ଉପରେ ତାଙ୍କର ଗବେଷଣାଲବ୍ଧ ତଥ୍ୟ ସମ୍ବଳିତ ସନ୍ଦର୍ଭଟି ଉଚ୍ଚ ପ୍ରଶଂସିତ ହେବା ସହିତ ଗତ ୫ ତାରିଖରେ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ 'ସିକଟ୍'ର ସଭାପତି ଇଂଲଣ୍ଡର ଡା. ବିକାଶ ଖଣ୍ଡୁଜା ଓ ସମ୍ପାଦକ ମାର୍କ ପାଟରସନ୍ ଡା. ଦାସଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ ।

## ହୋପ୍ ଏଜ୍ ପକ୍ଷରୁ ପ୍ରାକୃତିକ ଚିକିତ୍ସା ଶିବିର

**କଟକ, ୭ ।୯ (ସମିସ):** ହୋପ ଏଜ ଟ୍ରଷ୍ଟ ପକ୍ଷରୁ ହେଲଥ ଭିଲେ ସହାୟତାରେ ଆଜି ସିଡିଏ ସେକ୍ଟର -୭ସ୍ଥିତ ଆଶ୍ରୟ ଦି ସେଲଟର ପରିସରରେ ପ୍ରାକୃତିକ ଚିକିତ୍ସା ଶିବିର ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରାକୃତିକ ଚିକିତ୍ସା ଓ ଯୋଗ ବିଶାରଦ ଡ. ମିଳିନ୍ଦ ପରାସର ଏଥିରେ ଯୋଗଦେଇ କହିଲେ ଯେ ସମସ୍ତ ପ୍ରକାର ଶାରୀରିକ ଓ ମାନସିକ ବ୍ୟାଧି ପ୍ରକୃତିକ ଚିକିତ୍ସା ପଦ୍ଧତି ଓ ଯୋଗ ଅଭ୍ୟାସ ଦ୍ୱାରା ପ୍ରସମିତ ହୋଇପାରିବ । ତେବେ ଏଥିପାଇଁ ଉନ୍ନତମାନର ଜୀବନଶୈଳୀ ପାଳନ କରିବାକୁ ହେବ ବୋଲି ସେ ପ୍ରକାଶ କରିଥିଲେ । ଉପସଭାପତି ବିଜୟ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଟ୍ରଷ୍ଟି ଡ. ସତ୍ୟ ରାୟ ସ୍ୱାଗତ ଭାଷଣ ଦେବା ସହ ପ୍ରାକୃତିକ ଚିକିତ୍ସାର ଉପାଦେୟତା ଉପରେ ଆଲୋକପାତ କରିଥିଲେ । ଇଂ କେ.କେ. ଦାସବର୍ମା, କୈଳାଶ ଚନ୍ଦ୍ର ମିଶ୍ର, ପିକେ ସାହୁ, ଶଶିଭୂଷଣ ପ୍ରଧାନ ଓ କେଦାରନାଥ ଜାଲି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଯୁଗ୍ମ ସମ୍ପାଦିକା ସୁଜାତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।



## ଦୁର୍ଗାପୂଜା ପାଇଁ 'ସିଙ୍ଗଲ ୱିଣ୍ଡୋ' ଗୋଟିଏ ଦିନ ବୃଦ୍ଧି

**କଟକ, ୭ ।୯ (ସମିସ):** ଆସନ୍ତା ଦୁର୍ଗାପୂଜା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାକୁ ଗୋଟିଏ ଦିନ ବୃଦ୍ଧି କରାଯାଇଛି । ପୂଜା କମିଟି ଗୁଡ଼ିକର ଅନୁରୋଧ ଅନୁଯାୟୀ, ପୂଜା ପେଣ୍ଡାଲ ଏବଂ ଗେଟ ନିର୍ମାଣ ପାଇଁ ଅନୁମତି ନିମନ୍ତେ କରାଯାଇଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ସୋମବାର ୮ ତାରିଖ ଦିନ ମଧ୍ୟ କାର୍ଯ୍ୟକ୍ଷମ ରହିବ । ବାରବାଟୀ ପ୍ୟାଲେସରେ ଏହି ସିଙ୍ଗଲ ୱିଣ୍ଡୋ ଜାରି ରହିବ । ଏହାପରେ ଆଉ କୌଣସି ପ୍ରକାରର ସମୟ ଅବଧି ବୃଦ୍ଧିକୁ ଅନୁମତି ଦିଆଯିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।



## ଖାନନଗର-ମଧୁପାଟଣା ରାସ୍ତା ବିପର୍ଯ୍ୟସ୍ତ


**କଟକ, ୭ ।୯ (ସମିସ):** ଖାନନଗର ପଟୁ ମଧୁପାଟଣାକୁ ସଂଯୋଗ କରିଥିବା ରାସ୍ତା ଖାଲଖମାରେ ଭର୍ତ୍ତି ହୋଇରହିଛି । ମାଛମାର୍କେଟ ପୂର୍ବରୁ ସମ୍ପୂର୍ଣ୍ଣ ରାସ୍ତାରୁ ପିଚୁ ଉଠି ଧୂଳି, ବାଲି, ଗୋଡ଼ିରେ ଭରି ଯାଇଥିବା ବେଳେ ମଧୁପାଟଣା ଟ୍ରାଫିକ ନିକଟରେ ବଡବଡ ଗର୍ତ୍ତ ବାଟୋଇଙ୍କ ପାଇଁ ବିପଦ ସୃଷ୍ଟି କରୁଛି । କଟକରେ ଏବେ ପାର୍ବଣ ଋତୁ ପାଳନ ହେଉଛି । ଗଜାନନଙ୍କ ପୂଜା ଶେଷ ହୋଇ ପର୍ଯ୍ୟାୟକ୍ରମେ ଭସାଣି ଉତ୍ସବ ହେଉଛି । ଆଉ କିଛି ଦିନ ପରେ ଆରମ୍ଭ ହେବ ଦୁର୍ଗାପୂଜା । ମାତ୍ର ଏଭଳି ପରିସ୍ଥିତିରେ ପ୍ରଶାସନର ଦୂରଦର୍ଶିତା ଅଭାବ ଯୋଗୁଁ କଟକର ପ୍ରମୁଖ ଛକରେ ଯାତାୟାତକୁ ନେଇ ସମସ୍ୟା ହେଉଛି । ଏପରିକି ରାସ୍ତାର ଦୂରବସ୍ଥା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି । ଗତ କିଛି ଦିନ ତଳେ ପୂଜା ପ୍ରସ୍ତୁତି ପୂର୍ବରୁ ଏହି ରାସ୍ତାକୁ ମରାମତି କରାଯାଇଥିଲା । ମାତ୍ର କିଛି ଦିନର ବର୍ଷାର ଏହି ତାଳି ପକା କାମ ଧୋଇ ହୋଇଯାଇଛି । ଏହାକୁ ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହେଉଛି ।

**ପାର୍ବଣ ଋତୁରେ ପ୍ରଶାସନର ନିଘା ନାହିଁ**
**ହୋଇଥିଲା ତାଳିପକା କାମ, ଧୋଇଦେଲା ବର୍ଷା**





# ସମ୍ପାଦକୀୟ



ଶାନ୍ତି କେବଳ ହିଂସାର ଅନୁପସ୍ଥିତିକୁ ବୁଝାଏ ନାହିଁ, ବାସ୍ତବ ଅର୍ଥରେ ଏହା ହେଉଛି ମାନବୀୟ କରୁଣାର ପ୍ରଦର୍ଶନ।
-ଦଲାଇ ଲାମା

ସକାଳ
THE SAKALA

## ସବୁଜ ଇନ୍ଧନର ଆହ୍ୱାନ

ଭାରତର ବାଣିଜ୍ୟ-ଅର୍ଥନୀତିର ମୁଖ୍ୟ ଆହ୍ୱାନ ହେଉଛି ଇନ୍ଧନ। ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଏହି ଦେଶର ଇନ୍ଧନ ଚାହିଦା ବଢ଼ିଚାଲିଥିବା ବେଳେ ଏଥିରେ ଜୀବାଶ୍ମ ଇନ୍ଧନର ସିଂହଭାଗ ଅବଦାନ ରହୁଛି ଏବଂ ତୈଳ ଚାହିଦାର ୮୦% ପର୍ଯ୍ୟନ୍ତ ଭାରତକୁ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି। ଏହାଦ୍ୱାରା ଚାଲୁ ଖାତା ନିଅଣ୍ଟ(କରେଣ୍ଟ ଆକାଉଣ୍ଟ ଡେଫିସିଟ୍) ସହିତ ପରିବେଶ ପ୍ରଦୂଷଣ ମଧ୍ୟ ବଢ଼ିବାରେ ଲାଗିଛି। ଏପରିକି ସାମ୍ପ୍ରତିକ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କରେ ସୃଷ୍ଟ ତିକ୍ତତାକୁ ଇନ୍ଧନ ଯୋଗାଇଛି ରୁଷରୁ ଭାରତର ବହୁଳ ଇନ୍ଧନ ଆମଦାନୀ। ଏହି ପୃଷ୍ଠଭୂମିରେ ସୁଖର କଥା ଭାରତ ସ୍ୱଚ୍ଛ ଓ ସବୁଜ ଇନ୍ଧନ ନିର୍ଭରଶୀଳତା ଧାର୍ଯ୍ୟ ଲକ୍ଷ୍ୟର ବହୁପୂର୍ବରୁ ହାସଲ କରିବାକୁ ଯାଉଛି। ଏହାଫଳରେ ଇନ୍ଧନ ପାଇଁ ଆମଦାନୀ ଉପରେ ନିର୍ଭରଶୀଳତା ବହୁ ପରିମାଣରେ ହ୍ରାସ ପାଇବାର ଆଶା ସଞ୍ଚାର ହୋଇଛି।

ଗତ ଜୁନ୍ ଶେଷ ସୁଦ୍ଧା ଦେଶର ମୋଟ ଶକ୍ତି ଯୋଗାଣ ୪୮୪.୮୨ ଗିଗାୱାଟ୍ ହୋଇଥିବା ବେଳେ ସେଥିରୁ ପ୍ରାୟ ଅଧା ଅର୍ଥାତ୍ ୨୨.୭୮ ଗିଗାୱାଟ୍‌ର ଉତ୍ସ ଥିଲା ଜଳବିଦ୍ୟୁତ୍, ଆଣବିକ, ସୌର ଓ ପବନ ଶକ୍ତି। ୨୦୩୦ ସୁଦ୍ଧା ଦେଶର ମୋଟ ଶକ୍ତି ଚାହିଦାର ୫୦% ଅଣ-ଜୀବାଶ୍ମ ଇନ୍ଧନରୁ ଭରଣା କରିବା ପାଇଁ ଭାରତ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମାରେ ସ୍ୱାକ୍ଷର କରିଥିବା ବେଳେ ତାହାର ପାଞ୍ଚ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିବା ପରିବେଶ ସୁରକ୍ଷା ପ୍ରତି ଭାରତର ଅଙ୍ଗୀକାରବଦ୍ଧତାକୁ ପ୍ରମାଣିତ କରୁଛି। ଏଥିସହିତ ଜୀବାଶ୍ମ ଇନ୍ଧନ ଆମଦାନୀ ଜନିତ ଅର୍ଥନୈତିକ ବୋଝ ହ୍ରାସ କରିବା ଦିଗରେ ଏକ ଶୁଭସଙ୍କେତ ଦେଇଛି।

ଏହି ସଫଳତା ପଛରେ ସୌରଶକ୍ତିର ଅବଦାନ ଉଲ୍ଲେଖନୀୟ ନ ହେଲେ ମଧ୍ୟ ଉତ୍ସାହଜନକ ଓ ପ୍ରେରଣାପ୍ରଦ। ୨୦୩୦ ସୁଦ୍ଧା ଭାରତ ୫୦୦ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ରଖିଥିବା ବେଳେ ବିଗତ ଦୁଇବର୍ଷ ମଧ୍ୟରେ ୨୪ଗିଗାୱାଟ୍ ଉତ୍ପାଦନ କରିପାରିଛି। ନିର୍ମାଣାଧୀନ ଅନେକ ପ୍ରକଳ୍ପ ଆଗାମୀ ବର୍ଷେ/ଦୁଇବର୍ଷ ଭିତରେ ସମ୍ପୂର୍ଣ୍ଣ ହେବାକୁ ଯାଉଥିବାରୁ ସବୁଜ ଶକ୍ତିରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିପାରିବ ବୋଲି ଆଶା ସୃଷ୍ଟି ହେବା ସ୍ୱାଭାବିକ। ଏହାଛଡ଼ା ଭାରତ ଦଶଟି ଆଣବିକ ଶକ୍ତି ଉତ୍ପାଦନ ପ୍ରକଳ୍ପ(ଭାରତ ସ୍ମଲ୍ ମଡ୍ୟୁଲାର ରିଆକ୍ଟର) କାର୍ଯ୍ୟ ତ୍ୱରିତ୍ ଗତିରେ ଚାଲୁଛି। ଏବେ ଆଣବିକ ଶକ୍ତି ଯୋଗାଣ ୧୭ ଗିଗାୱାଟ୍ ଥିବା ବେଳେ ୨୦୩୦ ସୁଦ୍ଧା ଏହାକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରଖାଯାଇଛି।

ଅଣ-ଜୀବାଶ୍ମ ଇନ୍ଧନରେ ଭାରତର ଏହି ସଫଳତା ଉଲ୍ଲେଖନୀୟ ଓ ଉତ୍ସାହପ୍ରଦ ହେଲେ ମଧ୍ୟ ଆହୁରି ଅନେକ ଆହ୍ୱାନକୁ ସମ୍ମୁଖୀନ ହେବାକୁ ପଡ଼ିବ। ଏବେ ସବୁଜ ଶକ୍ତି ବା ଅଣ-ଜୀବାଶ୍ମ ଇନ୍ଧନ ଶକ୍ତିରେ ଜଳବିଦ୍ୟୁତ୍ ଶକ୍ତିର ଅବଦାନ ସିଂହଭାଗ ଥିବା ବେଳେ ତା'ପଛକୁ ରହିଛି ସୌରଶକ୍ତି ପ୍ରକଳ୍ପ। କିନ୍ତୁ ଏ ଦୁଇଟି ସମ୍ପୂର୍ଣ୍ଣ ରୂପେ ଜଳବାୟୁ ଓ ପାଣିପାଗ ଉପରେ ନିର୍ଭରଶୀଳ। ଅନେକ ଜଳବିଦ୍ୟୁତ୍ ପ୍ରକଳ୍ପ ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ବିନା ଅଧପନ୍ତରିଆ ରହିଛି। ତେଣୁ ଭାରତକୁ ଆଣବିକ ଇନ୍ଧନ ଓ ସବୁଜ ଉଦ୍‌ଜାନ ଶକ୍ତି ଉତ୍ପାଦନରେ ଅଧିକ ପୁଞ୍ଜିନିବେଶ କରିବା ଆବଶ୍ୟକ। ଏଥିସହିତ ବିଦ୍ୟୁତ୍ ଚାଳିତ ଯାନ(ଇଭି) ଉତ୍ପାଦନ ଓ ବ୍ୟବହାରକୁ ଭାରତ ଯେତେଶୀଘ୍ର ତ୍ୱରାନ୍ୱିତ କରିବ ଜୀବାଶ୍ମ ଇନ୍ଧନ ଜନିତ ଜଞ୍ଜାଳରୁ ସେତେଶୀଘ୍ର ମୁକ୍ତି ମିଳିବ। ସେହିପରି ଭାରତର ମୋଟ୍ ବିଦ୍ୟୁତ୍ ଚାହିଦାର ମାତ୍ର ୨୮% ଅଣ-ଜୀବାଶ୍ମ ଇନ୍ଧନରୁ ଭରଣା ହୋଇପାରୁଥିବା ବେଳେ ବାକି ଅଂଶ ପାଇଁ ଆମେ ସମ୍ପୂର୍ଣ୍ଣ ରୂପେ କୋଇଲା, ଜୀବାଶ୍ମ ତୈଳ ଓ ପ୍ରାକୃତିକ ବାଷ୍ପ ଉପରେ ନିର୍ଭର କରୁଛୁ। ଶକ୍ତି ନିର୍ଭରଶୀଳତାକୁ କ୍ରମଶଃ କୋଇଲା ବା ତାପଜ ବିଦ୍ୟୁତ୍‌ରୁ ସବୁଜ ବିଦ୍ୟୁତ୍‌କୁ ରୂପାନ୍ତରିତ କରିବାକୁ ପଡ଼ିବ।

ସବୁଜ ଇନ୍ଧନରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଯେଉଁ କେତେକ ପ୍ରତିବନ୍ଧକ ରହିଛି ସେଥିରେ ମୁଖ୍ୟ ହେଉଛି ଶକ୍ତି ଭଣ୍ଡାରଣ। ୨୦୨୪ ଶେଷ ସୁଦ୍ଧା ଭାରତର ସବୁଜ ଶକ୍ତି ଭଣ୍ଡାରଣ କ୍ଷମତା ୫ ଗିଗାୱାଟ୍‌ରୁ ମଧ୍ୟ କମ୍ ଥିବା ବେଳେ ବ୍ୟାଟେରି ଭଣ୍ଡାରଣ ପରିମାଣ ଥିଲା ମାତ୍ର ୧୧୦ ମେଗାୱାଟ୍। ଉତ୍ପାଦିତ ଶକ୍ତିକୁ ଗଚ୍ଛିତ କରି ରଖି ତିରୋଟ ସମୟରେ ବିତରଣରେ ସମତୁଲତା ପାଇଁ ସମ୍ପୂର୍ଣ୍ଣ ଦକ୍ଷତା ଆହରଣ କରିପାରିଲେ ଶକ୍ତି ଚାହିଦା-ଯୋଗାଣ ଆହ୍ୱାନକୁ ସଫଳ ମୁକାବିଲା କରିହେବ। କିନ୍ତୁ ସବୁଜ ଶକ୍ତି ଭଣ୍ଡାରଣ ଭିତ୍ତିଭୂମି ନିର୍ମାଣ ବ୍ୟୟ ଓ ସମୟସାପେକ୍ଷ। ଏହି ସମସ୍ୟା ଦୂର କରିବା ପାଇଁ 'ଏକ ଦେଶ ଏକ ଗ୍ରୀଡ୍' ଭଳି ଅଭିନବ ଯୋଜନାକୁ ପାଇଲଟ୍ ପ୍ରକଳ୍ପ ଭିତ୍ତିରେ କାର୍ଯ୍ୟକାରୀ କରାଯାଇପାରେ। ଉଦାହରଣସ୍ୱରୂପ ପଶ୍ଚିମ ଭାରତ ତୁଳନାରେ ସୌରଶକ୍ତିର ଉପଲବ୍ଧତା ଉତ୍ତର-ପୂର୍ବ ଭାରତରେ ବହୁତ କମ୍ ଏବଂ ମଧ୍ୟ-ଭାରତ, ଦକ୍ଷିଣ-ଭାରତ ଓ ପୂର୍ବ-ଭାରତର ଜଳବିଦ୍ୟୁତ୍ ଉତ୍ପାଦନ କ୍ଷମତା ପଶ୍ଚିମ ଭାରତ ତୁଳନାରେ ବହୁ ଅଧିକ। ସେହିପରି ଉପକୂଳ ଭାରତରେ ପବନ ଶକ୍ତିର ଉପଲବ୍ଧତା ଆଭ୍ୟନ୍ତରୀଣ ଭାରତ ତୁଳନାରେ ପର୍ଯ୍ୟାପ୍ତ। 'ଏକ ଦେଶ ଏକ ଗ୍ରୀଡ୍'ରେ ସମନ୍ୱୟ ରକ୍ଷା ହୋଇପାରିଲେ ଗ୍ରୀଷ୍ମଋତୁରେ ଉତ୍ତର-ପୂର୍ବ ଓ ପୂର୍ବ ଭାରତ ପଶ୍ଚିମ ଭାରତରୁ ସୌରଶକ୍ତି ଏବଂ ବର୍ଷା ଋତୁରେ ପଶ୍ଚିମ ଭାରତ ଅବଶିଷ୍ଟ ଭାରତରୁ ଜଳବିଦ୍ୟୁତ ଶକ୍ତି ପାଇପାରିବ। ଏ ଦିଗରେ କେନ୍ଦ୍ରୀୟ ବିଦ୍ୟୁତ କର୍ତ୍ତୃପକ୍ଷ(ସିଇଏ) ଦେଶର ପ୍ରତ୍ୟେକ ସୌରଶକ୍ତି ଉତ୍ପାଦନ କେନ୍ଦ୍ରମାନଙ୍କୁ ଏକ ମାର୍ଗଦର୍ଶିକା ଜାରି କରି ଭଣ୍ଡାରଣ ଓ ବିତରଣ ବ୍ୟବସ୍ଥାକୁ ସୁସଂହତ କରିବାକୁ ଉପଦେଶ ଦେଇଛି। କିନ୍ତୁ ରାଜ୍ୟମାନଙ୍କର ଉଦାସୀନତା କାରଣରୁ ଏହା ସଫଳ ହୋଇପାରିନଥିବାରୁ ଧାର୍ଯ୍ୟ ସମୟ ସୀମାକୁ ଇତିମଧ୍ୟରେ ବୃଦ୍ଧି କରାଯାଇଛି। କେତେକ ସ୍ଥାନରେ ଜଙ୍ଗଲ ଓ ପରିବେଶ ମଞ୍ଜୁରୀଗତ ବିଳମ୍ବ କାରଣରୁ ଆନ୍ତଃରାଜ୍ୟ ଗ୍ରୀଡ୍ ସଂଯୋଗ ପ୍ରକଳ୍ପ ଅଟକି ଯାଇଛି। ଏଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ।

ଅପରପକ୍ଷରେ ଶକ୍ତି ମନ୍ତ୍ରଣାଳୟ ବ୍ୟାଟେରି ଭଣ୍ଡାରଣ କ୍ଷମତାକୁ ୫୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୩୦ ଗିଗାୱାଟ୍ ଆୱାର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା ଚୂଡ଼ାନ୍ତ କରିଛି। ୨୦୩୨ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ଏ ଦିଗରେ ମଧ୍ୟ ମୁଖ୍ୟ ବାଧକ ସାଜିଛି ଚୀନ୍। ଏବେ ବ୍ୟାଟେରି ଭଣ୍ଡାରଣ ଉପକରଣ ଓ ଜ୍ଞାନକୌଶଳରେ ଚୀନ୍ ବିଶ୍ୱର ସିଂହଭାଗ ଦଖଲ କରିଥିବା ବେଳେ ଭାରତକୁ ବିରଳ ମୃତ୍ତିକା ରପ୍ତାନି କାଣ୍ଟଛାଣ୍ଟ କରିଛି। ତେଣୁ ଧାର୍ଯ୍ୟ ସମୟ ମଧ୍ୟରେ ଲକ୍ଷ୍ୟ ପୂରଣ ହୋଇପାରିବ କି ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆଶା ସଦ୍ୟ ସମାପ୍ତ ଏସ୍‌ସିଓ ବୈଠକରେ ଭାରତ ଏ ପ୍ରସଙ୍ଗ ଚୀନ୍ ଆଗରେ ଉପସ୍ଥାପନ କରିଥିବେ।

# ଓଡ଼ିଶାରେ ଅସୁସ୍ଥ ସ୍ୱାସ୍ଥ୍ୟସେବା

ଡ. ପ୍ରଫୁଲ୍ଲ କୁମାର ସାହୁ

ଶାରୀରିକ, ମାନସିକ ଓ ସାମାଜିକ ସ୍ତରରେ ସୁସ୍ଥତା ହିଁ ସ୍ୱାସ୍ଥ୍ୟ, ଯାହା ମଣିଷର ମୌଳିକ ଆବଶ୍ୟକତା। ଉପନିଷଦ କହେ - 'ଶରୀରମାଦ୍ୟଂ ଖଳୁ ଧର୍ମ ସାଧନମ୍'। ଅର୍ଥାତ୍ ସୁସ୍ଥ ଶରୀର ଦ୍ୱାରା ସମସ୍ତ କାର୍ଯ୍ୟ ସଂପାଦନ ସମ୍ଭବ। ସୁସ୍ଥ ନାଗରିକ ହେଉଛନ୍ତି ଦେଶର ମୁଖ୍ୟ ସମ୍ବଳ। ରାଜ୍ୟ ଓ ଦେଶର ପ୍ରଗତିରେ ଥାଏ ସ୍ୱାସ୍ଥ୍ୟସେବାର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ। ତେଣୁ ସମସ୍ତଙ୍କୁ ସବୁଠାରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସରକାରଙ୍କ ଦାୟିତ୍ୱ। ବିଶେଷକରି ସ୍ୱାସ୍ଥ୍ୟସେବା ସର୍ବଦା ସମ୍ବେଦନଶୀଳ, ସହଜଲବ୍ଧ, ଗୁଣବତ୍ତା ସଂପନ୍ନ ଓ ଉତ୍ତରଦାୟୀ ହେବା ଜରୁରୀ। ଉପରୋକ୍ତ ପ୍ରେକ୍ଷାପଟରେ ବିଚାର କଲେ ଭାରତବର୍ଷରେ ସାର୍ବଜନୀନ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ। ତୁଳନାତ୍ମକ ଭାବେ ଓଡ଼ିଶାର ସ୍ଥିତି ଆହୁରି ନୈରାଶ୍ୟଜନକ।

ଇଣ୍ଡିଆନ ପବ୍ଲିକ ହେଲ୍‌ଥ ଷ୍ଟାଣ୍ଡାର୍ଡ ନିର୍ଦ୍ଧାରିତ ମାନ ଅନୁସାରେ ସମତଳ ଅଞ୍ଚଳରେ ପ୍ରତି ୩୦ହଜାର ଲୋକଙ୍କ ପାଇଁ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧ଲକ୍ଷ ୨୦ ହଜାର ଲୋକଙ୍କ ପାଇଁ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିବା ଆବଶ୍ୟକ। ସେହିପରି ଆଦିବାସୀ ଅଧ୍ୟୁଷିତ ବନାଞ୍ଚଳରେ ପ୍ରତି ୨୦ ହଜାର ଲୋକରେ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୮୦ହଜାର ଲୋକରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିବା ବ୍ୟବସ୍ଥାସମ୍ମତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ହିସାବ ଅନୁଯାୟୀ ପ୍ରତି ଏକହଜାର ଲୋକରେ ଜଣେ ଡାକ୍ତର ରହିବା ଆବଶ୍ୟକ ଥିବା ସ୍ଥଳେ ଓଡ଼ିଶାରେ ୧୯୪୩ ଜଣ ଲୋକଙ୍କ ପାଇଁ ଅଛନ୍ତି ଜଣେ ଡାକ୍ତର। ତଥ୍ୟ ଅନୁସାରେ ଓଡ଼ିଶାରେ ମୋଟ ୧୮୧୫ଟି ଏଲୋପାଥି ଡାକ୍ତରଖାନା ଅଛି ଏବଂ ସେସବୁ ଡାକ୍ତରଖାନାରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ସଂଖ୍ୟା ୬୭୧୯। ବିଡ଼ମ୍ବନାର ବିଷୟ ସେଥିମଧ୍ୟରୁ ୪୩୧୫ ଜଣ ନିୟମିତ ଡାକ୍ତର ଥିବା ବେଳେ ଖାଲି ପଡ଼ିଛି ୨୦୦୪ଟି ନିୟମିତ ଡାକ୍ତର ପଦବୀ।

ଜୀବନ ରକ୍ଷାକାରୀ ସେବାପରାୟଣ ଡାକ୍ତରଙ୍କୁ କୁହାଯାଏ ଦ୍ୱିତୀୟ ଈଶ୍ୱର। ଦ୍ୱିତୀୟ ଈଶ୍ୱର ସୃଷ୍ଟି କରିବା ତଥା ଉଚ୍ଚମାନର ରୋଗୀସେବା ପ୍ରଦାନ କରିବା ମେଡିକାଲ କଲେଜଗୁଡ଼ିକର ଗୁରୁଦାୟିତ୍ୱ। ମାତ୍ର ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ଓଡ଼ିଶାରେ ଡାକ୍ତରୀଶିକ୍ଷା ବ୍ୟବସ୍ଥା ଏବେ ଅବହେଳିତ। ଓଡ଼ିଶାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ସମେତ ରାଜ୍ୟରେ ଥିବା ବିଭିନ୍ନ କିସମର ୧୭ଟି ମେଡିକାଲ କଲେଜରେ ଲାଗି ରହିଛି ଶିକ୍ଷକ ମରୁଡ଼ି।

ଓଡ଼ିଶାରେ ବହୁଳ ଆଦୃତ, ପ୍ରଚଳିତ ସାଫଲ୍ୟମଣ୍ଡିତ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା ବଦଳରେ ରାଜ୍ୟରେ ଲାଗୁ ହୋଇଛି କେନ୍ଦ୍ର ସରକାରଙ୍କର ବହୁ ଚର୍ଚ୍ଚିତ ଆୟୁଷ୍ମାନ ଭାରତ ଯୋଜନା। କୌଣସି ଏକ ପ୍ରଚଳିତ ଯୋଜନାଠାରୁ ଅନ୍ୟ ଏକ ଯୋଜନାକୁ ଉତ୍କୃଷ୍ଟ ସାବ୍ୟସ୍ତ କରିବାକୁ ହେଲେ ତାହା ପ୍ରଚଳିତ ଯୋଜନା ଅପେକ୍ଷା ସୁଲଭ ସରଳ ଓ ସର୍ବଗ୍ରାହ୍ୟ ହେବା ଆବଶ୍ୟକ। ମାତ୍ର ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ତତ୍କାଳ ସେବା ଯୋଗାଇବା ନିମନ୍ତେ ବିଜୁ ସ୍ୱାସ୍ଥ୍ୟ ଯୋଜନା ତୁଳନାରେ ଆୟୁଷ୍ମାନ ଭାରତ ଯୋଜନା ଖୁବ୍ ଦୁର୍ବଳ। ଏଥିରେ ଆଶୁ ସେବା ଯୋଗାଇବା କ୍ଷେତ୍ରରେ ବାଧକ ହୋଇଛି ଅନାବଶ୍ୟକ ତଥ୍ୟବହୁଳ ଓ ସର୍ତ୍ତ ସମ୍ବଳିତ ପଞ୍ଜିକରଣ ପ୍ରକ୍ରିୟା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉ କି ଆୟୁଷ୍ମାନ ଭାରତ ଯୋଜନା, ଏ ବାବଦରେ ସରକାର ଦେଉଥିବା ଲକ୍ଷଲକ୍ଷ ଟଙ୍କାର ଅନୁଦାନ ତୁଳନାରେ ରାଜ୍ୟରେ ସୁଦୃଢ଼ ଚିକିତ୍ସା ଭିତ୍ତିଭୂମି ନଥିବାରୁ ଏହାର ସୁଯୋଗ ନେଉଛନ୍ତି ସେବାକୁ ବେପାର ଭାବରେ ଗ୍ରହଣ କରିଥିବା ଘରୋଇ ଡାକ୍ତରଖାନାର ମାଲିକମାନେ। ସରକାରୀ ଅଧିକାରୀଙ୍କ ସହିତ ସଲାସୂତ୍ରରା କରି ସେମାନେ ମାଲେମାଲ ହେଉଛନ୍ତି ଉପରୋକ୍ତ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ। ଏହି ଯୋଜନା ଅନ୍ତର୍ଗତ କେଉଁ ରୋଗ ପାଇଁ ସରକାର କେତେ ଟଙ୍କା ଦେବେ, ତାହା ନିର୍ଦ୍ଧାରଣ କରିବାରେ ବି ରହିଛି ସେମାନଙ୍କ ପ୍ରଚ୍ଛନ୍ନ ହାତ।

ଗଲା କେତେବର୍ଷ ମଧ୍ୟରେ ଗମନାଗମନ କ୍ଷେତ୍ରରେ ଯଥେଷ୍ଟ ବିକାଶ ହୋଇଥିବା ସତ୍ତ୍ୱେ ରାଜ୍ୟରେ ଏମିତି ସାତ ହଜାରରୁ ଅଧିକ ଅପହଞ୍ଚ ଗାଁ ଅଛି, ଯେଉଁଠିକି ଯାଇ ପାରୁନି ଆମ୍ବୁଲାନ୍ସ। ସେହିସବୁ ଗାଁ ଲୋକଙ୍କ ପାଇଁ କୌଣସି ଅର୍ଥ ବହନ କରେନି ୧୦୮ ଆମ୍ବୁଲାନ୍ସ ସେବା। ଗ୍ରାମାଞ୍ଚଳର ଆଉଏକ ସମସ୍ୟା ହେଉଛି ସେଠାକାର ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଡାକ୍ତରମାନଙ୍କ ଅନୁପସ୍ଥିତି। ଗ୍ରାମାଞ୍ଚଳରେ ନିଯୁକ୍ତି ପାଇଥିବା ଡାକ୍ତରମାନେ ପ୍ରାୟତଃ ସହରରେ ରୁହନ୍ତି ଏବଂ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଯାଆନ୍ତି ନାହିଁ କି ସେଠାରେ ରୋଗୀ ଦେଖନ୍ତିନି ନିର୍ଦ୍ଧାରିତ ସମୟରେ। ଉପାନ୍ତ ଅଞ୍ଚଳରେ କିଛି ଡାକ୍ତରଖାନାରେ ଡାକ୍ତର ଓ ନର୍ସଙ୍କ ଅନୁପସ୍ଥିତିରେ ରୋଗୀ ସେବା କରନ୍ତି ସୁଇପର ଓ ରାତ୍ରି ଜଗୁଆଳି।

ଆମ ସମାଜରେ ଆଜି ବି ଏମିତି ଡାକ୍ତର ଅଛନ୍ତି, ଯେଉଁମାନଙ୍କ ପାଇଁ ରୋଗୀସେବା ଏକ ବୃତ୍ତି ନୁହେଁ ପ୍ରବୃତ୍ତି। ଏକ ସଂକଳ୍ପ। ଏହି ଉତ୍ସର୍ଗୀକୃତ ଡାକ୍ତରଙ୍କ ମିଠାକଥାରେ, ଶ୍ରଦ୍ଧାଶୀଳ ଆଚରଣରେ, ସ୍ପର୍ଶରେ ରୋଗୀ ଅନୁଭବ କରେ ଅଧା ଉପଶମ। ସେମାନଙ୍କ ନିଃସର୍ତ୍ତ ସେବାପଣ ଆଗରେ ନଇଁଯାଏ ମଥା। ଆଉ ଏକ କିସମର ଡାକ୍ତର ଅଛନ୍ତି, ଯିଏ ଲାଭ ଓ ଲୋଭର ତରାଜୁରେ ମାପନ୍ତି ସେବାର ମାନ। ଏମାନେ ସରକାରୀ ଚାକିରିରେ ଥାଇ ସୁଦ୍ଧା ଅଧିକ ସମୟ ଦିଅନ୍ତି ଘରୋଇ ଚିକିତ୍ସାରେ। ଘରୋଇ ଚିକିତ୍ସାର ଅର୍ଥ ନୁହେଁ, ଯୋଜନାବଦ୍ଧ ଭାବରେ ସରକାରୀ ଡାକ୍ତରଖାନା ପ୍ରତି ଅନାସ୍ଥାଭାବ ସୃଷ୍ଟି କରି ରୋଗୀକୁ ଘରୋଇ ଚିକିତ୍ସା ଆଡ଼କୁ ଟାଣିବା। ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ହିଁ ବିଡ଼ମ୍ବିତ ସତ୍ୟ। ଏହି କାରଣରୁ ଆଶ୍ଚର୍ଯ୍ୟଜନକ ଭାବେ ଅଚଳ ହୋଇଯାଏ ସରକାରୀ ଡାକ୍ତରଖାନାର ବହୁ ମୂଲ୍ୟବାନ ଯନ୍ତ୍ରପାତି।

ଗଲା କେତେ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ଅନେକଗୁଡ଼ିଏ କର୍ପୋରେଟ ପରିଚାଳିତ ଡାକ୍ତରଖାନା ପ୍ରତିଷ୍ଠା ହୋଇପାରିଛି ଏବଂ ଘରୋଇ ଡାକ୍ତରଖାନାଗୁଡ଼ିକ ପାଇଁ ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆସିପାରିଛି ବୈପ୍ଳବିକ ପରିବର୍ତ୍ତନ। ଜଟିଳ ରୋଗର ଚିକିତ୍ସା ପାଇଁ ଆଉ ଯିବାକୁ ପଡୁନି ଦିଲ୍ଲୀ, ମୁମ୍ବାଇ ଓ ବାଙ୍ଗାଲୋର। ସବୁ ପ୍ରକାର ଚିକିତ୍ସା ସୁବିଧା ଓଡ଼ିଶାର ଘରୋଇ ଡାକ୍ତରଖାନାରେ ଉପଲବ୍ଧ। ଏସବୁ ଡାକ୍ତରଖାନାର ଚିକିତ୍ସା ବ୍ୟବସ୍ଥା ଯେତିକି ଉଚ୍ଚମାନର, ତଣ୍ଟିକଟା ଯୋଜନା ସେତିକି ସୁପରିକଳ୍ପିତ। ରୋଗୀ ମରିଗଲା ପରେ ବି ତା' ଦେହରେ ଭେଣ୍ଟିଲେଟର ଲଗାଇ ପରିବାର ଲୋକଙ୍କଠାରୁ ଶୋଷଣ କରାଯାଏ ଟଙ୍କା। ରୋଗୀ ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଭୁକ୍ତ ହୋଇଥିଲେ, ରୋଗୀ ଆରୋଗ୍ୟ ପରେ ବି ଚିକିତ୍ସା ଚାଲେ ନିର୍ଦ୍ଧାରିତ ଅର୍ଥରାଶି ହଡ଼ପ ସରିବା ପର୍ଯ୍ୟନ୍ତ। ସାଧାରଣ ଲୋକଙ୍କୁ ଅଳ୍ପ ଖର୍ଚ୍ଚରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସର୍ତ୍ତରେ ଏମାନେ ଶାଗମାଛ ଦରରେ ହାତେଇଛନ୍ତି ମୂଲ୍ୟବାନ ସରକାରୀ ଜମି। ସର୍ତ୍ତ ଖିଲାପ ପରେ ବି ସେମାନଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହେବା ପରିବର୍ତ୍ତେ ସେମାନଙ୍କ ବ୍ୟବସାୟ ବଢ଼େଇବା ପାଇଁ ଜାଣିଶୁଣି ସରକାରୀ ଡାକ୍ତରଖାନାରେ ସୃଷ୍ଟି କରାଯାଉଛି ଅଚଳାବସ୍ଥା।

ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାରେ ଆଉ ଏକ ସମସ୍ୟା ହେଉଛି ନକଲି ଓ ନିମ୍ନମାନର ଔଷଧ। ନିମ୍ନମାନର ଔଷଧ ଯେତିକି ବିପଦଜନକ, ନକଲି ଔଷଧ ସେତିକି ମାରାତ୍ମକ। ରୋଗୀ ଔଷଧ ଖାଏ ରୋଗ ଭଲ ହେବା ପାଇଁ। ମାତ୍ର ରୋଗ ଭଲ ହେବା ତ ଦୂରର କଥା ନକଲି ଔଷଧ ରୋଗୀ ଦେହରେ ସୃଷ୍ଟି କରେ ନୂଆ ରୋଗ। ଏହି ଦୃଷ୍ଟିରୁ ଯେଉଁମାନେ ନକଲି ଔଷଧ କାରବାର କରନ୍ତି, ସେମାନେ ଜଣେ ଜଣେ ହତ୍ୟାକାରୀ ବା ଜୀବନଭକ୍ଷକ। ଅସାଧୁ ବ୍ୟକ୍ତି ବା ଫାର୍ମାସ୍ୟୁଟିକାଲ କମ୍ପାନୀ ଦ୍ୱାରା ନକଲି ଔଷଧ ତିଆରି ହୁଏ, ଯା'ର ଏକମାତ୍ର ଉଦ୍ଦେଶ୍ୟ ଅସାଧୁ ଉପାୟରେ ପର୍ଯ୍ୟାପ୍ତ ଅର୍ଥ ଉପାର୍ଜନ। ଆମ ରାଜ୍ୟରେ ବିଭିନ୍ନ ସମୟରେ ନକଲି ଔଷଧ ଜବତ ହେଉଥିଲେ ବି ଦୋଷୀ ଧରାପଡୁନାହାନ୍ତି, କିମ୍ବା ଧରାପଡ଼ିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ, ଯାହା ଦୁର୍ଭାଗ୍ୟଜନକ। ନକଲି ଔଷଧ ଯୋଗୁଁ ହେଉଥିବା ମୃତ୍ୟୁ ପାଇଁ କେବଳ ତା'ର ନିର୍ମାତା ଓ ବ୍ୟବସାୟୀ ଦାୟୀ ନୁହନ୍ତି, ଏଥିପାଇଁ ସରକାରୀ ବ୍ୟବସ୍ଥା ମଧ୍ୟ ଦାୟୀ।

ଭଦ୍ରକ୍, ମୋ: ୬୩୭୧୬୪୨୪୬୪

# ଆତ୍ମହତ୍ୟା ପ୍ରବଣତା ଏକ ଅସୁସ୍ଥ ମାନସିକତା

ଅର୍ଜ୍ଜୁନ ଘଡ଼େଇ

ଯେକୌଣସି ଗୁରୁତର ସମସ୍ୟାର ସାମାଧାନ ପାଇଁ ଅନେକ ଉପାୟ ନିର୍ଣ୍ଣୟ କରାଯାଇପାରେ। କିନ୍ତୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମସ୍ୟାର ସମାଧାନ କରି ନ ପାରି ଆତ୍ମହତ୍ୟା ପରି ନିଷ୍ଠୁର, ଅଶୋଭନୀୟ, ବିବେକହୀନ, ଅଯୌକ୍ତିକ ଓ ଅସାମାଜିକ କାର୍ଯ୍ୟକୁ ଆପଣେଇ ନେବା ଏକ ସୁସ୍ଥ ମାନସିକତାର ପରିଚାୟକ ନୁହେଁ। ଏହାଦ୍ୱାରା ନା ହୁଏ ସମାସ୍ୟାର ସମାଧାନ ନା ମିଳେ ଆତ୍ମସମ୍ମାନ। ତେଣୁ ନିଜକୁ ଅସହାୟ, ନିରୁପାୟ ଭାବି ଅମ୍ରୁହତ୍ୟା କରିବାକୁ ଉଦ୍ୟମ କରିବା ଏକମାତ୍ର ବିକଳ୍ପ ନୁହେଁ। ସଂସାର ଅଛି ମାନେ ସମସ୍ୟା ଅଛି - ସମାଧାନ ବି ଅଛି। ଶୀଘ୍ର ନହେଲେ ବି ବିଳମ୍ବରେ ହେଇପାରେ। ଜୀବନ ଅଛି ମାନେ ଯନ୍ତ୍ରଣା ବି ରହିବ। କିନ୍ତୁ ଯନ୍ତ୍ରଣାରୁ ଉପଶମ ପାଇଁ ବା ମୁକ୍ତ ହେବା ପାଇଁ ଆତ୍ମହତ୍ୟା କରିବା ଅମାନବିକ, ଅନୈତିକ ଓ ଅପରିଣାମଦର୍ଶୀ କାର୍ଯ୍ୟ ଭାବେ ବିବେଚନା କରିବାକୁ ହେବ।

ଅଧିକାର ସାବ୍ୟସ୍ତ ପାଇଁ ସଂଗ୍ରାମ କରିବା, ସମସ୍ୟା ବିରୁଦ୍ଧରେ ସଂଗ୍ରାମ ପାଇଁ ଶକ୍ତି ସଂଚୟ କରିବା, ବଞ୍ଚିବା ପାଇଁ ଉପାୟ ଖୋଜିବା ଆମର ସନ୍ତୁଳିତ ମାନସିକତାର ଗଠନପୂର୍ଣ୍ଣ କର୍ତ୍ତବ୍ୟ ହେବା ବିଧେୟ। ଆମ ପୂର୍ବସୂରୀ, ଜ୍ଞାନୀ, ଗୁଣୀ, ସମାଜ ସେବୀ, ତ୍ୟାଗୀ ମହାପୁରୁଷମାନଙ୍କର କର୍ତ୍ତବ୍ୟ ସମୂହରୁ ଆମେ ଏମିତି ଅନେକ ଶିକ୍ଷା ପାଇଛେ, ଯାହାକୁ ଆଧାର କରି ଅନେକ ବ୍ୟକ୍ତି ଆତ୍ମହତ୍ୟା କରିବାକୁ ଯାଇ ଫେରିଆସିଛନ୍ତି। ପରବର୍ତ୍ତୀ ଜୀବନରେ ସମାଜ ପାଇଁ ଅନେକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରିଛନ୍ତି। କିନ୍ତୁ ଆଜିର ସମାଜରେ ଲୋକମାନଙ୍କ ମନରେ ଆତ୍ମହତ୍ୟା ପ୍ରବଣତା ଯେପରି ବୃଦ୍ଧିପାଇଛି, ଦେଖିଲେ ଯେତିକି ଦୁଃଖଲାଗୁଛି ସେତିକି ବିସ୍ମୟାଭିଭୂତ ହେବାକୁ ପଡୁଛି। ଏହା ଆମ ଅସ୍ଥିର ଭାବନା ଓ ଧୈର୍ଯ୍ୟଚ୍ୟୁତି ଯୋଗୁଁ ଯେ ଘଟୁଛି ଏହା ନିଃସନ୍ଦେହ।

ଅନେକ କାରଣରୁ ଆମ ମନ ବିଚଳିତ ହୁଏ। ବିଚାରରେ ବିଭ୍ରାଟ ସୃଷ୍ଟି ହୁଏ। ମାନସିକ ଅବସ୍ଥା ଅସ୍ଥିର ହୁଏ। ବେଳେବେଳେ ପରିବାରର ଆତ୍ମୀୟ, ରକ୍ତ ସମ୍ପର୍କୀୟ, ସମାଜର ଅସାମାଜିକ ଚରିତ୍ର, ନ୍ୟାୟିକ ବ୍ୟବସ୍ଥା ଓ ଆଇନ କାନୁନ୍ ସୁରକ୍ଷା ପାଇଁ ନିଯୁକ୍ତ ଥିବା, ଦାୟିତ୍ୱ ବହନ କରିଥିବା ବ୍ୟକ୍ତିବିଶେଷ - ଏସମସ୍ତଙ୍କର ଏଥିରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ହାତଥାଏ। ଜଣଙ୍କୁ ଆତ୍ମହତ୍ୟା ନ କରିବା ପାଇଁ ସେମାନେ ସେମାନଙ୍କର ଦାୟିତ୍ୱ ସଠିକ ଭାବେ ନିର୍ବାହ କରିପାରନ୍ତି ନାହିଁ। କିନ୍ତୁ ଆମେ ଯେଉଁମାନେ ଏପରି ନୀତିହୀନ କାର୍ଯ୍ୟ କରିବାକୁ ପ୍ରୟାସ କରୁଛେ, ଆମେ କ'ଣ ନିଜକୁ ଜଣେ ବିଚାରବନ୍ତ ମଣିଷଭାବେ ପରିଚୟ ଦେଇପାରିବା ନାହିଁ? ଆମର ଶିକ୍ଷା, ଦୀକ୍ଷା, ସାମାଜିକ ଦାୟିତ୍ୱବୋଧ, ନୀତି, ନୈତିକତା କ'ଣ ଆମକୁ ବିପତ୍ତି, ବିପର୍ଯ୍ୟୟରୁ ମୁକ୍ତ କରିପାରିବ ନାହିଁ? ଏଥିପାଇଁ ଦୃଢ଼ ମନୋବଳ ସହ ଧୈର୍ଯ୍ୟ, ପ୍ରାଜ୍ଞ, ସହନଶୀଳତା ଆଦି ପ୍ରାଣ ସୁରକ୍ଷାକାରୀ ଚେତନାଗୁଡ଼ିକୁ ଉଜ୍ଜୀବିତ କରିବାକୁ ପଡ଼ିବ ଶେଷ ଜୀବନ ହେବା ଯାଏଁ।

ଏ ଜୀବନ ଆମର ନୁହେଁ- ଏହା ଈଶ୍ୱର ପ୍ରଦତ୍ତ ବା ଐଶୀଶକ୍ତି ସମ୍ପର୍କୀତ, ଯାହା ଆମେ ଆଧ୍ୟାତ୍ମିକ ତତ୍ତ୍ୱ ସମୂହରୁ ଜାଣିଛେ। ଯାହା ଆମର ଅଧିକାର ନୁହେଁ ତାହା ଆମେ ଧ୍ୱଂସ କରିବାକୁ ପ୍ରୟାସ କରି ଅମାନବିକତାର ପରିଚୟ ଦେବା ଉଚିତ ନୁହେଁ।

ଜୀବନରେ ଯୋଗ, ଆସନ, ପ୍ରାଣାୟମ ଆଦି ଦ୍ୱାରା ମନ, ଚିତ୍ତରେ ସ୍ଥିରତା ଆସେ। ଧୈର୍ଯ୍ୟଭାବ ସୃଷ୍ଟି ହୁଏ। ଏକଥା ପିଲାଦିନୁ ଅଭ୍ୟାସ କଲେ ପିଲାଟି ବଡ଼ ହେଲା ପରେ ନିଜକୁ ସଶକ୍ତ କରି ଗଢ଼ିପାରିବ। ଦ୍ୱିତୀୟରେ ପିଲା ଦିନରୁ ପ୍ରାପ୍ତବୟସ୍କ ହେବା ପର୍ଯ୍ୟନ୍ତ ଅନେକ ପିଲା ପରିବାରଠାରୁ ଦୂରରେ ରହି ଶିକ୍ଷାଗ୍ରହଣ କରୁଛନ୍ତି। ସେମାନେ ପାରିବାରିକ ସ୍ନେହ, ଶ୍ରଦ୍ଧା, ସମ୍ପର୍କକୁ ବୁଝିବାରେ ଅସମର୍ଥ ହୋଇ ଏ କାର୍ଯ୍ୟ ଯୋଗୁଁ ସେମାନଙ୍କ ପରିବାର ଲୋକେ କେତେ ଦୁଃଖ ପାଇବେ ତାହା ଅନୁଭବରେ ଆଣିପାରୁନାହାନ୍ତି। ତୃତୀୟରେ ବ୍ୟକ୍ତିଟିର କୌଣସି ତ୍ରୁଟିଯୁକ୍ତ କାର୍ଯ୍ୟକୁ ଅତ୍ୟଧିକ ସମାଲୋଚନା ନକରି ସେହି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେବା ଆମ ପରିବାର ଲୋକ, ବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ଉପଯୁକ୍ତ କର୍ତ୍ତବ୍ୟ ହେବା ବିଧେୟ। ତାହା କରିବାରେ ଆମର ଅବହେଳା ହେଉଛି। ଆଇନ୍ ସୁରକ୍ଷାକାରୀଙ୍କ କାଳକ୍ଷେପଣ ନୀତି, କିମ୍ବା ଅଣଦେଖା ଦ୍ୱାରା ଅନେକ ବ୍ୟକ୍ତି ଠିକ୍‌ସମୟରେ ଉପଯୁକ୍ତ ନ୍ୟାୟ ନ ପାଇ ଅସହାୟ ମନେ କରି ଆତ୍ମହତ୍ୟା ଆଡ଼କୁ ମନ ବଳାଉଛନ୍ତି। ନ୍ୟାୟିକ ବ୍ୟବସ୍ଥାରେ ଆତ୍ମହତ୍ୟା ପାଇଁ ପ୍ରୋତ୍ସାହିତ କରୁଥିବା କିମ୍ବା ନିଜେ କରୁଥିବା ବ୍ୟକ୍ତିମାନଙ୍କୁ ତତ୍‌କ୍ଷଣାତ୍, ସର୍ବସମ୍ମୁଖରେ କଠୋର ଶାସ୍ତି ଦେବାର ବ୍ୟବସ୍ଥା କରାଯାଇପାରୁନାହିଁ। ଏପରି ଅନେକ କାରଣ ଯୋଗୁଁ ଅତ୍ୟାଚାରିତ, ନିଷ୍ପେଷିତ, ଅନେକ ବ୍ୟକ୍ତି ଆତ୍ମହତ୍ୟା କରିବାକୁ ଆଗେଇ ଆସୁଛନ୍ତି।

ଏହା ସର୍ବଶେଷ ନିଷ୍ପତ୍ତି ହୋଇନପାରେ। ଏଥିପାଇଁ କିଛି ସମୟ ପାଇଁ ଏପରି ଅନୁଷ୍ଠାନ ବା ସ୍ଥାନମାନଙ୍କଠାରୁ ଦୂରେଇ ଯାଇ ଏକ ନିରାପଦ ସୁରକ୍ଷା ପ୍ରଦାନକାରୀ ସ୍ଥାନ ସ୍ଥିର କରି କିଛିଦିନ ଅତିବାହିତ କରିଦେଲେ ମାନସିକତାରେ ପରିବର୍ତ୍ତନ ଆସିଯାଇପାରେ କିମ୍ବା ଅନ୍ୟ କିଛି ସମାଧାନର ସୂତ୍ର ବାହାରିପାରେ। ସମୟ ସ୍ରୋତରେ ଭାସିନଯାଇ ପ୍ରତିକୂଳରେ ଗତି କରିବା ଶିଖିବା ଆବଶ୍ୟକ। ବିଶୃଙ୍ଖଳିତ ସାମାଜିକ ବ୍ୟବସ୍ଥାକୁ ପ୍ରତିହତ କରିବା ବୁଦ୍ଧିମତ୍ତାର ପରିଚୟ ହୋଇଥାଏ। ପରିବାରଠାରୁ ସମାଜ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜ ସ୍ତରରେ ଏଥିପାଇଁ ସଚେତନା ସୃଷ୍ଟି କଲେ ଆତ୍ମହତ୍ୟା ପ୍ରବଣତା ସମାଜରେ କମିଯିବ - ଏ ବିଶ୍ୱାସ ରଖିବା ଉଚିତ। ସାମାଜିକ ପରିସ୍ଥିତିକୁ ଲକ୍ଷ୍ୟ କରି ବିଭିନ୍ନ ସାମାଜିକ ସଂଗଠନ କିମ୍ବା ଧାର୍ମିକ ଅନୁଷ୍ଠାନ ଏ ଦିଗରେ ଆଲୋଚନା କରି ଜନ ସଚେତନତା ସୃଷ୍ଟି କରିବାର ଯଥେଷ୍ଟ ଆବଶ୍ୟକତା ରହିଛି। ଲୋକମାନଙ୍କ ମନରୁ ଏପରି କୁତ୍ସିତ ଚିନ୍ତାଧାରା କିପରି ଦୂର କରାଯାଇପାରିବ ସେଥିପାଇଁ ସରକାରୀ ଓ ବେସରକାରୀ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ।

ମଣିଷ ଅମୃତର ସନ୍ତାନ। ଭଗବାନଙ୍କର ସର୍ବଶ୍ରେଷ୍ଠ ସୃଷ୍ଟି। ଯେଉଁ ଆତ୍ମାର ଗତି, ସ୍ଥିତି, ବିଳୟ ଆମ ଅଧିକାର ଭୁକ୍ତ ନୁହେଁ, ସେ ଆତ୍ମାକୁ ଶେଷ କରିବାର ନିଷ୍ପତ୍ତି ଆମେ ନେବା ଉଚିତ କି? ଥରେ ହୁଏତ ଏତିକି ଅନୁଭବ କଲେ ସବୁଦିନ ପାଇଁ ଆତ୍ମହତ୍ୟା କରିବାର ମାନସିକତା ଦୂର ହୋଇଯା'ନ୍ତା।

ଦାଣ୍ଡମୁକୁନ୍ଦପୁର(ପୁରୀ),
ମୋ: ୯୪୩୮୦୪୮୬୧୫)

# ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

**ଅମରପୋଇ**

**ପ୍ରକୃତି-ପରିବେଶ**

ଅମରପୋଇ ମାଡାଗାସ୍କର ଏବଂ ଦକ୍ଷିଣ ଆଫ୍ରିକାର ମୂଳ ଜାତ। କିନ୍ତୁ ସାରା ବିଶ୍ୱରେ ଉଷ୍ମମଣ୍ଡଳୀୟ ଅଞ୍ଚଳରେ ପ୍ରାକୃତିକ ହୋଇସାରିଛି। ଏହା ସାଧାରଣତଃ ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ଦେଶଗୁଡ଼ିକରେ ଦେଖାଯାଏ। ଅମରପୋଇ ଏକ ବହୁବର୍ଷୀୟ ରସାଳ, ଚମକଦାର ଔଷଧି ତୃଣ ଯାହା ପ୍ରାୟ ଏକ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଅଦ୍ଭୁତ ଚିକିତ୍ସା କ୍ଷମତା ଯୋଗୁଁ ଅମରପୋଇକୁ 'ଅଦ୍ଭୁତ ପତ୍ର' ଓ 'ଜୀବନ ଉଦ୍ଭିଦ' କୁହାଯାଏ। କାଣ୍ଡଗୁଡ଼ିକ ହାଲୁକା ସବୁଜ ରଙ୍ଗର। ପତ୍ରଗୁଡ଼ିକ ପ୍ରତି ଗଣ୍ଠିରୁ ଦୁଇଟି ଲେଖା ବିପରୀତ ଦିଗରେ ଉତ୍ପନ୍ନ ହୋଇଥାଏ। ଫୁଲଗୁଡ଼ିକ ଲମ୍ବିତ ଓ ବଡ଼। ଫୁଲର କେଲିକ୍ସ ଅର୍ଥାତ ବହିରାବରଣ ବା ବୃତି ମଣ୍ଡଳ ସବୁଜ ଏବଂ ଉପର ଭାଗରେ ଫିକା ସବୁଜ। ଫୁଲର କରୋଲା ବା ପାଖୁଡ଼ା ଲମ୍ବା ନଳାକାର, ଲାଲ-ବାଇଗଣୀ ଓ ମୂଳରେ ଅଷ୍ଟକୋଣୀୟ। ଫଳଟି କ୍ୟାଲିକ୍ସ ଓ କୋରୋଲା ମଧ୍ୟରେ ଆବଦ୍ଧ ରହିଥାଏ। ବିହନଗୁଡ଼ିକ ଛୋଟ, ମସୃଣ ଓ ଆୟତରେ ଅଣ୍ଡାକାର।

ଅମରପୋଇରେ ଉପସ୍ଥିତ ଫାଇଟୋକେମିକାଲ୍ ବା ଜୈବ ରସାୟନିକ ଉପାଦାନଗୁଡ଼ିକ ହେଉଛି ଆଲକାଲଏଡ୍, ସାପୋନିନ୍, ଫ୍ଲାଭୋନଏଡ୍, ଟାନିନ୍ ଓ କାର୍ଡିଆକ୍ ଗ୍ଲାଇକୋସାଇଡ୍ (ବ୍ରାୟୋଫିଲିନ୍-ଏ), ଇତ୍ୟାଦି। ପୁଷ୍ଟିକର ବିଶ୍ଳେଷଣ ଦର୍ଶାଏ ଯେ ଏଥିରେ କାର୍ବୋହାଇଡ୍ରେଟ୍ ବା ଶର୍କରା ପରିମାଣ ସର୍ବାଧିକ ଏବଂ ଏସ୍ ବା ପାଉଁଶ ସର୍ବନିମ୍ନ ଥାଏ। କ୍ୟାଲସିୟମ ଓ ପୋଟାସିୟମ୍ ସ୍ତର ପ୍ରାଧାନ୍ୟ ବିସ୍ତାର କଲା ବେଳେ ସୀସା ଓ ଜିଙ୍କ୍ ସର୍ବନିମ୍ନର ସ୍ତରରେ ଥାଏ। ଏଥିରେ ଫ୍ଲାଭୋନଏଡ୍ସ ଓ ଫେନୋଲିକ୍ ଯୌଗିକ ଉପାଦାନ ପରି ଆଣ୍ଟିଅକ୍ସିଡାଣ୍ଟ, ଅକ୍ସିଡେଟିଭ୍, ଆଣ୍ଟି-ଇନଫ୍ଲେମେଣ୍ଟାରୀ, ଆଣ୍ଟିମାଇକ୍ରୋବାୟଲ୍, ଆଣ୍ଟିଫଙ୍ଗାଲ, ଆନାଲ୍ଜେସିକ୍, ଡାଏୟୁରେଟିକ, ଗୁଣ ଭରପୂର ରହିଛି। ଅମରପୋଇର ସବୁଠାରୁ ଜଣାଶୁଣା ବ୍ୟବହାର ମଧ୍ୟରୁ ଗୋଟିଏ ହେଉଛି କିଡନୀ ବା ବୃକକ୍ ପଥର ଚିକିତ୍ସା। ଉଦ୍ଭିଦର ଔଷଧୀୟ ବ୍ୟବହାର ମଧ୍ୟରେ ହୃତପିଣ୍ଡ ସ୍ୱାସ୍ଥ୍ୟକୁ ଉନ୍ନତ କରିବାଠାରୁ ଆରମ୍ଭ କରି ପାଚନ ଅସ୍ୱସ୍ତିର ଦୂର, ରକ୍ତ ଚାପ ଓ ରକ୍ତ ସର୍କରା ନିୟନ୍ତ୍ରଣ, କୋଲେଷ୍ଟ୍ରଲ୍ ସ୍ତର ହ୍ରାସ, ରକ୍ତ ସଞ୍ଚାଳନକୁ ଉନ୍ନତ, ଆସ୍ଥମା, ବ୍ରୋଙ୍କାଇଟିସ୍, ଦୀର୍ଘକାଳୀନ କାଶ, ଶ୍ୱାସକ୍ରିୟା ସମସ୍ୟା, ଆର୍ଥ୍ରାଇଟିସ୍, ଗଣ୍ଠି ଯନ୍ତ୍ରଣା, ମାଂସପେଶୀ ପ୍ରଦାହ, ଫୁଲା ଓ ଯନ୍ତ୍ରଣା ହ୍ରାସ, ଚର୍ମ ରୋଗ ଚିକିତ୍ସା, ପୋଡ଼ାଜଳା, କଟା, ଫୋଡ଼ା, କୀଟପତଙ୍ଗ କାମୁଡ଼ା ଚିକିତ୍ସା, କୋଷ୍ଠକାଠିନ୍ୟ, ଅଜୀର୍ଣ୍ଣ, ମୁଣ୍ଡବିନ୍ଧା, ଋତୁସ୍ରାବ ଯନ୍ତ୍ରଣା, ମେଦ ବହୁଳତା, କଳାଦାଗ ହ୍ରାସର ଚିକିତ୍ସା ଆଦି ରହିଛି।

ଯଦିଓ ଆମରପୋଇ ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ, ଏହାର କିଛି ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ସଚେତନ ରହିବା ଆବଶ୍ୟକ ଏବଂ ସ୍ୱାସ୍ଥ୍ୟସେବା ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଅତ୍ୟନ୍ତ ଜରୁରୀ। ଗର୍ଭବତୀ ପ୍ରସୂତିମାନେ ବିଶେଷଜ୍ଞଙ୍କ ପରାମର୍ଶ ବିନା ଅମରମୋଇ ବ୍ୟବହାର କରିବାରୁ ନିବୃତ୍ତ ରହିବାକୁ ପରାମର୍ଶ ଦିଆଯାଇଛି।

ଅମରପୋଇର ବିବିଧ ଔଷଧୀୟ ବ୍ୟବହାର ଏହାକୁ ପ୍ରାକୃତିକ ଆରୋଗ୍ୟ ପାଇଁ ଏକ ପସନ୍ଦର ଉଦ୍ଭିଦ କରିଥାଏ। ସୁସ୍ଥ ଓ ସତେଜ ରହିବା ପାଇଁ ଏହି ତୃଣ ପୂର୍ଣ୍ଣ ସୂର୍ଯ୍ୟ କିରଣରୁ ଆଂଶିକ ଛାଇ ଆବଶ୍ୟକ କରେ। ଏହା ଥଣ୍ଡା ପ୍ରତିରୋଧୀ ନୁହେଁ ଏବଂ ଥଣ୍ଡା ପରିସ୍ଥିତିରେ ବଞ୍ଚି ରହେ ନାହିଁ। ସେଭଳି ପରିସ୍ଥିତିରେ ଏହାର ମୂଳର ଚାରିପାଖରେ ମାଟିରେ ମଲ୍‌ଚ କିମ୍ବା ଗୋଡ଼ିର ଏକ ସ୍ତର ରଖିବା ଦ୍ୱାରା ଏହାକୁ ଉଷ୍ମ ରଖିବାରେ ସାହାଯ୍ୟ କରିପାରିବ। ଏହାକୁ ଏକ ଭଲ ବାୟୁଚଳନ ସ୍ଥାନରେ ରଖିବା ଉଚିତ। ଏହାର ବଂଶବିସ୍ତାର ସହଜରେ ବିହନ କିମ୍ବା ପତ୍ର, କାଣ୍ଡ କିମ୍ବା ଅଗ୍ରଭାଗ କଟିଙ୍ଗ ଦ୍ୱାରା ପ୍ରସାରିତ ହୁଏ। ନୂତନ ଚାରା ପତ୍ର ଧାରରେ ସୃଷ୍ଟି ହୁଏ ଏବଂ ଏହାକୁ ଅଲଗା କରି ପୋତାଯାଇପାରିବ। ପିଲାମାନେ ଆମୋଦ ପାଇଁ ବହି କିମ୍ବା ଖାତା ଭିତରେ ଅମରପୋଇ ପତ୍ର ରଖନ୍ତି। କିଛିଦିନ ପରେ ପତ୍ରଧାରର ବିଭିନ୍ନ ସନ୍ଧିରୁ ଚେର ବାହାରେ। ତେଣୁ ଏହାର ପତ୍ରକୁ ପୋତିଲେ ମଧ୍ୟ ଗଛ ସୃଷ୍ଟି କରାଯାଇପାରିବ। ତେଣୁ ତାହାକୁ ଅମରପୋଇ ନାମ ଦିଆଯାଇଥିବା ଚର୍ଚ୍ଚା ହୁଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପାରିବାରିକ କଳହରୁ ମା'କୁ ହତ୍ୟା

## ଜେଲ୍ ଗଲା ପୁଅ

ରାଉରକେଲା,୭।୯(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ଜନ୍ମ କଲା ମାଆକୁ ହତ୍ୟା ଅଭିଯୋଗରେ ହେମଗିରି ପୁଲିସ୍ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲା, ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଥାନା ଅନ୍ତର୍ଗତ ବନ୍ଧପାଲି ଗାଁର ବଳିନ୍ଦ୍ର ଧୁରୁଆ (୪୨)। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ବଳିନ୍ଦ୍ରକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ପୁଲିସ୍ ବଳିନ୍ଦ୍ରଙ୍କ ମା' ଶୈଳ ଧୁରୁଆ (୬୦)ଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।



ସୂଚନା ମୁତାବକ, ବଳିନ୍ଦ୍ରଙ୍କ ଝିଅମାନେ ପଡ଼ୋଶୀ ଘରକୁ ଯାଇଥିବାରୁ ଶୈଳ ଗତକାଲି ଅପରାହ୍ଣରେ ସେମାନଙ୍କୁ ପାଟିତୁଣ୍ଡ କରିଥିଲେ। ବଳିନ୍ଦ୍ର ଏହାର ପ୍ରତିବାଦ କରିବାରୁ ମା'-ପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେବେ କଥା ଆଗକୁ ବଢ଼ିବାରୁ ଦୁହେଁ ଧସ୍ତାଧସ୍ତି ହୋଇଥିଲେ। ଏତିକିବେଳେ ପୁଅର ଧକ୍କାରେ ଶୈଳ ତଳେ ପଡ଼ି ସଂଜ୍ଞାହୀନ ହୋଇଯାଇଥିଲେ। ତାଙ୍କ ମୁଣ୍ଡ ଫାଟି ରକ୍ତ ବାହାରିଥିଲା। ଶୈଳଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୈଳଙ୍କ ସାନ ଭଉଣୀ ସୋଉକି ଭୋଇଙ୍କ ଅଭିଯୋଗ ଆଧାରରେ ପୁଲିସ୍ ବଳିନ୍ଦ୍ରଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି।

# ଜାହାଜରୁ ଖସି ନିଖୋଜ କର୍ମଚାରୀଙ୍କ ଶବ ଉଦ୍ଧାର

ପାରାଦୀପ, ୭।୯ (ସମିସ): ଜାହାଜରୁ ଖସି ନିଖୋଜ ଥିବା କର୍ମଚାରୀଙ୍କ ମୃତଦେହ ଆଜି ସନ୍ଧ୍ୟାରେ ପିଆଇସିଟି-୨ ବର୍ଥରୁ ଉଦ୍ଧାର କରାଯାଇଛି। ଉଦ୍ଧାର ମୃତଦେହକୁ ବନ୍ଦର ମେଡିକାଲରେ ରଖାଯାଇଥିବା ବେଳେ ଆସନ୍ତାକାଲି ବ୍ୟବଚ୍ଛେଦ କରାଯିବ ବୋଲି ମେରାଇନ୍ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ମୃତ କର୍ମଚାରୀଜଣଙ୍କ ଚୀନ୍‌ର ନାଗରିକ ଝାଙ୍ଗ ତାଇ (୨୦) ବୋଲି ଜଣାପଡ଼ିଛି।



ସୂଚନା ମୁତାବକ, ଜାହାଜ 'ଲକି-ଡ୍ରାଗନ୍' ପଣ୍ୟ ଖାଲି କରିବା ପରେ ବର୍ଥ ଛାଡ଼ିବା ବେଳେ ଦୁଇଜଣ କର୍ମଚାରୀ ସମୁଦ୍ର ମଧ୍ୟକୁ ଖସି ପଡ଼ିଥିଲେ। ବାଂଲାଦେଶୀ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଚୀନ୍ ନାଗରିକ ଝାଙ୍ଗ ତାଇ ନିଖୋଜ ଥିଲେ। ଆଜି ୩ଦିନ ପରେ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି।

# ୭ ଫୁଟ୍‌ର ଅଜଗର ଉଦ୍ଧାର

କୋରୁକୋଣ୍ଡା, ୭।୯(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହରର ୨ ନମ୍ବର ୱାର୍ଡସ୍ଥିତ ଆନିଆ ସାହିର ଜଣେ ବ୍ୟକ୍ତିଙ୍କ ଘରୁ ଆଜି ସକାଳେ ୭ ଫୁଟ୍‌ର ଏକ ଅଜଗର ଉଦ୍ଧାର ହୋଇଛି। ଘର ଭିତରେ ଦୁର୍ଗନ୍ଧ ହେବାରୁ ମୂଷା ମରିଯାଇଥିବା ଭାବି ଘରର ଏଣେତେଣେ ସେମାନେ ଖୋଜି ବୁଲିଥିଲେ। ତେବେ ଘରକୋଣରେ ଅଜଗରକୁ ଦେଖି ସେମାନେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ବିଶିଷ୍ଟ ସାପ ଧରାଳି ରାଜେନ୍ଦ୍ର ଖରା ସେଠାରେ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ।



## କଂଗ୍ରେସର ସଂଗଠନ ସୃଜନ ଅଭିଯାନ

# କାମ କରି ନ ପାରିଲେ ଜିଲ୍ଲା ସଭାପତି ପଦରୁ ବିଦା

ଭୁବନେଶ୍ୱର, ୭।୯(ସମିସ): ସଂଗଠନ ସୃଜନ ଦ୍ୱାରା ଜିଲ୍ଲା ସଭାପତି ଚୟନ ହେବାର ୩ ମାସ ଜୋରଦାର କାମ ହେବ। ସେଥିରେ ଯେଉଁମାନେ ପାସ୍ ନ ହେବେ, ସେମାନେ ପଦରୁ ବିଦା ହେବେ। ଦଳ ପକ୍ଷରୁ ଯେଉଁ କାମ ଦିଆଯିବ, ତାହା ସଠିକ ଭାବେ କରି ଦେଖାଇଲେ ପଦରେ ରହିବେ, ନହେଲେ ସେମାନେ ବିଦା ହେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ରାଜ୍ୟରେ କଂଗ୍ରେସର ୩୫ଟି ସାଂଗଠନିକ ଜିଲ୍ଲା ପାଇଁ ସଂଗଠନ ସୃଜନ ମାଧ୍ୟମରେ ସଭାପତି ଚୟନ ପ୍ରକ୍ରିୟା ଜାରି ରହିଛି। ଆସନ୍ତା ୧୪ତାରିଖ ସୁଦ୍ଧା ଏହି ପ୍ରକ୍ରିୟା ଶେଷ ହେବାକୁ ଥିବା ବେଳେ ଏଆଇସିସି ପର୍ଯ୍ୟବେକ୍ଷକମାନେ ସଭାପତିଙ୍କ ନାମ ସୁପାରିସ୍ କରିବେ। ଏହାରି ଭିତରେ ଭକ୍ତ ଆଜି ଏହି ମନ୍ତବ୍ୟ ଦେବା ସହ ସଭାପତି ଚୟନ ପ୍ରକ୍ରିୟା ଓ ଯେଉଁ ବାଟରେ ସଭାପତି ପଦରେ ବସିଲେ ବି କାମ କରି ଦେଖାଇବାକୁ ପଡ଼ିବ ବୋଲି କହିଛନ୍ତି।

## ୩ ମାସ ପର୍ଯ୍ୟନ୍ତ ଜିଲ୍ଲା ସଭାପତିଙ୍କ କାମ ଉପରେ ନଜର

ସେ ଆହୁରି କହିଛନ୍ତି ଯେ ସଂଗଠନ ସୃଜନ ଅଭିଯାନ ରାହୁଲ ଗାନ୍ଧୀଙ୍କ ଏକ ଅନନ୍ୟ ପ୍ରୟାସ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ତୃଣମୂଳ ସ୍ତରରେ ଜିଲ୍ଲା ସଭାପତି ଚୟନ କାର୍ଯ୍ୟକ୍ରମ ସାରା ଓଡ଼ିଶାରେ ଚାଲିଛି। କଂଗ୍ରେସ ଦଳର ୩୫ଟି ସାଂଗଠନିକ ଜିଲ୍ଲା ପାଇଁ ଏଆଇସିସିରୁ ଜଣେ ଏବଂ ପିସିସିରୁ ତିନିଜଣ ଏଭଳି ଚାରିଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଏହି ସଂଗଠନ ସୃଜନ କାର୍ଯ୍ୟକ୍ରମ ଜିଲ୍ଲାରୁ ବ୍ଲକ୍‌ସ୍ତର ପର୍ଯ୍ୟନ୍ତ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଏକ ଅପୂର୍ବ ଉତ୍ସାହ ପରିଲକ୍ଷିତ ହେଉଛି, ଯାହା କଂଗ୍ରେସ ଦଳର ଭବିଷ୍ୟତ ପାଇଁ ଅତି ଶୁଭଙ୍କର ବିଷୟ। ଏହି ପ୍ରକ୍ରିୟାକୁ ଦଳର ଅଗଣିତ ନେତା ଓ କର୍ମୀ ଯେଭଳି ଉତ୍ସବମୁଖର କରୁଛନ୍ତି, ତାହା ସାଧାରଣ ଜନତାଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡୁଛି। ଆଗାମୀ ୧୪ ତାରିଖରେ ସଂଗଠନ ସୃଜନ କାର୍ଯ୍ୟକ୍ରମର ପରିସମାପ୍ତି ହୋଇ ପ୍ରତ୍ୟେକ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ନିଯୁକ୍ତି ହେବ। ସେ ପୁଣି କହିଛନ୍ତି, ତୃଣମୂଳସ୍ତରରେ ଏଭଳି ଗଣତାନ୍ତ୍ରିକ ଉପାୟରେ, ସମସ୍ତ କଂଗ୍ରେସ କର୍ମୀଙ୍କ ମତାମତକୁ ସମ୍ମାନ ଦେଇ ନେତା ଚୟନର ଏତେ ବ୍ୟାପକ କାର୍ଯ୍ୟକ୍ରମ କେବଳ କଂଗ୍ରେସ ଦଳ ପକ୍ଷରେ ହିଁ ସମ୍ଭବ। କଂଗ୍ରେସ ସବୁବେଳେ ଗଣତନ୍ତ୍ର, ସମ୍ବିଧାନ ଏବଂ ଲୋକଙ୍କ ଅଧିକାର ଉପରେ ଅଗ୍ରାଧିକାର ଦେଇଥାଏ। କଂଗ୍ରେସ କେବଳ ଗଣତନ୍ତ୍ରର ଭାଷଣ ଦିଏ ନାହିଁ, ବରଂ ଗଣତାନ୍ତ୍ରିକ ଉପାୟରେ ନିଜ ଦଳକୁ ନିର୍ମାଣ କରିବାରେ ବିଶ୍ୱାସ କରେ। ସଂଗଠନ ସୃଜନ ଅଭିଯାନରେ ଅତ୍ୟନ୍ତ ଉତ୍ସାହ ସହକାରେ ଅଂଶଗ୍ରହଣ କରୁଥିବାରୁ ସମସ୍ତ କଂଗ୍ରେସ କର୍ମକର୍ତ୍ତା ଏବଂ କର୍ମୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ରାହୁଲ ଗାନ୍ଧୀଙ୍କ ନୀତିଗତ ପ୍ରୟାସକୁ ନେଇ ଆଗାମୀ ଦିନରେ କଂଗ୍ରେସକୁ ଅଧିକ ମଜଭୁତ କରାଯାଇ ଲୋକଙ୍କ ଅଧିକାର ପାଇଁ ଅବିରାମ ସଂଘର୍ଷ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

## ବରଗଡ଼ ସହରରେ ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା

# ପୁଲିସ୍-କଂଗ୍ରେସ କର୍ମୀ ଧସ୍ତାଧସ୍ତି

ବରଗଡ଼, ୭।୯(ସମିସ): କିଛି ଦିନର ବ୍ୟବଧାନ ପରେ ରବିବାର ବରଗଡ଼ ସହରରେ ପ୍ରଶାସନ ତରଫରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ଦେଖିବାକୁ ମିଳିଥିଲା। ପୁଲିସ ଓ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। ଜବରଦଖଲ ଉଚ୍ଛେଦକୁ ବିରୋଧ କରିବାରୁ କଂଗ୍ରେସ ନେତା ନିପନ ଦାସଙ୍କୁ ପୁଲିସ ଲେଙ୍ଗୁମିଶ୍ର ଛକରୁ ଉଠାଇନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଥାନାରେ ଅଟକ ରଖିଥିଲା। ବ୍ୟବସାୟୀ ଅନୁଷ୍ଠାନମାନଙ୍କୁ ସମୟ ଦେବା ସହ ସୁପ୍ରିମକୋର୍ଟ, ଉଚ୍ଚ ନ୍ୟାୟଳୟ ତଥା ହ୍ୟୁମାନ ରାଇଟ୍ସ କମିସନଙ୍କ ଆଦେଶକୁ ପ୍ରଶାସନ ଉଲ୍ଲଂଘନ ନ କରିବାକୁ କଂଗ୍ରେସ ନେତା ନିପନ୍ ଦାଶ ଦାବି କରିଥିଲେ। ନିପନଙ୍କୁ ପୁଲିସ ଘଟଣାସ୍ଥଳରୁ ଉଠାଇନେବା ପରେ ଘଟଣାସ୍ଥଳରେ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌରବ ଆଜାଦ ପତିଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏକତ୍ରିତ ହୋଇ ହୋହଲ୍ଲା କରିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଯାଇଥିଲା।

ପରେ ବରଗଡ଼ ଗାନ୍ଧୀ ଛକଠାରେ ମଧ୍ୟ କଂଗ୍ରେସ କର୍ମୀଙ୍କ ତରଫରୁ ରାସ୍ତା



ଅବରୋଧ କରାଯାଇଥିଲା। ହେଲେ ପୁଲିସ କଂଗ୍ରେସ କର୍ମୀଙ୍କୁ ରାସ୍ତା ଅବରୋଧରୁ ହଟାଇ ଦେଇଥିଲା। ଉଚ୍ଛେଦ ପାଇଁ ୫୦ ବର୍ଷରୁ ଅଧିକ ପୁରୁଣା ବ୍ୟବସାୟିକ ଅନୁଷ୍ଠାନକୁ ଜିଲ୍ଲା ପ୍ରଶାସନ କେବଳ ୪୮ ଘଣ୍ଟାର ସମୟ ଦେଇ ବୁଲଡୋଜର୍ ଲଗାଇ ଭାଙ୍ଗି ଦେଇଛି। ଏହାର ପ୍ରତିବାଦରେ ବରଗଡ଼ ସଚେତନ ନାଗରିକ ମଞ୍ଚ ତରଫରୁ ବରଗଡ଼ ବ୍ୟବସାୟିକ ସଂଘ ତରଫରୁ ରବିବାର ଆଗ୍ରଗାମୀ ଯୁବକ ସଂଘ ପରିସରରେ ଏକ ସାଧାରଣ ସଭା ଆଗତ ହୋଇଯାଇଛି। ସଭାରେ ବରଗଡ଼ ଜଗନ୍ନାଥ ବ୍ୟବସାୟିକ ସଂଘ, ଚାମ୍ବର ଅଫ୍ କମର୍ସ, ବରଗଡ଼ ବିକାଶ ମଞ୍ଚ, ଚେତନା ସାମାଜିକ ସଂଗଠନ, ବରିଷ୍ଠ ନାଗରିକ ସଙ୍ଘ, ପ୍ରଗତି ସାମାଜିକ ସଂଗଠନ, ପ୍ରଗତି କ୍ଲବ୍, ମରଚାଣ୍ଟ ଆସୋସିଏସନ, ବାପୁଜୀ ବଣିକ ସଙ୍ଘ, ହୋଟେଲ ଓ ରେଷ୍ଟୁରାଣ୍ଟ ଆସୋସିଏସନ, ଆଇନଜୀବୀ ବିମଳ କର, ଲିପ୍ସିତ ମିଶ୍ର, ନିପନ ଦାସଙ୍କ ସହିତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ବୁଦ୍ଧିଜୀବୀଙ୍କୁ ନେଇ ବୈଠକ ଆୟୋଜିତ ହେବା ସହ ସୋମବାର ବ୍ୟବସାୟୀକ ସଙ୍ଘ ତରଫରୁ ବରଗଡ଼ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ୧୨ ଗେଟ୍ ବନ୍ଦ କଲା ହୀରାକୁଦ

## କମିଲା ବର୍ଷା

ସମ୍ବଲପୁର,୭।୯(ସମିସ): ଉପରମୁଣ୍ଡରେ ବର୍ଷା ପରିମାଣ କମିବାରୁ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶର ପରିମାଣ କମିଛି। ଏହାକୁ ଦୃଷ୍ଟିରେ ରଖି ହୀରାକୁଦ କର୍ତ୍ତୃପକ୍ଷ ଗତକାଲି ରାତି ୪ଟି ଓ ଆଜି ପର୍ଯ୍ୟାୟକ୍ରମେ ୮ଟି, ଏହିପରି ମୋଟ ୧୨ ଗୋଟି ଗେଟ୍ ବନ୍ଦ କରିଦେଇଛନ୍ତି। ରବିବାର ସନ୍ଧ୍ୟା ସୁଦ୍ଧା ହୀରାକୁଦ ଜଳସ୍ତର ୬୨୬.୬୨ ଫୁଟ୍‌ରେ ପହଞ୍ଚିଛି। ଏବେ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ନଦୀବନ୍ଧର ବାମପଟର ୩ଟି ଓ ଡାହାଣ ପଟର ଗୋଟିଏ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପିଛା ୧,୬୪,୫୫୬ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୦୫,୦୦୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୪୭୩୨ ଘନଫୁଟ୍, ପାୱାର ଚ୍ୟାନେଲ ଦେଇ ୩୫,୯୯୭ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୩ଘନଫୁଟ୍, କେନାଲ ପାଇଁ ୪,୦୩୪ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ପଥର୍ଲାଠାରେ ୩୨୭୮୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ଖଇରମାଲଠାରେ ୩୧୦୦୦୦ କ୍ୟୁସେକ୍, ବାରମୁଲଠାରେ ୩୭୩୭୫୦କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୬୨୫୯୭୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସୂଚନା ରହିଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧.୦୨ ମିମି ଏବଂ ତଳମୁଣ୍ଡରେ ୨.୨୩ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଫୁଲିଲା ମହାନଦୀ...

ବନ୍ୟାଜଳ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଦିନ ୧୧ଟା ବେଳକୁ ମୁଣ୍ଡଳୀରେ ୬ ଲକ୍ଷ ୧୬ ହଜାର କ୍ୟୁସେକ୍ ଜଳ ପ୍ରଭାବିତ ହେଉଛି। ଏହା ପରେ ଜଳସ୍ତର ଧିରେ ଧିରେ କମିବ ବୋଲି ଆଶା କରାଯାଉଛି।

ସେହିପରି ନରାଜ, କୁଶଭଦ୍ରାଠାରେ ମହାନଦୀ ବିପଦ ସଙ୍କେତ ତଳେ ରହିଛି। ହୀରାକୁଦ୍ ଗେଟ୍ ଖୋଲିଥିବାରୁ ମହାନଦୀର ଜଳସ୍ତର ଫୁଲିବାରେ ଲାଗିଛି। ହୀରାକୁଦରେ ପର୍ଯ୍ୟାୟ କ୍ରମେ ଗେଟ୍ ବନ୍ଦ ହେଉଛି ତେଣୁ ଆଗକୁ ପାଣି କମିବ। ମାତ୍ର ମହାନଦୀ ଓ ଏହାର ଶାଖା ନଦୀକୂଳିଆ ଜିଲ୍ଲା ପ୍ରଶାସନ ସହ ଜଳ ସମ୍ପଦ ବିଭାଗ ପ୍ରସ୍ତୁତ ଅଛି। ଯେ କୌଣସି ପ୍ରକାର ପରିସ୍ଥିତି ଉପୁଜିଲେ ଆମେ ପ୍ରସ୍ତୁତ ରହିଛୁ ବୋଲି ସେ କହିଛନ୍ତି। ସେହିପରି ରେଙ୍ଗାଲି ଡ୍ୟାମର ସବୁ ଗେଟ ବନ୍ଦ ଅଛି। କେବଳ ୩ଟି ବ୍ଲକରେ ୫୦ମିମି ବର୍ଷା ହୋଇଛି। ଢେଙ୍କାନାଳର ଭୁବନରେ ୧୦୦ମିମିରୁ ଅଧିକ ବର୍ଷା ହୋଇଛି। ସେହିପରି ପ୍ରବଳ ବର୍ଷା କାରଣରୁ ଜଳକା ନଦୀର ଜଳସ୍ତର ବଢ଼ିବା ଯୋଗୁ ବାଲେଶ୍ୱରର କିଛି ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲା। ଶନିବାର ଜଳକା ନଦୀ ଜଳସ୍ତର କମିଛି। ଏହା ବିପଦ ସଙ୍କେତ ସ୍ତରଠାରୁ ତଳେ ରହିଛି। ଜଳକାର ମଥାନି ରୋଡ୍‌ରେ ଜଳସ୍ତର ୬.୪୮ ମିଟର ରହିଛି। ଏଠାରେ ବିପଦ ସଙ୍କେତ ୬.୫୦ ମିଟର ଥିବାବେଳେ ଏହାଠାରୁ ତଳେ ଜଳ ପ୍ରବାହିତ ହେଉଛି।

ଆସନ୍ତା ୧୩ ତାରିଖରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା ରହିଛି। ଏଥିପାଇଁ ପୁଣି ଥରେ ବର୍ଷା ବଢ଼ିବା ନେଇ ଆକଳନ କରାଯାଇଛି। ବର୍ଷାର ପ୍ରଭାବ ୧୧ରୁ ଆରମ୍ଭ ହେବ ବୋଲି ପୂର୍ବାନୁମାନ ରହିଛି। ବର୍ତ୍ତମାନ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଗୋଟିଏ ଘୂର୍ଣ୍ଣିବଳୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ୧୧ ତାରିଖରୁ ବର୍ଷାର ପ୍ରଭାବ ସାମାନ୍ୟ ବଢ଼ିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

## ଜନ୍ମଦିନ ପାର୍ଟିରେ...

୧୦.୩୦ରେ ଯୁବତୀ ଜଣକ ସେଠାରୁ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ଘରକୁ ଫେରିବା ପରେ ଯୁବତୀ ତାଙ୍କ ପରିବାର ଲୋକଙ୍କୁ ସବୁକଥା କହିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ଥାନାରେ ମାମଲା ରୁଜୁ କରାଯାଇଛି। ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି। ସେମାନେ ଫେରାର ଅଛନ୍ତି। କିଛି ମାସ ତଳେ ଚନ୍ଦନ ସହ ଯୁବତୀଙ୍କ ପରିଚୟ ହୋଇଥିଲା। ଦକ୍ଷିଣ କୋଲକାତାର ଏକ ବଡ଼ ଦୁର୍ଗାପୂଜା କମିଟିର ମୁଖ୍ୟ ଭାବେ ଚନ୍ଦନ ତାଙ୍କୁ ପରିଚୟ ଦେଇଥିଲା। ଚନ୍ଦନ ମାଧ୍ୟମରେ ଯୁବତୀ ଜଣକ ଦୀପ ସହ ପରିଚିତ ହୋଇଥିଲେ। ୩ ଜଣ ପରସ୍ପର ସହ ପରିଚିତ ଥିଲେ ଓ ସମ୍ପର୍କରେ ଥିଲେ। ପୂଜା କମିଟିରେ ଯୁବତୀଙ୍କୁ ସାମିଲ କରିବାକୁ ଦୁହେଁ ପ୍ରତିଶ୍ରୁତି ଦେଇ ଏହି କାଣ୍ଡ ଘଟାଇଛନ୍ତି ବୋଲି କୁହାଯାଇଛି। ଉଲ୍ଲେଖଥାଉ କି ପୂର୍ବରୁ ଦକ୍ଷିଣ କୋଲକାତାର ଏକ ଲ କଲେଜ କ୍ୟାମ୍ପସରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯିବା ନେଇ ହଇଚଇ ସୃଷ୍ଟି ହୋଇଥିଲା। ଏହାପୂର୍ବରୁ ଆରଜି କର ମେଡକାଲ କଲେଜରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ କରାଯାଇ ହତ୍ୟା କରାଯାଇଥିଲା। ଏହି ଦୁଇଟି ମାମଲାକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା।

## ଗଣେଶ ବିସର୍ଜନ...

ଭାସଯାଇଛନ୍ତି। ପୁଣେର ବିରୱାଡିରେ ଜଣେ ବ୍ୟକ୍ତି କୂଅ ଭିତରେ ଖସି ପଡିଛନ୍ତି। ଦୁଇ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ଓ ଆଉ ଦୁଇଜଣଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଛି। ସେହିପରି ନାନ୍ଦେଦ ଜିଲ୍ଲାର ଗାଡେଗାଓଁରେ ଥିବା ଏକ ନଦୀରେ ୩ ଜଣ ଭାସି ଯାଇଛନ୍ତି। ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ଖୋଜା ଚାଲିଛି। ନାସିକ୍‌ରେ ୪ ଜଣ ଲୋକ ଭାସି ଯାଇଥିବା ବେଳେ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେହିପରି ଜଲଗାଓଁ ୩ ଜଣ ଲୋକ ଭାସି ଯାଇଥିବା ବେଳେ ସେମାନଙ୍କୁ ଖୋଜା ଜାରି ରହିଛି। ଥାଣେ ଜିଲ୍ଲାରେ ମଧ୍ୟ ଗଣେଶ ବିସର୍ଜନ ବେଳେ ୩ଜଣ ଭାସି ଯାଇଥିବା ବେଳେ ଜଣକର ମୃତଦେହ ଉଦ୍ଧାର କରାଯାଇଛି। ଅମରାବତୀରେ ଜଣେ ଶ୍ରଦ୍ଧାଳୁ ବୁଡି ଯାଇଛନ୍ତି ବୋଲି ପୁଲିସ କହିଛି। ମାହାରାଷ୍ଟ୍ରରେ ଗଣେଶ ପୂଜା ଏକ ଗଣପର୍ବ ଭାବେ ପାଳନ କରାଯାଇଥାଏ।

## ଅନ୍‌ଲାଇନ୍‌ରେ ଖାଦ୍ୟ...

କରିଛି। ପ୍ରତିଦ୍ୱନ୍ଦ୍ୱୀ ଜୋମାଟୋ ମଧ୍ୟ ଏହାର ଶୁଳ୍କ ୧୨.୫୦ ଟଙ୍କା (ଜିଏସ୍‌ଟି ବ୍ୟତୀତ) ବୃଦ୍ଧି କରିଛି, ଯେତେବେଳେ କି ତୃତୀୟ ବୃହତ୍ ଖାଦ୍ୟ ବିତରଣକାରୀ କମ୍ପାନୀ ମ୍ୟାଜିକ୍‌ପିନ୍ ମଧ୍ୟ ଏହାର ପ୍ଲାଟଫର୍ମ ଶୁଳ୍କ ଅର୍ଡର ପିଛା ୧୦ ଟଙ୍କାକୁ ସଂଶୋଧନ କରିଛି। ଯାହାଫଳରେ ସେପ୍ଟେମ୍ବର ୨୨ରୁ ଡେଲିଭରି ଶୁଳ୍କ ଉପରେ ଲାଗୁ ହେବାକୁ ଥିବା ୧୮% ଜିଏସ୍‌ଟି ଜୋମାଟୋ ବ୍ୟବହାରକାରୀଙ୍କ ଉପରେ ଅର୍ଡର ପିଛା ପ୍ରାୟ ୨ ଟଙ୍କା ଏବଂ ସ୍ୱିଗୀ ଗ୍ରାହକଙ୍କ ପାଇଁ ୨.୬ ଟଙ୍କା ଅତିରିକ୍ତ ବୋଝ ପକାଇବ। ଏ ସମ୍ପର୍କରେ ସ୍ୱିଗୀ ଏବଂ ଜୋମାଟୋ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ବିବୃତ୍ତି ଦିଆଯାଇନାହିଁ।

## ଆଶା-ଆଶଙ୍କାରେ...

ଦାସ ନାୟକ, ସୀମାରାଣି ନାୟକ, ସରୋଜ ପାଢ଼ୀ ପ୍ରମୁଖ ବିଭିନ୍ନ ସମୟରେ ଗଣମାଧ୍ୟମର ଶିରୋନାମାରେ ରହୁଥିବା ବେଳେ ମନ୍ତ୍ରୀପଦ ପାଇଁ ଆଶାୟୀ ମଧ୍ୟ ରହିଛନ୍ତି। ତେବେ ବିଜେପି ଜିଲ୍ଲା ସଭାପତି ନିର୍ବାଚନ ବେଳେ ଦଳ ଯେଉଁ ମାପକାଠିକୁ ସର୍ବାଗ୍ରେ ରଖିଥିଲା, ତନ୍ମଧ୍ୟରେ ଦଳୀୟ ଆନୁଗତ୍ୟ ଶୀର୍ଷରେ ଥିଲା। ଦଳରେ ଯୋଗଦେବା ପରେ ଅତିକମରେ ୬ ବର୍ଷ ଦଳ ପାଇଁ କାମ କରିନଥିଲେ, ଜଣେ ନିଜେ କିମ୍ବା ନିଜ ଅନୁଗତକୁ ଦଳର ଜିଲ୍ଲା ସଭାପତି ଆସନରେ ବସାଇପାରିବ ନାହିଁ ବୋଲି ସେତେବେଳେ ବିଜେପି ନିର୍ବାଚନ ଅଧିକାରୀ ରୋକଠୋକ୍ ଶୁଣାଇଥିଲେ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ବିଜେପି ଶୀର୍ଷ ନେତୃତ୍ୱ ସମାନ ନୀତି ଆପଣେଇପାରନ୍ତି ବୋଲି ଦଳଡିଆଁ ଆଶଙ୍କା କରୁଛନ୍ତି। ବିଶେଷକରି ମନ୍ତ୍ରୀପଦ ପାଇଁ ସିଦ୍ଧାନ୍ତ, ଆକାଶ ଓ ସୀମାରାଣିଙ୍କ ନାମ ବେଶ୍ ଆଗରେ ଥିବାବେଳେ ବିଜେପି ନେତୃତ୍ୱ ତାଙ୍କ ଉପରେ ଭରସା କରିବେ କି ନାହିଁ, ସେନେଇ ସେମାନେ ଦ୍ୱନ୍ଦରେ ଥିବା ଜଣାପଡ଼ିଛି। ଅପରପକ୍ଷେ ବିଜେପିର ଜଣେ ବରିଷ୍ଠ ନେତା ଦେଇଥିବା ସୂଚନା ଅନୁଯାୟୀ ରେସରେ ଥିବା ଦଳଡିଆଁ ଯଦି ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ନ୍ତି, ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦରେ ଥଇଥାନ କରାଯିବ। ସେହିପରି କେତେଜଣଙ୍କୁ ଦଳର ରାଜ୍ୟ ସଂଗଠନରେ ଭଲ ପଦପଦବୀରେ ଆସୀନ କରାଯାଇ ସନ୍ତୁଷ୍ଟ କରାଯିବ। ପ୍ରଥମେ ସେମାନେ ଦଳ ପାଇଁ କାମ କରିବେ, ପରେ ସେମାନଙ୍କୁ ଅନ୍ୟ ପଦ ପଦବୀ ପାଇଁ ବିଚାରକୁ ନିଆଯିବ ବୋଲି ଉକ୍ତ ନେତା ଜଣଙ୍କ କହିଛନ୍ତି। ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ପୁଣି ଦିଲ୍ଲୀ ଗସ୍ତ କରୁଛନ୍ତି। ଏହି ସ୍ଥିତିରେ ସମ୍ପ୍ରସାରଣ ପରେ ହିଁ ନୂଆ ମନ୍ତ୍ରିମଣ୍ଡଳ ଚିତ୍ର ସ୍ପଷ୍ଟ ହେବ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

## ରାଜଧାନୀରେ ପୁଣି...

ଜଣେ ବ୍ୟକ୍ତି ସେଠାକୁ ଶୌଚ ପାଇଁ ଯାଇଥିବା ବେଳେ ପ୍ରବଳ ଦୁର୍ଗନ୍ଧ ହୋଇଥିଲା। ଏଣେତେଣେ ଖୋଜାଖୋଜି କରିବା ପରେ ଶୌଚାଳୟ ପଛରେ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ହତ୍ୟା କରାଯାଇଥିବା ସ୍ଥାନ ଅନ୍ଧାରୁଆ ରହୁଥିବାରୁ ରାତି ୧୨ଟା ପର୍ଯ୍ୟନ୍ତ ସେଠାରେ ବହୁ ଅସାମାଜିକ ତତ୍ତ୍ୱ ଖଟି କରନ୍ତି। ମଦ ପିଇବା ସହ ପାଟିତୁଣ୍ଡ କରିଥା'ନ୍ତି। କୌଣସି କାରଣକୁ ନେଇ ଝଗଡ଼ା ହେବା ପରେ ଯୁବକଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ସେମାନେ କହିଛନ୍ତି। ମୃତ ବ୍ୟକ୍ତିର ପରିଚୟ ମିଳିବା ପରେ ହତ୍ୟାକାରୀ ଧରାପଡ଼ିବ ବୋଲି ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

## ସାର ପାଇଁ...

ଭାବେ ଆଲୋଚନା ହୋଇଥିଲା। ମାତ୍ର ଆଜି ସକାଳୁ ମାଲକାନଗିରି ଜିଲ୍ଲାରେ ସାର ମିଳୁନଥିବା ଅଭିଯୋଗରେ ଚାଷୀ ରାଜରାସ୍ତା ଅବରୋଧ କରିବାର ଚିତ୍ର ସାମ୍ନାକୁ ଆସିଛି। ପଶ୍ଚିମ ଓଡ଼ିଶାର ବିଶେଷକରି ବରଗଡ଼ ଓ ବଲାଙ୍ଗୀର ଆଦି ଜିଲ୍ଲାର ସାର ଅଭାବକୁ ନେଇ ପ୍ରତିଦିନ ଚାଷୀ ଆନ୍ଦୋଳନ, ରାସ୍ତା ରୋକ୍ ସଂଗଠିତ ହେଉଛି। ମାତ୍ର ଏହାର ସମାଧାନ ହୋଇପାରୁନି। ତେଣୁ ବାସ୍ତବରେ ସରକାର ଚାଷୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରିପାରୁଛନ୍ତି ନା ଉପରଠାଉରିଆ ଭାବେ କେବଳ ସମୀକ୍ଷା କରି ଦାୟିତ୍ୱ ସାରି ଦେଉଛନ୍ତି ବୋଲି କୃଷକ ସଂଗଠନମାନେ ପ୍ରଶ୍ନ କରିଛନ୍ତି।

ସାର ଯୋଗାଣରେ ଅନିୟମିତତା ଓ କଳାବଜାରୀ ବାବଦରେ ସରକାର ଜାଣି ସୁଦ୍ଧା ଆଖି ବୁଜି ଦେଇଛନ୍ତି ବୋଲି ଅଭିଯୋଗ ହେଉଛି। ଘରୋଇ କମ୍ପାନୀମାନଙ୍କୁ ପ୍ରୋତ୍ସାହନ ଦେବା ସହ କଳାବଜାରୀକୁ ପରୋକ୍ଷରେ ସରକାର ସମର୍ଥନ କରିବା ପାଇଁ ଏପରି କରାଯାଉଥିବା କୁହାଯାଇଛି। କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହାକୁ ଗୁରୁତ୍ୱର ସହ ନେବା ପରିବର୍ତ୍ତେ ଚାଷୀଙ୍କୁ ସାର ବ୍ୟବହାର କମ୍ କରିବା ପାଇଁ ପ୍ରସ୍ତାବ ଦେଉଛନ୍ତି। ସରକାର ଓ ସରକାରୀ ମନ୍ତ୍ରୀଙ୍କ ଏଭଳି ମନୋଭାବକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସରକାରୀ ସୂଚନା ମୁତାବକ, ସେପ୍ଟେମ୍ବର ୫ ସୁଦ୍ଧା କେନ୍ଦ୍ରରୁ ଓଡ଼ିଶାକୁ ମୋଟ ୧୧ ଲକ୍ଷ ୩୩ ହଜାର ୭୭୬ ମେଟ୍ରିକ ଟନ ସାର ମିଳିଛି। ଏ ପର୍ଯ୍ୟନ୍ତ ୯.୧୬ ଲକ୍ଷ ମେଟ୍ରିକ୍ ଟନ ସାର ବିକ୍ରୟ ହୋଇସାରିଛି। ଏବେ ସୁଦ୍ଧା ଆହୁରି ୨ ଲକ୍ଷ ୭ ହଜାର ୨୨୦ ମେଟ୍ରିକ ଟନ୍ ସାର ରାଜ୍ୟ ପାଇଁ ଉପଲବ୍ଧ ଅଛି। ମାତ୍ର ବିକ୍ରି ହୋଇଥିବା ସାର ଚାଷୀ ପାଇନଥିବା ଅଭିଯୋଗ ହେଉଛି। ଏହା ଉପରେ ସରକାର ସ୍ପଷ୍ଟ କରନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି।

ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ(ମାର୍କଫେଡ୍) ଅଧୀନ ୨୭୧୦ଟି ପ୍ୟାକ୍ସ ଓ ଲ୍ୟାମ୍ପ୍‌ସ ମଧ୍ୟରୁ ପ୍ରାୟ ୭୮୩ଟିକୁ ସାର ଯୋଗାଣ ପ୍ରକ୍ରିୟାରୁ ବାଦ ଦିଆଯାଇଛି। ଅପରପକ୍ଷରେ ଖୋଲା ବଜାରରେ ୬୫ଭାଗ ସାର ଯୋଗାଣରେ ବ୍ୟାପକ କଳାବଜାର ଓ ଦୁର୍ନୀତି ନେଇ ପ୍ରଶ୍ନ ଉଠିଛି। ସାର ଯୋଗାଣର ମାତ୍ର ୩୫ ଭାଗ ମାର୍କଫେଡ୍ ଅଧୀନରେ ଥିବା ପ୍ୟାକ୍ସ ଓ ଲ୍ୟାମ୍ପ୍‌ସ ଜରିଆରେ ଚାଷୀମାନଙ୍କୁ ଯୋଗାଣ କରିବାର ଲକ୍ଷ୍ୟ ରହିଥିବା ବେଳେ ଏଥିରେ ୧,୯୮,୪୨୧ ମେଟ୍ରିକ୍ ଟନ୍ ସାର ଯୋଗାଣ ହୋଇଛି। ରାଜ୍ୟରେ ମୋଟ ୨୭୧୦ଟି ପ୍ୟାକ୍ସ ଓ ଲ୍ୟାମ୍ପସ ମଧ୍ୟରୁ ୧୯୨୭ଟି ଚଳିତ ବର୍ଷ ଏହି ସାର ଯୋଗାଣ ପ୍ରକ୍ରିୟାରେ ସାମିଲ କରାଯାଇଥିବା ବେଳେ ୭୮୩ଟି ବାଦ୍ ପଡ଼ିଛନ୍ତି। ଅଥଚ ରାଜ୍ୟ କୃଷି ନିଗମକୁ ୧୫ଭାଗ ଓ ଖୋଲା ମାର୍କେଟ୍ କୁ ୫୦ଭାଗ ସାର ଯୋଗାଣ ହୋଇଛି। ଅର୍ଥାତ୍ ମାର୍କଫେଡ୍ ବାଦ୍ ୬୫ ଭାଗ ସାର ଦୋକାନୀମାନଙ୍କ ଜରିଆରେ ବିକ୍ରି ହେଉଛି। ଏଠି ବ୍ୟାପକ ଦୁର୍ନୀତି ହେଉଥିବାର ଅଭିଯୋଗ ହେଉଛି।

## ଜାତୀୟ ରାଜପଥ...

ଚାଷୀମାନଙ୍କୁ ବୁଝାସୁଝା କରି ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା। ତେବେ ଆସନ୍ତା ଦୁଇ ଦିନ ମଧ୍ୟରେ ପଞ୍ଚାୟତରେ ସାର ନ ପହଞ୍ଚିଲେ ପୁଣି ରାସ୍ତା ଅବରୋଧ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଚାଷୀମାନଙ୍କ ଅଭିଯୋଗ ହେଲା, ଲ୍ୟାମ୍ପ୍‌ସ ତରଫରୁ ପ୍ରତି ପଞ୍ଚାୟତରେ ସାର ଦିଆଯିବାକୁ ଥିବା ବେଳେ ଏ ପର୍ଯ୍ୟନ୍ତ ମହାରାଜପଲ୍ଲୀ ପଞ୍ଚାୟତରେ ସାର ପହଞ୍ଚି ପାରିନାହିଁ। ଫଳରେ ସେମାନଙ୍କ ଚାର୍ଯ୍ୟ କାର୍ଯ୍ୟ ଆଗେଇ ପାରୁନାହିଁ। ଉଲ୍ଲେଖଯୋଗ୍ୟ, କିଛି ଦିନ ତଳେ ପୁସୁଗୁଡ଼ା ପଞ୍ଚାୟତରେ ଚଢ଼ାଦରରେ ସାର ବିକ୍ରିକୁ ନେଇ ଚାଷୀମାନେ ରାଜରାସ୍ତା ଅବରୋଧ ହୋଇଥିଲା।

# ଜମିଜମା ବିବାଦରୁ ଫୁଟିଲା ଗୁଳି

ରାସଗୋବିନ୍ଦପୁର/ମୋରଡ଼ା,୭।୯(ସମିସ): ଜମିଜମା ବିବାଦକୁ କେନ୍ଦ୍ର କରି ଫୁଟିଲା ଗୁଳି। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ତେବେ ଏଥିରୁ ଗ୍ରାମର ଦିଲ୍ଲୀପ କୁମାର ଗିରି(କାଳିଆ) ଓ ତାଙ୍କ ପରିବାର ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦିଲ୍ଲୀପଙ୍କ ଅଭିଯୋଗ ଆଧାରରେ ପୁଲିସ୍ ନମ୍ବର ୩୫୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଦିଲ୍ଲୀପଙ୍କ ସହ ତାଙ୍କ ପୁତୁରା ଦୀପା ଗିରିଙ୍କ ମଧ୍ୟରେ ଜମିଜମାକୁ ନେଇ ବିବାଦ ରହିଥିଲା। ଗତ ରାତି ପ୍ରାୟ ସାଢ଼େ ୧୦ଟାରେ ଦିଲ୍ଲୀପ ନିଜ ଘର ଛାତ ଉପରେ କୁକୁଡ଼ାକୁ ଦାନା ଦେଉଥିଲେ। ଏହି ସମୟରେ ୩ ସହଯୋଗୀଙ୍କ ସହ ଦୀପା ତାଙ୍କ ଘର ପାଖରେ ପହଞ୍ଚି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଏହା ଦେଖି ଦିଲ୍ଲୀପ ତଳକୁ ଆସି ଘର ଲୋକଙ୍କୁ କବାଟ ଝରକା ବନ୍ଦ କରିବାକୁ କହିଥିଲେ। ପରେ ଅଭିଯୁକ୍ତମାନେ ତାଙ୍କ ଘର ଉପରକୁ ଗୁଳି ଚଳାଇଥିଲେ। ଗୁଳି ଶବ୍ଦ ଶୁଣି ଦିଲ୍ଲୀପ ଓ ତାଙ୍କ ପରିବାରଲୋକ ଭୟଭୀତ ହୋଇଯାଇଥିଲେ। କାଳିଆ ପୁଲିସ୍‌କୁ ଏ ସଂପର୍କରେ ଫୋନ୍ କରି ଡାକିବା ଜଣାଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ପୁଲିସ୍ ଗୋଟିଏ ଖୋକା ଏବଂ କିଛି ଦୂରରେ ଏକ ଜୀବନ୍ତ ଗୁଳି ପାଇଛି। ଘଟଣାରେ କେହି ଆହତ ହୋଇନଥିବା ବେଳେ ଜଣଙ୍କୁ ପୁଲିସ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି।


**AFFIDAVIT**

By virtue of an affidavit before The Executive Magistrate, BBSR dtd:04.09.2025 .I Narendra Kumar Panda aged about ,44 yrs, S/O- Banamali Panda R/O- At- Balipokhari (Beherapatna), PO- Paramanandapur, P.S-Jajpur Town, Dist-Jajpur,odisha have changed my name from Narendra Panda to Narendra Kumar Panda .Henceforth I shall be known as **Narendra Kumar Panda,** S/O- Baanamali Panda for all purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangapur, dtd. 6th September 2025, I **Padman Nayak**, permanent resident of Vill.- Mahuli, Po.- Usigaon, Ps.- Papadahandi, in the district of Nabarangpur, Odisha, Pin No. 764071 declare that, I have changed my son's name from **Sudhir Nayak** (Old Name) to **Sudhipta Nayak** (New Name). Henceforth, He shall be known as **Sudhipta Nayak** (New Name) for all purposes.

**Padman Nayak**

**AFFIDAVIT**

By virtue of an affidavit no.174, dtd. 06.09.2025 before the Executive Magistrate, Dharakote, Dist.: Ganjam, I, Tambar Goud, Spouse of Late Balab Goud have changed my name & Date of Birth from Tambal Goud to Tambar Goud & Dob from 10.03.1970 to 27.01.1967. Henceforth I shall be known as **Tambar Goud and DOB 27.01.1967** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, Odisha dated:13-05-205 with serial No:3089. I, Dhanimani Murmu Resident of At-Chandua, Po- Chandua, Ps-Chandua, Dist- Mayurbhanj, Odisha, Pin- 757014 declare that I have change my own name From Dhani Murmu To Dhanimani Murmu. Hence forth I will be known as Dhanimani Murmu for all purposes.

**Dhanimani Murmu**

**AFFIDAVIT**

I, Sanmat Dash formerly called Manish Kumar Das, S/o- Shyama Sundar Dash resident of Vill./Po.- Jarada, Ps.- Kabisuryanagar, Dist.- Ganjam, Odisha, Pin- 761104 state vide affidavit no. A-V dated 26/08/2025 before The Executive Magistrate, Kabisuryanagar, Ganjam that, I have changed my name from **Manish Kumar Das** to **Sanmat Dash**. Henceforth I shall be known as **Sanmat Dash** for all future purposes.

Sd/- **Sanmat Dash**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dtd 04/09/2025. I, **Gyanti Debi Singh,** address Plot No. 643/642, Kumbhar Sahi, Near Kali Mandir, Baramunda, PS- Khandagiri, Bhubaneswar, Dist- Khorda, PIN-751003, Odisha declare that I have changed the name of my son from **Amit Kumar** to **Amit Kumar Singh.** Henceforth, he shall be known as **Amit Kumar Singh** for all purposes.

**Gyanti Debi Singh**

**LOST**

I RANJIB KUMAR MAHAPATRA, S/o Jahan Chandra Mahapatra resident of Village At- Gopikantapur, Po- Nayahat, Ps- Kakatpur, Dist- Puri, Odisha declare that I have lost my Original B.Tech certificates are Original Provision Certificate, Original Certificate, Minor Grade Certificate, Grade Sheet, Grade Sheet, Grade Sheet, Grade Sheet, which I had secured from Bijupattnaik University of Technology, Odisha in the academic year 2018-19. The above said certificates which has been lost on dtd 03.09.2025 when I had travelling from Gopikantapur to Bhubaneswar, which has been not found yet after my best effort. This notice of publication was required for issue of above said certificate in my favour.

**AFFIDAVIT**

I, Smt. Pratima Satnami, W/o- Rilu Satnami, resident of Vill./Po.- Adhikariguda, Ps.- Umerkote, Dist.- Nabarangpur state vide affidavit dtd.4.9.2025 that, my Son's actual name is **Ayu Satanami**, Date of Birth is 08.08.2015. But in the Aadhar card his name mentioned as Ayaush Satanami. Hence **Ayu Satanami** and **Ayaush Satanami** is one and same person.

Sd/- Smt. Pratima Satnami

**LOST**

I, **Prof. Dr. Pritam Pal, Director** of Regional College of Management (A Unit of Regional College of Management Trust) RCMT Campus I: Plot No. GD 2/12 & 2/13, RCM Lane, Chakadola Vihar, Chandrasekharpur, Bhubaneswar, Odisha, 751023, INDIA do hereby solemnly affirm that we have been issued a Migration Certificate of Mr. Raza Quadir, son of Md. Khurshid Alam of At- Tibihta, Po- Saraiya, Dist- Muzaffarpur, State- Bihar, PIN-843122 from BPUT Rourkela in the session 2012-14 and the said Original Migration Certificate has been lost in college premises, Bhubaneswar. Despite our best efforts we could not trace it out.

## ନଦୀପାଣିରେ ଭାସିଯାଇ ଯୁବକ ନିଖୋଜ

**ସାଲେପୁର,୭।୯(ସମିସ):** ନଦୀକୁ ଗାଧୋଇଯାଇ ପାଣିରେ ଭାସିଯାଇ ଜଣେ ଯୁବକ ନିଖୋଜ ହୋଇଯାଇଥିବା ଜଣାଯାଇଛି। ସାଲେପୁର ଦମକଳ ବାହିନୀ ଓ ଜପକୁଦ ଫାଣ୍ଡି ପୁଲିସ ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ଯୁବକ ଜଣଙ୍କ ପତ୍ତା ମିଳି ନ ଥିଲା। ସାଲେପୁର ବ୍ଲକ ନରଦା ପଞ୍ଚାୟତ କୁକୁଡାଙ୍ଗ ଗ୍ରାମର କଲ୍ୟାଣ କାନୁନଗୋଙ୍କ ପୁତ୍ର ବିଭୂପ୍ରସାଦ (୩୬) ଆଜି ଦିନ ପ୍ରାୟ ୩ଟା ସମୟରେ ବିରୂପା ନଦୀକୁ ଗାଧୋଇ ଯାଇଥିବା ବେଳେ ନଦୀପାଣିରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଏ ସଂପର୍କରେ ସ୍ଥାନୀୟ ଗ୍ରାମବାସୀ ସାଲେପୁର ଦମକଳ ବାହିନୀ ଓ ଜପକୁଦ ଫାଣ୍ଡିକୁ ଅବଗତ କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ନଦୀବନ୍ଧରେ ଶହ ଶହ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି।

## ପାନୀୟଜଳ ପ୍ରକଳ୍ପ ପାଇପ୍ ଚୋରି ଅଭିଯୋଗ

**ଭଦ୍ରେଶ୍ୱର,୭।୯(ସମିସ):** ଭଦ୍ରେଶ୍ୱର ଥାନା ଗୋପାଳପୁର ଗ୍ରାମପଞ୍ଚାୟତ ବେଗୁନିଆପଦା ଗ୍ରାମରେ ରଖାଯାଇଥିବା ମାହାଙ୍ଗା ମେଗା ପାନୀୟ ଜଳ ପ୍ରକଳ୍ପର ଲକ୍ଷାଧିକ ଟଙ୍କା ମୂଲ୍ୟର ପାଇପ ଚୋରି ହୋଇଯାଇଥିବାର ଅଭିଯୋଗ ହୋଇଛି। ଭଦ୍ରେଶ୍ୱର ଥାନା ଗୌଡଗୋପ ଗ୍ରାମର ଚିତ୍ତରଞ୍ଜନ ଶତପଥୀ ମାହାଙ୍ଗା ମେଗା ପାନୀୟ ଜଳ ପ୍ରକଳ୍ପର ଜଣେ ସବ କଣ୍ଟ୍ରାକ୍ଟର ରୂପେ କାର୍ଯ୍ୟ କରନ୍ତି। ଶ୍ରୀ ଶତପଥୀ ବେଗୁନିଆପଦା ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ପାଇପ ବିଛାଇବା ନିମନ୍ତେ ରଖିଥିଲେ। ତେବେ କେହି ଦୁର୍ବୃତ୍ତ ଏହି ପାଇପଗୁଡିକୁ ଚୋରିକରି ନେଇଯାଇଥିବାର ଶ୍ରୀ ଶତପଥି ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରି ପାଇପର ଆନୁମାନିକ ମୂଲ୍ୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ସେ ଅଭିଯୋଗ କରିଛନ୍ତି।

## ଗଞ୍ଜେଇ ଜବତ, ଜଣେ ଗିରଫ



**ଫୁଲନଖରା, ୭।୯(ସମିସ):** ୪୨ମୌଜା ଥାନା ଅନ୍ତର୍ଗତ କଞ୍ଚୁଣିଆ ବେଣ୍ଟକାର ଅଞ୍ଚଳରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟରୁ ୩ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ୪୨ମୌଜା ଥାନା ପୁଲିସ ଜବତ କରିଛି। ଦୀର୍ଘ ଦିନରୁ ଚୋରା ଗଞ୍ଜେଇ କାରବାରରେ କଞ୍ଚୁଣିଆ ଗ୍ରାମର କୈଳାସ ମଲ୍ଲିକ (୫୬) ଲିପ୍ତ ଥିଲା। ରାଜ୍ୟରେ ନିଶା କାରବାରକୁ ସଂପୂର୍ଣ୍ଣ ରୋକିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଅପରେସନ୍ ପ୍ରହାର କାର୍ଯ୍ୟକ୍ଷମ ହୋଇଛି। ଅପରେସନ୍ ପ୍ରହାର ଜରିଆରେ ଶିକ୍ଷାନୁଷ୍ଠାନ ନିକଟରେ ଗଞ୍ଜେଇ ବେପାର ହେଉଥିବାର ଖବର ପାଇ ୪୨ମୌଜା ପୁଲିସ ୩ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ଏହି ନିଶା ବେପାରରେ ଲିପ୍ତ କୈଳାସ ମଲ୍ଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଆଇଆଇସି ଓମ୍ ପ୍ରକାଶ ମହାନ୍ତି ସୂଚନା ପ୍ରଦାନ କରିଛନ୍ତି।

## ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ପ୍ରସ୍ତୁତି

**ନରସିଂହପୁର,୭।୯(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ପ୍ରଜ୍ଞାନ ମିଶନ କାର୍ଯ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମିଶନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କିଭଳି ସୁଚାରୁ ରୂପେ ନରସିଂହପୁର ମହାବିଦ୍ୟାଳୟ ପରିସରରେ ଗୀତା ଆବୃତ୍ତି ପାଇଁ ତୃତୀୟ ଶ୍ରେଣୀରୁ ସ୍ନାତକ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ଏଥିରେ ଭାଗ ନେଇପାରିବେ। ସେମାନଙ୍କର ସମସ୍ତ ବ୍ୟବସ୍ଥା, କ୍ରିୟାଯୋଗ ଗୁରୁ ପ୍ରଜ୍ଞାନାନନ୍ଦ ଗିରିଙ୍କ ନୀତିନିୟମ, ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଅବଗତ କରାଯିବ ସହିତ ଆସନ୍ତା ୧୪ ତାରିଖରେ କିଭଳି ସୁଚାରୁ ଭାବେ ଅନୁଷ୍ଠାନ ହେବା ନେଇ ଆଲୋଚନା ହୋଇଥିଲା।

### ବିପିଏମ୍-ସଭାନେତ୍ରୀ-ସମ୍ପାଦିକାଙ୍କ ଅସାଧୁ ମେଣ୍ଟ

# ଜିପିଏଲ୍ଏଫ୍ ଜମାଖାତାରୁ ୬ ଲକ୍ଷ ଟଙ୍କା ତୋଷାରପାତ

**ଭଦ୍ରେଶ୍ୱର,୭।୯(ସମିସ):** ମହିଳା ସଶକ୍ତୀକରଣ ନିମନ୍ତେ ସରକାର ଯୋଜନା ଉପରେ ଯୋଜନା ପ୍ରଣୟନ କରୁଛନ୍ତି। ଏଥିନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ତେବେ ଏହି ଅର୍ଥକୁ ସୁଚାରୁ ରୂପେ ଖର୍ଚ୍ଚ କରାଇବା ଦାୟିତ୍ୱରେ ଥିବା ଦୁର୍ନୀତିଖୋର ସରକାରୀ ବାବୁଙ୍କ ଅପାରଗତା ଯୋଗୁ ବହୁ ଅର୍ଥ ବାଟମାରଣା ହେଉଥିବାର ଦେଖିବାକୁ ମିଳିଛି। ଯାହାର ଏକ ନଗ୍ନ ନମୂନା କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଓଡିଶା ଜୀବିକା ମିଶନ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ମହିଳାମାନଙ୍କ ନିମନ୍ତେ ଆସୁଥିବା ଲକ୍ଷ ଲକ୍ଷ ଟଙ୍କା ତୋଷରପାତ କରାଯାଇଥିବାର ଅଭିଯୋଗ ହୋଇଛି। ଏହି ଅର୍ଥ ତୋଷରପାତର ମୁଖ୍ୟ କାର୍ପଟଦାର ସାଜିଛନ୍ତି ଓଡିଶା ଜୀବିକା ମିଶନ କାର୍ଯ୍ୟାଳୟର ବିପିଏମ ବାବୁ। ସାଥୀରେ ରହିଛନ୍ତି ପଞ୍ଚାୟତ ମହାସଙ୍ଘର

**ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ୧୬ ଜଣ ଇସି ମେମ୍ବର**

ସମ୍ପାଦିକା ଓ ସଭାନେତ୍ରୀ। ସୂଚନା ମୁତାବକ ମାହାଙ୍ଗା ବ୍ଲକ ଓଡିଶା ଜୀବିକା ମିଶନ ଅଧୀନରେ ଭଦ୍ରେଶ୍ୱର ପଞ୍ଚାୟତସ୍ତରୀୟ ମହାସଙ୍ଘ ରହିଛି। ଏଥିରେ ୧୬ ଜଣ ଇସି ମେମ୍ବର ରହିଛନ୍ତି। ଅପରପକ୍ଷରେ ଦୁଇ ଜଣ ସଭାନେତ୍ରୀ ଓ ସମ୍ପାଦିକା ମଧ୍ୟ ରହିଛନ୍ତି। ତେବେ ଏହି ସମ୍ପାଦିକା ଓ ସଭାନେତ୍ରୀ ବିପିଏମଙ୍କ ନିର୍ଦ୍ଦେଶରେ ବ୍ୟାଙ୍କ ଜିପିଏଲଏଫ ଜମା ଖାତାରୁ ଅସଦ ଉପାୟରେ ଅର୍ଥ ଉଠାଣ କରିଥିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସୁରାଗ ପାଇ ପଞ୍ଚାୟତର ୧୬ଜଣ ଇସିମେମ୍ବର କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ନେଇ ଜିଲ୍ଲାପାଳ ତଦନ୍ତ ନିର୍ଦ୍ଦେଶ ଦେବା ପରେ ବିପିଏମ ଅଡୁଆରେ ପଡିଛନ୍ତି। ଖୋଲତାଡ ପରେ ଜଣାପଡିଛି ଯେ ଇସି ସଭ୍ୟାଙ୍କ ଅଗୋଚରରେ ଜିପିଏଲଏଫ ଜମାଖାତାରୁ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଣ ହୋଇଛି। ଯେଉଁ ଅର୍ଥରାଶିରୁ ପଞ୍ଚାୟତ ଜିପିଏଲଏଫ ଜମାଖାତାକୁ ୪ଜଣ ଇସି ମେମ୍ବରଙ୍କ ବ୍ୟକ୍ତିଗତ ଜମାଖାତାକୁ ୪ ଲକ୍ଷ ୩୦ହଜାର ଟଙ୍କା ଆସିଛି। ପରେ ଆସିଥିବା ଟଙ୍କା ସମ୍ପାଦିକା ସଭାନେତ୍ରୀ ବିଭିନ୍ନ ଆଳ ଦେଖାଇ ଇସି ମେମ୍ବରଙ୍କଠାରୁ ନେଇଯାଇଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଲ୍ୟାପଟପ କିଣା ପାଇଁ ୫୦ ହଜାର ଟଙ୍କା ଜିପିଏଲଏଫ ଆକାଉଣ୍ଟରୁ ଉଠାଯାଇଥିବା ବେଳେ ଲ୍ୟାପଟପର ଚିହ୍ନବର୍ଣ୍ଣ ମିଳୁନାହିଁ। ଅପରପକ୍ଷରେ ଜିପିଏଲଏଫ ଆକାଉଣ୍ଟରୁ ପଞ୍ଚାୟତର ବିଭିନ୍ନ ଲୋକଙ୍କ ବ୍ୟକ୍ତିଗତ ଜମାଖାତାକୁ ଯାଇଛି ହଜାର ହଜାର ଟଙ୍କା। ତେବେ ପଞ୍ଚାୟତର ଜିପିଏଲଏଫ ଆକାଉଣ୍ଟରୁ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଣ ହୋଇସାରିଥିଲେ ମଧ୍ୟ ଇସି ମେମ୍ବରଙ୍କୁ କୌଣସି ଅର୍ଥର ହିସାବ ଦିଆଯାଇ ନ ଥିବାର ଅଭିଯୋଗ ହୋଇଛି। ଯାହାକୁ ନେଇ ବିବାଦ ଘେରରେ ଓଡିଶା ଜୀବିକା ମିଶନର ବିପିଏମଙ୍କ ସହ ଉଭୟ ସଭାନେତ୍ରୀ ଓ ସମ୍ପାଦିକା ରହିଥିବାର ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକ୍କାୟିତ ଦୁର୍ନୀତିର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ଭଟ୍ଟାରିକାଙ୍କ ମନ୍ଦିର ଛୁଇଁଲା ମହାନଦୀର ତୃତୀୟ ବନ୍ୟାଜଳ



**ବଡମ୍ବା, ୭।୯(ସମିସ):** ବଡମ୍ବା ବ୍ଲକର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକା ମନ୍ଦିରକୁ ପ୍ରବେଶ କଲା ଚଳିତ ବର୍ଷର ତୃତୀୟ ବନ୍ୟା ଜଳ। ମହାନଦୀର ଉପର ମୁଣ୍ଡରେ ଥିବା ହୀରାକୁଦ ଜଳଭଣ୍ଡାରରୁ ୨୦ଟି ଗେଟ ଖୋଲିବା ଫଳରେ ମହାନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଯାହାଫଳରେ କଟକ ବଡମ୍ବାର ଅଧିଷ୍ଠାତ୍ରୀ ଦେବୀ ମହାମାୟା ଭଟ୍ଟାରିକାଙ୍କ ମନ୍ଦିର ସ୍ପର୍ଶ କରିଛି ବନ୍ୟା ଜଳ। ମା' ଭଟ୍ଟାରିକା ସୁରକ୍ଷିତ ଅଛନ୍ତି। ମନ୍ଦିର ବେଢ଼ାରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶାସନ ସଜାଗ ରହିଥିବା ବେଳେ ସତର୍କ ସୂଚନା ଫଳକ ମଧ୍ୟ ଲଗାଯାଇଛି। ମନ୍ଦିର ସେବାୟତ ଓ ଦେବୋତ୍ତର ଅଧିକାରୀ ସଜାଗ ଅଛନ୍ତି।

## ଶିକ୍ଷା କେନ୍ଦ୍ରରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା




**ଟାଙ୍ଗୀ,୭।୯(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ଆଞ୍ଜୁଆ ଗ୍ରାମସ୍ଥ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଲୋକସେବା ଫାଉଣ୍ଡେସନର ଆନୁକୂଲ୍ୟରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ତଥା ଗୁରୁଦିବସ ଏବଂ ବ୍ଲକସ୍ତରୀୟ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲୋକସେବା ଫାଉଣ୍ଡେସନର ଅଧ୍ୟକ୍ଷ ହିମାଂଶୁ ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବ୍ଲକ ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ଦାସ ଓ ସରୋଜିନୀ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସିଆରସିସି ସମରେନ୍ଦ୍ର ଷଡ଼ଙ୍ଗୀ ଓ ଜ୍ଞାନରଞ୍ଜନ ଲେଙ୍କା, ଗରୁଡ଼ଗାଁ ପଞ୍ଚାୟତ ସଭାପତି ତାପସ ବେହେରା ଓ କହ୍ନେଇପୁର ପଞ୍ଚାୟତ ସମିତି ଅନନ୍ତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରବାସୀ ତ୍ରିପାଠୀ, ପ୍ରଭାକର ପ୍ରଧାନ, ଅରୁଣ ଶତପଥି, ଭାସ୍କର ପ୍ରଧାନ, ଅଶୋକ ମଲ୍ଲିକ, କୈଳାସ ଚନ୍ଦ୍ର ମଲ୍ଲିକ, ଜୀବନ ସ୍ୱାଇଁ, ନିରୁପମା ସ୍ୱାଇଁ, ଜୀବନାନନ୍ଦ ଦାସ ଓ ପ୍ରତିମା ବେହେରାଙ୍କ ସମେତ ୨୫ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଶିକ୍ଷା କେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରାକ୍ତନ ସିଆରସିସି ଜ୍ଞାନରଞ୍ଜନ ଲେଙ୍କା ଧନ୍ୟବାଦ ଦେଇଥିଲେ। ଯୁବ ସମାଜସେବୀ ଶଶିକାନ୍ତ ମହାନ୍ତି ଓ ଶିକ୍ଷା କେନ୍ଦ୍ର ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଗଣେଶ ପୂଜା ମଣ୍ଡପ ବୁଲିଲେ ଉଚ୍ଚଶିକ୍ଷା ମନ୍ତ୍ରୀ



**ସାଲେପୁର,୭।୯(ସମିସ):** ସାଲେପୁର ବ୍ଲକର ବିଭିନ୍ନ ଗଣେଶ ପୂଜାମଣ୍ଡପ ପରିଦର୍ଶନ କରିବା ସହ ଏଭଳି ଆଡମ୍ବରପୂର୍ଣ୍ଣ ଆକର୍ଷଣୀୟ ପୂଜା ମଣ୍ଡପର ଆୟୋଜକଙ୍କୁ ପ୍ରଶଂସା କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। କେନ୍ଦ୍ରାପଡା ଜିଲ୍ଲାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସାଲେପୁର ରାସ୍ତାଦେଇ କଟକ ଫେରୁଥିବା ବେଳେ ପଦ୍ମପୁରଠାରେ ସାଲେପୁର ବିଜେପି ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ପରେ ମନ୍ତ୍ରୀ ଶ୍ରୀ ସୂରଜ ଶତାଧିକ କର୍ମୀଙ୍କ ମଧ୍ୟରେ ଗଣେଶ ମଣ୍ଡପ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ଚଇନି, ମୁନା ଜେନା, ଚିତ୍ତରଞ୍ଜନ ଶତପଥି, ପ୍ରିୟରଞ୍ଜନ ମହାପାତ୍ର, ପ୍ରଭାତ ସ୍ୱାଇଁ, ଦିଲ୍ଲୀପ ରାଉତ, ବାବୁ ଦାସ, ରାଜେଶ ରାଉତ, ଜନ୍ମେଜୟ ସାହୁ, ଧର୍ମାନନ୍ଦ ସାହୁ, ଅନୁସୟା ଘଡେଇ, ସନାତନ ଦାଶ, ପ୍ରତ୍ୟୁଷ ଦାସଙ୍କ ସମେତ ପୂଜା କମିଟିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଗୋଡ଼ିଝରିଆରେ ଭାଗବତ ଜନ୍ମ ଉତ୍ସବ



**ତିଗିରିଆ,୭।୯(ସମିସ):** ତିଗିରିଆ ବ୍ଲକ ଭିରୁଡା ଗ୍ରାମ ପଞ୍ଚାୟତ ଅଧୀନ ଗୋଡିଝରିଆ ଗ୍ରାମ ଭାଗବତ ମଣ୍ଡପ ଠାରେ ରବିବାର ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଚନ୍ଦ୍ର ଗ୍ରହଣ ଆଜି ଦିନ ୧୨ଟା ୫୭ ମିନିଟରୁ ପାକ ନିଷେଧ ପାଇଁ ଆଜି ସକାଳ ୬ଟା ୩୦ମିନିଟ୍ ସମୟରେ ଭାଗବତ ମଣ୍ଡପ ଠାରେ ଗ୍ରାମର ସମସ୍ତ ଭାଗବତ ପ୍ରେମୀ ଭକ୍ତ ବୃନ୍ଦ ଏକତ୍ରିତ ହୋଇ ଭାଗବତ ବାସୁଦେବଙ୍କ ପୂଜାର୍ଚ୍ଚନା କରିବା ସହ ସଂକୀର୍ତ୍ତନ କରଥିଲେ। ସକାଳ ୭ଟା ୩୦ମିନିଟରେ ହୋମଯଜ୍ଞ କରାଯାଇ ଶ୍ରଦ୍ଧାଳୁମାନେ ପୁଷ୍ପାଞ୍ଜଳି ଦେଇଥିଲେ। ଶେଷରେ ସମସ୍ତ ଗ୍ରାମବାସୀଙ୍କୁ ପ୍ରସାଦ ବଣ୍ଟନ କରାଯିବା ସହ ଭାଗବତ ଜନ୍ମ ଉତ୍ସବକୁ ସମାପନ କରାଯାଇଥିଲା। ଉତ୍ସବକୁ ଗ୍ରାମର ଜିତେନ୍ଦ୍ର ସାହୁ, ଅଖିଳମୋହନ ସାହୁ ଆୟୋଜନ କରିଥିବା ବେଳେ ଗ୍ରାମର ଗୋକୁଳାନନ୍ଦ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରତାପ ସାହୁ, ଭ୍ରମରବର ସାହୁ, ଅମୀନ ସାହୁ, ନାଥ ବାରିକ, ସୁଧାକର ସାହୁ, ମହେଶ୍ୱର ସାହୁ, ଅଜୟ ସାହୁ, ଶିକର ବେହେରା ଆଦି ବହୁ ସଦସ୍ୟ ସହଯୋଗ କରିଥିଲେ।

## ଗୋରୁ ଚମଡ଼ା ବୋଝେଇ ଗାଡ଼ି ଜବତ




**ସାଲେପୁର,୭।୯(ସମିସ):** ଏକ ପିକ୍ଅପ ଭ୍ୟାନ୍‌ରେ ଗୋରୁ ଚମଡା ବୋଝେଇ କରି ସାଲେପୁର ଅଭିମୁଖେ ଆସୁଥିବା ବେଳେ କେନ୍ଦୁପାଟଣା ଛକ ନିକଟରେ ସ୍ଥାନୀୟ ଲୋକେ ଓ ବଜରଙ୍ଗୀ ଦଳ କର୍ମୀମାନେ ପିକ୍ଅପ ଭ୍ୟାନ୍ ଅଟକାଇ ସାଲେପୁର ପୁଲିସ ଜିମା ଦେବା ସହ ଡ୍ରାଇଭରକୁ ମଧ ପୁଲିସ ଜିମା ଦିଆଯାଇଛି। ସାଲେପୁର ପୁଲିସ ଚମଡା ବୋଝେଇ ପିକ୍ଅପ ଭ୍ୟାନ୍‌କୁ ଜବତ କରିବା ସହ ଚାଳକକୁ ଅଟକ ରଖିଥିବା ଜଣାଯାଇଛି। ଏକ ପିକ୍ଅପ ଭ୍ୟାନ୍ ନଂ-ଓଡି ୦୫ ଏଡବ୍ଲୁ ୬୫୬୭ଟି ଗୋରୁ ଚମଡା ଭର୍ତ୍ତି କରି କେନ୍ଦ୍ରାପଡାରୁ କଟକ ଅଭିମୁଖେ ଯାଉଥିବା ବେଳେ କେନ୍ଦୁପାଟଣା ଛକ ନିକଟରେ ସ୍ଥାନୀୟ ଲୋକେ ଓ ବଜରଙ୍ଗୀ ଦଳ କର୍ମୀମାନେ ଗାଡିଟିକୁ ଅଟକାଇ ସାଲେପୁର ପୁଲିସ ଜିମା ଦେଇଥିବା ଜଣାଯାଇଛି। ସାଲେପୁର ପୁଲିସ ଚମଡା ବୋଝେଇ ଗାଡିଟିକୁ ଜବତ କରିବା ସହ ଚାଳକକୁ ଅଟକ ରଖିଥିବା ଜଣାଯାଇଛି।

## ଟାଙ୍ଗୀ ଅଞ୍ଚଳରେ ଭାଗବତ ଜନ୍ମ ଓ ଇନ୍ଦ୍ରୋତ୍ସବ



**ଟାଙ୍ଗୀ,୭।୯(ସମିସ):** "ପରମ ଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ"। ଏହାକୁ ଆଧାରକରି ଶ୍ରୀମଦ୍ ଭାଗବତ ପୁରାଣର ଜନ୍ମ ଓ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳରେ ଭାବ ଭକ୍ତିର ସହ ପାଳିତ ହୋଇଯାଇଛି। ଚନ୍ଦ୍ରଗ୍ରହଣ ଯୋଗୁଁ ଅପରାହ୍ନ ୧ଟା ପୂର୍ବରୁ ସମସ୍ତ ଦେବନୀତି ସଂପନ୍ନ ହୋଇଥିବାବେଳେ କୋଟସାହି ପଞ୍ଚାୟତ ମଠସାହିରେ ଆୟୋଜିତ ଉତ୍ସବ ଚର୍ଚ୍ଚାରେ ରହିଛି। ମଠସାହି ନିବାସୀ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀଧର ସାହୁଙ୍କ ପରିବାର ପକ୍ଷରୁ ଶତାଧିକ ବର୍ଷ ଧରି ଉକ୍ତ ଉତ୍ସବ ପାଳିତ ହୋଇଆସୁଥିବାବେଳେ ଶତାଧିକ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଛନ୍ତି।

## ସପନପୁରରେ ଆଞ୍ଚଳିକ ଚାଷୀ ସୁରକ୍ଷା ମଞ୍ଚ ଗଠିତ




**ଟାଙ୍ଗୀ,୭।୯(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ସପନପୁର ମହିମା ଅଲେଖ ପର୍ଯ୍ୟଟନସ୍ଥଳରେ ଫସଲ ସୁରକ୍ଷା ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ପ୍ରମୋଦ କୁମାର ଜଟଙ୍କ ଆହ୍ୱାନକ୍ରମେ ମହିମା ଅଲେଖ ସାଧୁ ଶୁକଦେବ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ହରମୋହନ ପ୍ରଧାନ, ପ୍ରାକ୍ତନ ସଭ୍ୟ ଧନେଶ୍ୱର ନାୟକ ଓ ଉଦ୍ୟାନବିତ ପ୍ରଶାନ୍ତ ବସ୍ତିଆ ଯୋଗଦେଇଥିଲେ। ଶାଳଗାଁ, ସଫା, କରଞ୍ଜି, ଗରୁଡ଼ଗାଁ, ବ୍ରହ୍ମପୁର ଓ କହ୍ନେଇପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ହାତୀ, ବାରହା, ମଇଁଷି ଆଦି ବନ୍ୟଜନ୍ତୁ ଧାନ ଓ ବିଭିନ୍ନ ଫସଲ ନଷ୍ଟ କରୁଛନ୍ତି। ଏଥିପାଇଁ ସରକାରଙ୍କ ନିକଟରେ ଦାବି ଜଣାଇବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆଞ୍ଚଳିକ ଚାଷୀ ସୁରକ୍ଷା ମଞ୍ଚ ଗଠନ କରାଯାଇଥିଲା। ମଞ୍ଚର ଆବାହକ କମିଟିରେ ସମ୍ପୃକ୍ତ ପଞ୍ଚାୟତଗୁଡିକରେ ୪ଜଣ ଲେଖା ସଦସ୍ୟ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ବଡ଼ କୃଷକ ସମାବେଶ କରାଯାଇ ସରକାରଙ୍କ ନିକଟରେ ଦାବି କରାଯିବ ବୋଲି ଜଣାପଡିଛି। ଉକ୍ତ ବୈଠକକୁ ସମାଜସେବୀ ଗଙ୍ଗାଧର ବେହେରା ପରିଚାଳନା କରିଥିବାବେଳେ ରକ୍ଷ୍ୟାନନ୍ଦ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସୁବାସଚନ୍ଦ୍ର ବେହେରା, ମାଧବଚନ୍ଦ୍ର ମହାନ୍ତି, ଚିନ୍ମୟ ଧଳ, ଗଣେଶ୍ୱର ନାୟକଙ୍କ ସମେତ ୫୦ଜଣ ଯୋଗଦେଇଥିଲେ।

**ଡିଜିଟାଲ ପ୍ରମାଣପତ୍ର ନାହିଁ**

## ଭିନ୍ନକ୍ଷମଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା





**ନିଶ୍ଚିନ୍ତକୋଇଲି,୭।୯(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ସୁକରପଡ଼ା ପଞ୍ଚାୟତର ଅକ୍ଷୟ କୁମାର ନାୟକ(୫୬) ଏବଂ ସଂଗୀତା ସ୍ୱାଇଁ(୨୦) ସରକାରଙ୍କ ବର୍ଦ୍ଧିତ ହାରରେ ଭତ୍ତା ପାଉ ନ ଥିବା ଅଭିଯୋଗ କରିଛନ୍ତି। ଅକ୍ଷୟଙ୍କ ପାଖରେ ଶତ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ରହିଥିବା ବେଳେ ସଂଗୀତାଙ୍କ ପାଖରେ ୯୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ରହିଛି। ସରକାରଙ୍କ ପକ୍ଷରୁ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ ଓ ବୃଦ୍ଧା ଏବଂ ୮୦ଶତକଡ଼ାରୁ ଉଦ୍ଧ୍ୱର୍ ଭିନ୍ନକ୍ଷମ ପ୍ରମାଣପତ୍ର ଥିବା ହିତାଧିକାରୀଙ୍କୁ ୩ ହଜାର ୫୦୦ଟଙ୍କା ଭତ୍ତା ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଏହି ଦୁଇ ଭିନ୍ନକ୍ଷମଙ୍କ ନିକଟରେ ସମସ୍ତ କାଗଜପତ୍ର ରହିଥିଲେ ମଧ୍ୟ ବିଗତ ୧୫ ମାସ ହେବ ସେ ବର୍ଦ୍ଧିତ ହାରରେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ଦୁଇ ଭିନ୍ନକ୍ଷମଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହାତଲେଖା ପ୍ରମାଣପତ୍ର ଯୋଗାଇ ଦିଆଯାଇଥିଲା। ଏହି ପ୍ରମାଣପତ୍ର ବଳରେ ସେ ବର୍ତ୍ତମାନ ମାସିକ ୧୨୦୦ ଟଙ୍କା ଲେଖାଏ ଭତ୍ତା ପାଉଛନ୍ତି। ବର୍ଦ୍ଧିତ ହାରରେ ଭତ୍ତା ପାଇବା ପାଇଁ ବହୁବାର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ ତାଙ୍କ ଦୁଃଖ କେହି ଶୁଣୁ ନାହାନ୍ତି। ଏହି ଦୁଇ ଭିନ୍ନକ୍ଷମଙ୍କ ନିକଟରେ ଡ଼ିଜିଟାଲ ପ୍ରମାଣପତ୍ର ନ ଥିବାରୁ ସେମାନଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ଦିଆଯାଉ ନ ଥିବା କାର୍ଯ୍ୟାଳୟ ପକ୍ଷରୁ ଜଣାଯାଇଛି। ଏହି ଦୁଇ ଭିନ୍ନକ୍ଷମଙ୍କର କେହି ସହଯୋଗୀ ନ ଥିବାରୁ ସେମାନେ କିପରି ମାନୁଆଲ ପ୍ରମାଣପତ୍ରକୁ ଡ଼ିଜିଟାଲ ପ୍ରମାଣପତ୍ର କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଭିନ୍ନକ୍ଷମ ସଂଗୀତା ପିତାଙ୍କ ମୃତ୍ୟୁ ହୋଇଥିଲା ବେଳେ ସେ ତାଙ୍କ ମା'ଙ୍କ ପାଖରେ ଅତ୍ୟନ୍ତ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି।

ବର୍ତ୍ତମାନ ମହରଗ ଦୁନିଆରେ ୧୨୦୦ ଟଙ୍କାରେ ଔଷଧ ଓ ଅନ୍ୟାନ୍ୟ ଖର୍ଚ୍ଚ କରିବା ସମ୍ଭବ ପର ହେଉନାହିଁ। ସେହିଭଳି ଶତ ପ୍ରତିଶତ ଭିନ୍ନକ୍ଷମ ଅକ୍ଷୟ ମଧ୍ୟ ମାସିକ ୧୨୦୦ ଟଙ୍କା ଭତ୍ତାରେ ବହୁ ଦୁଃଖ କଷ୍ଟରେ ଚଳୁଛନ୍ତି। ସରକାରଙ୍କ ପକ୍ଷରୁ ୩୫୦୦ଟଙ୍କା ବର୍ଦ୍ଧିତ ଭତ୍ତା କରାଯାଇଥିଲେ ମଧ୍ୟ କର୍ମଚାରୀଙ୍କ ଅସହଯୋଗ ଯୋଗୁଁ ଏମାନେ ଭତ୍ତା ପାଇପାରୁ ନାହାଁନ୍ତି। କେବଳ ଏହି ଦୁଇ ଭିନ୍ନକ୍ଷମ ବ୍ୟକ୍ତି ନୁହନ୍ତି। ବ୍ଲକ ଅଞ୍ଚଳରେ ବହୁ ଭିନ୍ନକ୍ଷମମାନେ ବର୍ଦ୍ଧିତ ହାରରେ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଏଭଳି ଭିନ୍ନକ୍ଷମଙ୍କୁ ଡ଼ିଜିଟାଲ ପ୍ରମାଣପତ୍ର ପ୍ରଦାନ କରିବାରେ ସରକାରୀ ଅଫିସରମାନେ ସହଯୋଗ କରିବା ପାଇଁ ଦାବି ହୋଇଛି।

# ସେଣ୍ଟ ଜାଭିୟର୍ସ ସ୍କୁଲ ଶିକ୍ଷୟିତ୍ରୀଙ୍କୁ ଜାତୀୟ ପୁରସ୍କାର



କଟକ, ୭।୯(ସମିସ): ଭାରତ ସରକାରଙ୍କ ନୀତି ଆୟୋଗ ଦ୍ୱାରା ୨୦୨୫ ବର୍ଷ ପାଇଁ ଗୌରବମୟ ଜାତୀୟ ଶିକ୍ଷକ ପୁରସ୍କାର ଲାଭ କରିଛନ୍ତି କଟକ ବାରବାଟି ଷ୍ଟାଡିୟମ୍ ସ୍ଥିତ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଶ୍ରୀ ଫରିନ ନାଜ୍। ପ୍ରକାଶଥାଉକି, ଗତ ୬ ତାରିଖ ଦିନ ଦିଲ୍ଲୀ ସ୍ଥିତ ହଲରେ ଏକ ଭବ୍ୟ ସମାବେଶରେ ସୁଶ୍ରୀ ଫରିନ ନାଜ ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଆଇସିଏସସିର ସମ୍ପାଦକ ଡ ଯୋଷେଫ ଇମାନୁଏଲ୍ ଏବଂ ସିବିଏସସିର ପୂର୍ବତନ ନିର୍ଦ୍ଦେଶକ ଡ. ବାଲଶୁବ୍ରମନ୍ୟନ୍ ତାଙ୍କୁ ଏହି ସମ୍ମାନଟି ପ୍ରଦାନ କରିଥିଲେ। ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ତଥା କଟକ ଜଗତସିଂହପୁର ଜିଲ୍ଲାର ସିବିଏସସି ସିଟି କୋଡ଼ିନେଟର ଡ. ପ୍ରିୟଦର୍ଶୀ ନାୟକଙ୍କ ମାର୍ଗଦର୍ଶନରେ ଏହି ଗୌରବମୟ ସ୍ଥାନରେ ପହଞ୍ଚି ପାରିଛନ୍ତି ବୋଲି ଶିକ୍ଷୟିତ୍ରୀ ଜଣକ ମତବ୍ୟକ୍ତ ବ୍ୟକ୍ତ କରିଛନ୍ତି। ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ପାଇଁ ମଧ୍ୟ ଏହା ଏକ ଗୌରବ ତଥା ସୌଭାଗ୍ୟର ବିଷୟ ଯେ ଜାତୀୟସ୍ତରରେ ବିଦ୍ୟାଳୟର ଟେକ ରହିପାରିଛି। ଯାହା ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ଏକ ଆଦର୍ଶ ସୃଷ୍ଟି କରିପାରିଛି।

# ଚୌଦ୍ୱାର ପୌରପାଳିକାକୁ ଜଗିବେ ବନ୍ଧୁକଧାରୀ ସୁରକ୍ଷା କର୍ମୀ

ଚୌଦ୍ୱାର, ୭।୯(ସମିସ)

ବିଭିନ୍ନ କାର୍ଯ୍ୟକୁ ନେଇ ଏବେ ଚର୍ଚ୍ଚାରେ ରହୁଛି ଚୌଦ୍ୱାର ପୌରପାଳିକା। ପ୍ରତ୍ୟେକ କାର୍ଯ୍ୟରେ ରହୁଛି ଦୁର୍ନୀତିର ବାସ୍ନା। ଜନସାଧାରଣଙ୍କ ଆବଶ୍ୟକତା ମେଣ୍ଟାଇବା କ୍ଷେତ୍ରରେ ବିଫଳ ହୋଇଥିବା ଏହି ପୌରପାଳିକା ଏବେ ଓଡ଼ିଶାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି। ଯାହା କଟକ ମହାନଗର ନିଗମରେ ମଧ୍ୟ ଦେଖିବାକୁ ମିଳିନାହିଁ। ଏଭଳି ପୌରପାଳିକାର ଏଭଳି ସ୍ୱେଚ୍ଛାଚାରିତା କାର୍ଯ୍ୟ ଯୋଗୁଁ ଏବେ ନଗରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବା ସହ ଜନସାଧାରଣଙ୍କ ଅର୍ଥକୁ କିଭଳି ହରିଲୁଟ କରାଯାଉଛି ତାହାର ଏକ ନିଦର୍ଶନ ଏଠାରେ ଦେଖିବାକୁ ମିଳୁଛି ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଏଥର ଚୌଦ୍ୱାର ପୌରପାଳିକାକୁ ଜଗିବେ ବନ୍ଧୁକଧାରୀ ସୁରକ୍ଷା କର୍ମଚାରୀ। ଏଭଳି କଥା ଶୁଣିବା ବେଳକୁ ସାଧାରଣରେ ନାପସନ୍ଦ କରିବା ସହ ରାଜସ୍ୱକୁ ହଡ଼ପ କରାଯିବାର ଏକ ଚକ୍ରାନ୍ତ ବୋଲି କୁହାଯାଉଛି। ଏପରିକି ଏଥିପାଇଁ ଲାଞ୍ଚ କାରବାର ହୋଇଥିବା ଘଟଣା ଚର୍ଚ୍ଚା ହେଉଥିବାବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ବୋଲି ଚୌଦ୍ୱାରବାସୀ କହିଛନ୍ତି।

ଚୌଦ୍ୱାର ପୌରପାଳିକାରେ ଏଥର ନିୟୋଜିତ ହେବେ ବନ୍ଧୁକଧାରୀ ସୁରକ୍ଷା କର୍ମୀ। ଏଠାରେ ପ୍ରଶ୍ନ ଉଠୁଛି ସାଧାରଣ ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ଏହି କାର୍ଯ୍ୟାଳୟରେ ବନ୍ଧୁକଧାରୀ ସୁରକ୍ଷା କର୍ମୀ କାହାକୁ ଜଗିବେ ? ଜନସାଧାରଣଙ୍କ ଟିକସରୁ ବିଭିନ୍ନ ଉନ୍ନୟନ କାମ କରାଯାଉଥିବା ରାଜସ୍ୱ ଜଗିବେ ନାଁ ଜନସାଧାରଣଙ୍କ ଅଭିଯୋଗ କରିବା ପାଇଁ କରୁଥିବା ଅବାଧ ପ୍ରବେଶକୁ ରୋକିବେ। ତେବେ ଏଭଳି ପରିକଳ୍ପନା କାହା ସ୍ୱାର୍ଥରେ ଚୌଦ୍ୱାର ପୌରପାଳିକା କେବେ ଠାରୁ ଅସୁରକ୍ଷିତ ହୋଇପଡ଼ିଲାଣି ଯେ ବନ୍ଧୁକଧାରୀ ସୁରକ୍ଷା କର୍ମୀ ଆବଶ୍ୟକ ପଡ଼ିଲା। ବିଶେଷ କରି ବନ୍ଧୁକଧାରୀ ସୁରକ୍ଷା କର୍ମୀଙ୍କ ବେତନ ୨ଗୁଣ ହୋଇଥାଏ। କର୍ମଚାରୀଙ୍କ ଦୈନିକ ମଜୁରୀ ଯେତିକି ଟଙ୍କା ବନ୍ଧୁକ ବାବଦକୁ ମଧ୍ୟ ସେତିକି ଟଙ୍କା; ତେଣୁ ଏଭଳି ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରି ତାଙ୍କ ଦ୍ୱାରା କିଛି କମିଶନି ଆଦାୟ କରିବା ନିମନ୍ତେ ପୌରପାଳିକାର ଏଭଳି ଚକ୍ରାନ୍ତ ବୋଲି କିଛି ସ୍ଥାନୀୟ କାଉନସିଲର ଆଲୋଚନା ପ୍ରସଙ୍ଗରେ କହିଛନ୍ତି। ତେବେ ଚୌଦ୍ୱାର ପୌରପାଳିକାରେ ମୋଟ ୮ଜଣ ବନ୍ଧୁକଧାରୀ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯିବାକୁ ଯୋଜନା ଚାଲିଥିବାବେଳେ ଏଥିନିମନ୍ତେ କୌଣସି ବିଜ୍ଞପ୍ତି କିମ୍ବା ଟେଣ୍ଡର ମଧ୍ୟ ହୋଇ ନାହିଁ। ତେବେ ଗୋଟିଏ ସଂସ୍ଥାକୁ ଏହା ଭିତିରିଆ ଟେକିଦେବା ପାଇଁ ଯୋଜନା ଚାଲିଥିବା ମଧ୍ୟ ଶୁଣିବାକୁ ମିଳିଛି। ଏହା ପଛରେ କି ରହସ୍ୟ ରହିଛି ଏହାକୁ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଆବଶ୍ୟକ ବୋଲି ଚୌଦ୍ୱାରର ବହୁ ରାଜନୈତିକ ବ୍ୟକ୍ତିବିଶେଷ ଓ ବରିଷ୍ଠ ନାଗରିକମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ଯୋଗାଯୋଗ କରିବାରେ ତାହା ସମ୍ଭବ ହୋଇ ନ ଥିଲା। ତେବେ ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କୁ ଯୋଗାଯୋଗ କରିବାରେ ଚଳିତବର୍ଷ ଚୌଦ୍ୱାର ପୌରପାଳିକାର ବହୁ କର୍ମଚାରୀ ଅବସର ନେବାକୁ ଅଛନ୍ତି। ପୌରାଞ୍ଚଳ ଅଧୀନରେ ଥିବା କଲ୍ୟାଣ ମଣ୍ଡପ ସହିତ ପୌର କାର୍ଯ୍ୟାଳୟ ପରିସରରେ ବହୁ ମୂଲ୍ୟବାନ ସାମଗ୍ରୀ ରହିଛି। ତେଣୁ ସେସବୁର ସୁରକ୍ଷା ଦୃଷ୍ଟିରୁ ସୁରକ୍ଷା କର୍ମଚାରୀଙ୍କ ନିଯୁକ୍ତି ଆବଶ୍ୟକତା ରହିଛି। ସେହିଭଳି କୌଣସି ବାହାର ସଂସ୍ଥାକୁ ଦାୟିତ୍ୱ ଦିଆଯାଉ ନାହିଁ। ବରଂ ଯେଉଁ ସଂସ୍ଥା ପୌରପାଳିକାକୁ ଲୋକ ଶକ୍ତି ଯୋଗାଉଛି ସେହି ସଂସ୍ଥାକୁ ସୁରକ୍ଷାକର୍ମୀଙ୍କ ନିଯୁକ୍ତି ଦାୟିତ୍ୱ ଦିଆଯାଉଥିବାରୁ ଟେଣ୍ଡର କରାଯିବାର କୌଣସି ଆବଶ୍ୟକତା ନାହିଁ ବୋଲି ପ୍ରକାଶ କରିଥିଲେ।

**ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ, କୁହୁଳୁଛି ଅସନ୍ତୋଷ**

# ଗଜଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ପାଇଁ ମାଟି ଅନୁକୂଳ

ଫୁଲନଖରା, ୭।୯(ସମିସ): କଟକ ସଦର ଥାନା ଅନ୍ତର୍ଗତ ସଇନ୍ଧା-ନଛିପୁର ଅଞ୍ଚଳରେ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ମୃଣ୍ମୟ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ ହୋଇଯାଇଛି। ପବିତ୍ର ସୁନିଆଁ ଅବସରରେ ଅଞ୍ଚଳର ବାଲିସାହି, ସଇନ୍ଧା, ଅମଣିଆଗୋରଡା, କାଜିପୁର, ନଛିପୁର, ବଢ଼େଇସାହି, ଢ଼ିଅ ନଛିପୁର, କୋଠସାହି ଆଦି ୧୧ଟି ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ନିର୍ମାଣ ନିମନ୍ତେ ନିକଟସ୍ଥ ସିଡୁଆ ନଦୀକୂଳରେ ଯଥାବିଧି ପୂଜାର୍ଚ୍ଚନା ପୂର୍ବକ ମାଟି ଉତ୍ତୋଳନ କରାଯାଇଥିଲା। ଉକ୍ତ ମାଟିକୁ ସସମ୍ମାନେ ସଂକୀର୍ତ୍ତନ, ଘଣ୍ଟ ଘଣ୍ଟା ସହ ଏକ ଶୋଭାଯାତ୍ରାରେ ପ୍ରତ୍ୟେକ ମଣ୍ଡପରେ ସ୍ଥାପନ କରାଯାଇଥିଲା।

# ୱାକର୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



କଟକ, ୭।୯(ସମିସ): ୱାକର୍ସ କ୍ଲବ, କଟକ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ବଙ୍ଗାଳି ସାହି ସ୍ଥିତ ରାମକୃଷ୍ଣ କୁଟୀରରେ ଅନୁଷ୍ଠିତ ହୋଇଯାଇଛି। ୱାକର୍ସ କ୍ଲବର ସଭାପତି ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଶୁ ରୋଗ ବିଶେଷଜ୍ଞ ପ୍ରଫେସର ନିରଞ୍ଜନ ମହାନ୍ତି ମୁଖ୍ୟବକ୍ତା ରୂପେ ଯୋଗଦେଇ ଆଣ୍ଟିବାଇଓଟିକର ଶରୀର ଉପରେ ପ୍ରଭାବ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ଏହି ଅବସରରେ ଡାକ୍ତର ନିରଞ୍ଜନ ମହାନ୍ତିଙ୍କୁ ଉତ୍ତରୀୟ ଓ ପଟ୍ଟଚିତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ର, ବନମାଳୀ ଶୁକ୍ଳ, ପ୍ରଶାନ୍ତ କାନୁନଗୋ, ଶଶୀଭୂଷଣ ସ୍ୱାଇଁ, ଶ୍ରୀନିବାସ ପାତ୍ର, ଗୋକୁଳାନନ୍ଦ ପଟ୍ଟନାୟକ, ବିଦ୍ୟୁତ ଲାଲା, ବିଜୟ ପୃଷ୍ଟି, ଗୌତମ କର, ମହେଶ୍ୱର ମହାନ୍ତି, ଫଣିନ୍ଦ୍ର ମଲ୍ଲିକ, ପ୍ରଫୁଲ ସାହୁ, ପବିତ୍ର ମହାନ୍ତି, ବିଜୟଲକ୍ଷ୍ମୀ କର, ସରୋଜ ମହାନ୍ତି, କୃତିବାସ ପଣ୍ଡା, ଭୁବନାନନ୍ଦ ମହାନ୍ତି, ରାକେଶ ଶତପଥୀ ପ୍ରମୁଖ ସଦସ୍ୟଙ୍କ ସହିତ କୁଟୀରର ଅନ୍ତେବାସୀ ବୃନ୍ଦ ଉପସ୍ଥିତ ଥିଲେ। କୁଟୀରର ପରିଚାଳକ ସୁଭାସଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି, ୭।୯(ସମିସ): ନିଶ୍ଚିନ୍ତକୋଇଲି ବଜାର ସ୍ଥିତ ଏକ୍ସଲେଣ୍ଟ ଶିକ୍ଷା କେନ୍ଦ୍ରରେ ପବିତ୍ର ଗୁରୁଦିବସ ଅବସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷାକେନ୍ଦ୍ର ପରିଚାଳକ ଦେବେନ୍ଦ୍ରନାଥ ଲେଙ୍କାଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାରସ୍ୱତ ସାଧକ ଉତ୍କଳଜ୍ୟୋତି ରଘୁନାଥ ମହାନ୍ତି ଯୋଗଦେଇ ଗୁରୁ ପୂଜାର ତାତ୍ପର୍ଯ୍ୟ ସଂକ୍ରାନ୍ତରେ ଆଲୋଚନା କରିବା ସହିତ ଶିକ୍ଷା କେନ୍ଦ୍ରରେ ଶୃଙ୍ଖଳିତ ଓ ଉନ୍ନତମାନର ଶିକ୍ଷାଦାନ ସଂକ୍ରାନ୍ତରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ, ଶିକ୍ଷାବିତ୍ ଅଶୋକ ସାହୁ, ହେମନ୍ତ ରାଉତ, ଧରଣୀଧର ଜେନା, ଆଫ୍ରିନ୍ ନିସା, ଶିବ ସାଇନାଥ, ରଶ୍ମି ମହାରଣା, ଦୀପକ ମିଶ୍ର, ସ୍ୱପ୍ନା ଲେଙ୍କା, ଶ୍ୱେତାଲିନା ପ୍ରଧାନ, ପ୍ରଭାକର ଦାଶ, କେଶବ ଦାସ, ସୂର୍ଯ୍ୟନାରାୟଣ ସାହୁ, ତୃପ୍ତିରେଖା ଲେଙ୍କା, ହରପ୍ରିୟା ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରତ୍ୟେକ ନବାଗତଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗୋପାଳପୁର ମଣ୍ଡଳ ପକ୍ଷରୁ ଏସିପି ଓ ଆଇଆଇସିଙ୍କୁ ସମ୍ବର୍ଦ୍ଧନା



କଟକ, ୭।୯(ସମିସ): ଗୋପାଳପୁର ମଣ୍ଡଳ କଟକ ସଦର ଭାରତୀୟ ଜନତା ପାର୍ଟି ସଭାପତି ନୀହାର ରଞ୍ଜନ ପଣ୍ଡାଙ୍କ ଆହ୍ୱାନକ୍ରମେ ଆଜି ସଦର ଥାନାରେ ନୂତନ ଭାବେ ଯୋଗଦେଇଥିବା ଆଇଆଇସି ତୁଷାରକାନ୍ତ ସେଠୀ ଓ ଜୋନ-୪ ଏସିପି ଶଶିଭୂଷଣ ରାଉତଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ୫୮ନଂ ୱାର୍ଡ ସଭାପତି ରାଜେନ୍ଦ୍ର ପାତ୍ର, ୫୬ନଂ ୱାର୍ଡ ସଭାପତି ସତ୍ୟରଞ୍ଜନ ଦାସ, ୫୭ନଂ ୱାର୍ଡ ସଭାପତି ମନୋରଞ୍ଜନ ଦାସ, ୫୯ନଂ ୱାର୍ଡ ପ୍ରମୁଖ ବିଚିତ୍ରାନନ୍ଦ ଦଳାଇ, ଦୀପ୍ତିରଞ୍ଜନ ଜେନା, ପ୍ରଭାତ ସେନାପତି, ଅତୁଲ୍ୟ ରାଉତ, ଭାରତ ବେହେରା, ପ୍ରଜ୍ୱଳିତ ବେହେରା, ବବୁଲ ରାଉତ, ଉଦୟନାଥ ମହାନ୍ତି, ରଞ୍ଜନ ପାଲ, ଶିଶିର ପାଲ, କିଶୋର ବାରିକଙ୍କ ସମେତ ଭାରତୀୟ ଜନତା ପାର୍ଟିର ଶତାଧିକ କାର୍ଯ୍ୟକର୍ତ୍ତା ରାଜ୍ୟ ସଂଯୋଜକ ପ୍ରମୋଦ କୁମାର ବେହେରାଙ୍କ ନେତୃତ୍ୱ ସଦର ଥାନା ଅଧିକାରୀ ଓ ଏସିପିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଡ୍ରିମ୍‌ସ ନର୍ସିଂ ସ୍କୁଲରେ ଗୁରୁପୂଜନ




କଟକ, ୭।୯(ସମିସ): ଡ୍ରିମ୍‌ସ ନର୍ସିଂ ସ୍କୁଲରେ ଗୁରୁପୂଜନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସର୍ବପଲ୍ଲୀ ଡ. ରାଧାକ୍ରିଷ୍ଣନ୍ ଓ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ମୁଖ୍ୟଅତିଥି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ତାଙ୍କ ବକ୍ତବ୍ୟରେ ପିତାମାତା ଓ ଗୁରୁ ଓ ଗୁରୁଜନଙ୍କ ଆଶୀର୍ବାଦ ବିନା ଜୀବନରେ କେହି କେବେ ବଡ ହୋଇପାରେନା, ଛାତ୍ରଛାତ୍ରୀମାନେ ଏହି ସତ୍ୟକୁ ହୃଦୟଙ୍ଗମ କରି ଲକ୍ଷ୍ୟପଥରେ ଅଗ୍ରସର ହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବିଶିଷ୍ଟ ଅତିଥି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ସମ୍ମାନିତ ଅତିଥି ପ୍ରଶାସନକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ପ୍ରଫେସର ଲୋକନାଥ ବେହେରା ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟକ୍ଷା ଡ. ପ୍ରଥିମା ପ୍ରକାଶମ୍ ଉତ୍ସବରେ ପୌରୋହିତ୍ୟ କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷା ଏନ୍. ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ। ଛାତ୍ରୀ ଆକାଂକ୍ଷା ମହାନ୍ତି ଓ ଅସୀମା ମହାନ୍ତି କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଏହି ଉପଲକ୍ଷେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପାଲା ମହୋତ୍ସବ ଉଦ୍‌ଯାପିତ



ଚୌଦ୍ୱାର, ୭।୯(ସମିସ): ଶତାଧିକ ବର୍ଷ ଧରି ଅବିରତ ଅନୁଷ୍ଠିତ ହୋଇ ଆସୁଥିବା ଚୌଦ୍ୱାରର ଐତିହାସିକ ପାଲା ମହୋତ୍ସବ ଶନିବାର ସଂଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସତ୍ୟ ନାରାୟଣ ପାଲା ସମିତି ଆନୁକୂଲ୍ୟରେ ସଭାପତି ମନୋଜ କୁମାର ନାୟକଙ୍କ ପୌରୋହିତ୍ୟରେ ଚୌଦ୍ୱାର ବଡ଼ ବଜାରସ୍ଥିତ ଶ୍ରୀ ଶ୍ରୀ ସତ୍ୟ ନାରାୟଣ ପୂଜା ମଣ୍ଡପରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ପ୍ରାକ୍ତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବରିଷ୍ଠ ନାଗରିକ ବୈକୁଣ୍ଠନାଥ ପୃଷ୍ଟି, ଡ. ଉତ୍ତମ ଚରଣ ସାହୁ ପ୍ରମୁଖ ଅତିଥି ଭାବେ ଏହି ପାଲା ସଂସ୍କୃତିକୁ ଉଦ୍‌ଜୀବିତ କରି ରଖିବା ଦିଗରେ ଚୌଦ୍ୱାର ପାଲା କମିଟି କର୍ମକର୍ତ୍ତା ଓ ଅଞ୍ଚଳର ନାଗରିକଙ୍କୁ କୃତଜ୍ଞତା ଜଣାଇଥିଲେ। ମହୋତ୍ସବରେ ପାଲା ପରିବେଷଣ କରିଥିବା ପାଲାକାର ଓ ଦଳକୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରି ଚୌଦ୍ୱାରକୁ ଗୌରବାନ୍ୱିତ କରିଥିବା ଜଳକ୍ରୀଡ଼ା ଖେଳାଳି ଚୌଦ୍ୱାରର ରଶ୍ମିତା ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଉପସଭାପତି ଲିଙ୍ଗରାଜ ସାହୁ, ସମ୍ପାଦକ ମଙ୍ଗରାଜ ବେହେରା, ଅଜୟ ବେହେରା, ମୁରଲୀଧର ବେହେରା, ଦାଶରଥୀ ବେଉରା, ମଧୁ ନାୟକ, ହରିହର ସାହୁ, ଅଶୋକ ବେହେରା, ମାନସ ସାହୁ, ପ୍ରଭାସ ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ନଗର କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟା ସମାପ୍ତ




କଟକ, ୭।୯(ସମିସ): କଟକ ନଗର କଂଗ୍ରେସ ସଭାପତି ଚୟନ ପାଇଁ ଆଜିର ଶେଷ ଦିନରେ ମଧ୍ୟ ସଂଗଠନ ଶ୍ରୀଜନ ଅଭିଯାନ ଅଧୀନରେ ଅଖିଳ ଭାରତ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକ ସରକାରର ମୁଖ୍ୟ ସଚେତକ ସଲିମ ଅହମ୍ମଦ, ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ବିଭିନ୍ନ ସେଲ ଓ ବିଭାଗର ଅଧ୍ୟକ୍ଷଙ୍କଠାରୁ ମତାମତ ସଂଗ୍ରହ କରିଥିଲେ। ଆସନ୍ତା ୧୬ ତାରିଖ ସୁଦ୍ଧା ସମସ୍ତ ମତାମତ ଏଆଇସିସି କାର୍ଯ୍ୟାଳୟରେ ଦାଖଲ କରାଯିବ। ପରେ ଏହାର ସମୀକ୍ଷା କରାଯାଇ କଟକ ନଗର କଂଗ୍ରେସ ସଭାପତିଙ୍କ ନାମ ଘୋଷଣା କରାଯିବ। ଏହି କାର୍ଯ୍ୟକ୍ରମରେ ପିସିସି ପର୍ଯ୍ୟବେକ୍ଷକ ଓ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଉଚ୍ଛବ ସାହୁ ଓ ସତ୍ୟବ୍ରତ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ବସ୍ତି ବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ଜନସଭା




କଟକ, ୭।୯(ସମିସ): ମହାନଗର ନିଗମ (ସିଏମସି) ଅନ୍ତର୍ଭୁକ୍ତ ସମସ୍ତ ବସ୍ତି ବାସିନ୍ଦା ଓ ସହରର ଶ୍ରମଜୀବୀଙ୍କ ଏକ ଜନସଭା ସ୍ଥାନୀୟ ଗାନ୍ଧି ଭବନରେ ଅନୁଷ୍ଠିତ ହୋଇଥିଲା। ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତି, ସୁକାନ୍ତ ନାୟକ ମହାନଗର ନିଗମ ଆଇନ ଓ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ରାୟରେ ବସ୍ତି ବାସିନ୍ଦାଙ୍କ ଅଧିକାର ଉପରେ ଆଲୋକପାତ କରିଥିଲେ। ବସ୍ତି ନେତା ଦୀପକ ଦାସ, ଶ୍ରମିକ ନେତା ସୌଭାଗ୍ୟ ସାମଲ, ବସ୍ତି ନେତା ସୁକାନ୍ତ ନାୟକ, ସଜନୀ ଦାସ, ବିଷ୍ଣୁ ନାୟକ, ନୟନା ନାୟକ, ଗଙ୍ଗାଧର ପୋଲାଇ, ବାପି ମୁର୍ମୁ, ରିତା ଦଳାଇ, ଦୀନବନ୍ଧୁ ମହାରଣା, ଏନ୍ ରାଜୁରାଓ, ରାଧାରାଣୀ ସାହୁ, ପ୍ରଣତି ବେହେରା, ଭାସ୍କର ସାହୁ, ଉମେଶ ଦାସ, ବିଚିତ୍ର ପାତ୍ର, ଅଜୟ ସିଂ, ଉଦୟ ଟୁଡୁ ପ୍ରମୁଖ ଏହି ସଭାରେ ମତପୋଷଣ କରିଥିଲେ। ମଞ୍ଚର ଆବାହକ ଶ୍ରୀ ସେଠୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଜାତିସଂଘର ଘୋଷଣାପତ୍ର, ଆମ ସମ୍ବିଧାନ ତଥା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତି ନାଗରିକର ବାସଗୃହ ଅଧିକାର କେବଳ ମୌଳିକ ଅଧିକାର ନୁହେଁ। ଏହା ଜୀବନର ଅଧିକାର ଅନ୍ତର୍ଭୁକ୍ତ ଏକ ଜନ୍ମଜାତ ଅଧିକାର। ଆଇନ ଅନୁସାରେ ସଭ୍ୟ ରାଷ୍ଟ୍ର ବା ସରକାରଙ୍କ ପରମ କର୍ତ୍ତବ୍ୟ ହେଉଛି, ନାଗରିକକୁ ବାସଗୃହ ଯୋଗାଇବା। ଏହି ପ୍ରରିପ୍ରେକ୍ଷୀରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ଏକ ଶାଶ୍ୱତ ଦୁର୍ବାର ମିଳିତ ଆନ୍ଦୋଳନ ପାଇଁ ଆହ୍ୱାନ କରୁଛି। ଏହି ଅଧିକାର ଦାବିରେ ଆସନ୍ତା ୧୯ ସେପ୍ଟେମ୍ବର ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ଆହ୍ୱାନରେ ବସ୍ତି ବାସିନ୍ଦାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବେ ବୋଲି ଏହି ସଭା ନିଷ୍ପତ୍ତି ନେଇଛି।

# ଷଣ୍ଢ ଦୌରାତ୍ମ୍ୟରେ ଫସଲ ହାନି; ଚାଷୀ ହଇରାଣ

ନିଶ୍ଚିନ୍ତକୋଇଲି, ୭।୯(ସମିସ)



ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ପଞ୍ଚାୟତରେ ବୁଲା ଷଣ୍ଢ ମାନଙ୍କର ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ବହୁ ପଞ୍ଚାୟତରେ ସାଧାରଣ ରାସ୍ତା ଘାଟରେ ଓ ବିଭିନ୍ନ ଫସଲ କ୍ଷେତ୍ରରେ ଷଣ୍ଢମାନେ ବୁଲୁଥିବାର ଦେଖାଯାଇଛି। ବର୍ତ୍ତମାନ ଶଙ୍କରୀକରଣ ଗୋପାଳନ କରାଯାଉଥିବାରୁ ତାଙ୍କର ବାଛୁରୀକୁ ଷଣ୍ଢ କରାଯାଇ ଖୋଲାମେଲାରେ ଛାଡ଼ି ଦିଆଯାଉଛି। ଯାହାଦ୍ୱାରା ଷଣ୍ଢଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ହେବାରୁ ସେମାନଙ୍କର ଦୌରାତ୍ମ୍ୟ ଦେଖାଦେଇଛି। ପଲପଲ ଷଣ୍ଢ ଧାନ ଚାଷ କ୍ଷେତରେ ପ୍ରତ୍ୟେକ ଦିନ ଓ ରାତିରେ ପଶି ଫସଲ ଖାଇ ଚକଟି ସେଗୁଡ଼ିକୁ ନଷ୍ଟ କରିଦେଉଛନ୍ତି। ଏହାଛଡ଼ା ବହୁ ପନିପରିବା ଲାଗିଥିବା କ୍ଷେତରେ ଷଣ୍ଢ ପଲ ପଶି ମଧ୍ୟ ସେଗୁଡ଼ିକୁ ନଷ୍ଟ ଭଷ୍ଟ କରୁଥିବା ଦେଖିବାକୁ ମିଳୁଛି। ଚାଷୀମାନେ ସାର ମସଲା ଓ ମଜୁରୀ ଖର୍ଚ୍ଚ କରି ଧାନ ଫସଲ ଏବଂ ବିଭିନ୍ନ ପନିପରିବା ଫସଲରେ ବହୁ ଖର୍ଚ୍ଚାନ୍ତ ହେଉଥିବା ବେଳେ ଷଣ୍ଢମାନଙ୍କ ଦ୍ୱାରା ଫସଲ ନଷ୍ଟ ହେଉଥିବାରୁ ସେମାନେ ହଟହଟା ହେଉଛନ୍ତି। ଏହାଛଡ଼ା ବହୁ ଚାଷୀମାନେ ଫସଲକୁ ଷଣ୍ଢ ଦାଉରୁ ରକ୍ଷା କରିବା ପାଇଁ ଦିନ ରାତି କ୍ଷେତକୁ ଜଗୁଥିବାର ଦେଖିବାକୁ ମିଳିଛି। ଏହାଛଡ଼ା ବିଭିନ୍ନ ରାସ୍ତା ଘାଟରେ ଷଣ୍ଢଗୁଡ଼ିକ ପଲ ପଲ ହୋଇ ଶୋଇ ରହିଥିବାରୁ ଯାତାୟାତ ପାଇଁ ପଥଚାରୀ ମଧ୍ୟ ହଇରାଣ ହରକତ ହେଉଥିବା ଦେଖାଯାଇଛି। ବିଶେଷ କରି ଜିଗ୍ନୀପୁର, ବରାଦୋ, ଜୟରାମପୁର, ରାମକୃଷ୍ଣପୁର ସମେତ ଦ୍ୱୀପାଞ୍ଚଳର ବହୁ ପଞ୍ଚାୟତର ଚାଷୀମାନଙ୍କର ଫସଲ ନଷ୍ଟ କରୁଥିବା ବେଳେ ନଦୀରେ ହୋଇଥିବା ବିଭିନ୍ନ ପୋଲରେ ଶୋଇ ରହୁଥିବାରୁ ଲୋକମାନେ ଚଳପ୍ରଚଳ ପାଇଁ ହଇରାଣ ହରକତ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଷଣ୍ଢ ଉପଦ୍ରବକୁ ରୋକିବା ପାଇଁ ବ୍ୟବସ୍ଥା କରିବା ନିମନ୍ତେ ଚାଷୀମାନେ ଦାବି କରିଛନ୍ତି।

# ଜ୍ୟୋତିସାଇଙ୍କ ପୁସ୍ତକ 'ମୋମେଣ୍ଟମ୍' ଉନ୍ମୋଚିତ



କଟକ, ୭।୯(ସମିସ): ଜ୍ୟୋତିସାଇ କରଙ୍କ ଲିଖିତ ପୁସ୍ତକ ମୋମେଣ୍ଟମ ଉନ୍ମୋଚିତ ହୋଇଯାଇଛି। ଇଂରାଜୀରେ ଲିଖିତ ଏହି ପୁସ୍ତକ ମୋମେଣ୍ଟମ ସବୁ ବର୍ଗର ପାଠକମାନଙ୍କ ନିକଟରେ ଆଦୃତି ଲାଭ କରିବ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତ ପ୍ରକାଶ କରିଛନ୍ତି। ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ କଟକ ମେୟର ସୁବାସ ସିଂହ, ସିଏମସି କମିଶନର କିରଣଦୀପ କୌର ସହୋତା, ଶିକ୍ଷାବିତ ଦିଲ୍ଲୀପ ମହାପାତ୍ର, ପୁସ୍ତକ ପ୍ରକାଶକ ଅଶୋକ ସାହୁ, ଶିକ୍ଷାବିତ ପ୍ରଫେସର ବିଜୟାନନ୍ଦ ସିଂହ, ବସୁନ୍ଧରା ସମ୍ପାଦିକା ଶୈଳ ବେହେରା, ଶିକ୍ଷାବିତ ମିନାକ୍ଷୀ ପଣ୍ଡା ପ୍ରମୁଖ ଏହି ପୁସ୍ତକ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ଼. ନିବେଦିତା ଦାସ, ବଟକୃଷ୍ଣ ଦାସ, ପ୍ରତାପ ସାହୁ, ଆର୍ଟିଷ୍ଟ ରବୀନ୍ଦ୍ର ରଥ, ସୁଧାଂଶୁ ବାଳା ଶତପଥୀ, ଜୟଶଙ୍କର କର, ଅକ୍ଷୟ ଆଚାର୍ଯ୍ୟ, ରଘୁନାଥ ଶତପଥୀ, ବାଲୁକା ଶିଳ୍ପୀ ସିଦ୍ଧାର୍ଥ, ଅଲେଖ ରାଉତ, ଶିଶିର ନାୟକ, ଶିକ୍ଷାବିତ କବିତା କାନୁନଗୋ, ସମ୍ବିତ କୁମାର ମିଶ୍ର, ସ୍ୱଦେଶ ଦାସ, ଜନ ଆଶିଷ ବରାଳ, ପ୍ରଦୀପ ବାରିକ ପ୍ରମୁଖ ଯୋଗଦାନ କରି ପୁସ୍ତକ ସମ୍ପର୍କରେ ମତ ଦେଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫ ● ପାଉଣ୍ଡ ୧୧୯.୨୫
- ୟୁରୋ ୧୦୩.୬୮ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୯,୪୫୦ (ନୂଆଦିଲ୍ଲୀ)
- ରୁପା : ୧,୨୮,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୧୦.୦୦
- ନିଫ୍ଟି ୨୪,୭୪୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଡା. ଶକ୍ତିପ୍ରସାଦ ଦାସଙ୍କୁ ଆନ୍ତର୍ଜାତିକ ସମ୍ମାନ



ଭୁବନେଶ୍ୱର,୭।୯ (ସମିସ): ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ଓଲଟପୁରସ୍ଥିତ 'ନିରତାର'ର ପୂର୍ବତନ ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ, ବିଶ୍ୱର ସର୍ବବୃହତ୍ତ ଅସ୍ଥିଶଲ୍ୟ ସଂଘ 'ସିକଟ୍' ଦ୍ୱାରା ଶ୍ରେଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଭାବେ ସମ୍ମାନିତ ହୋଇଛନ୍ତି। ବିଶେଷକରି ଶିଶୁ ଅସ୍ଥିଶଲ୍ୟ ଚିକିତ୍ସା କ୍ଷେତ୍ରରେ ତାଙ୍କ ବିଶେଷ ଅବଦାନର ସ୍ୱୀକୃତି ସ୍ୱରୂପ ତାଙ୍କୁ ଏହି ସମ୍ମାନ ସ୍ପେନ୍‌ର ରାଜଧାନୀ ମାଦ୍ରିଦ୍ ଠାରେ ଆୟୋଜିତ ଚଳିତ ବର୍ଷର ବାର୍ଷିକ ସମ୍ମିଳନୀ ଅବସରରେ ପ୍ରଦାନ କରାଯାଇଛି। ଜନ୍ମଗତ ବିକଳାଙ୍ଗ ଥିବା ଶିଶୁମାନଙ୍କର (ଯେଉଁମାନଙ୍କର ହାତ ନ ଥାଏ) କିଭଳି ଭାବରେ ଏକ ସ୍ୱତନ୍ତ୍ର ଚିକିତ୍ସା ପଦ୍ଧତି ମାଧ୍ୟମରେ ସଫଳ ଚିକିତ୍ସା କରାଯାଇ କାର୍ଯ୍ୟକ୍ଷମ ହୋଇ ପାରୁଥିବା ଏକ ନୂତନ ପଦ୍ଧତି ଉପରେ ତାଙ୍କର ଗବେଷଣାଲବ୍ଧ ତଥ୍ୟ ସମ୍ବଳିତ ସନ୍ଦର୍ଭଟି ଉଚ୍ଚ ପ୍ରଶଂସିତ ହେବା ସହିତ ଗତ ୫ ତାରିଖରେ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ 'ସିକଟ୍'ର ସଭାପତି ଇଂଲଣ୍ଡର ଡା. ବିକାଶ ଖଣ୍ଡୁଜା ଓ ସମ୍ପାଦକ ମାର୍କ ପାଟରସନ୍ ଡା. ଦାସଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

## ଆମେରିକାରେ ଅବୈଧ ପ୍ରବାସୀଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ

# ହ୍ୟୁଣ୍ଡାଇ , ଏଲ୍‌ଜି ବ୍ୟାଟେରୀ ପ୍ଲାଣ୍ଟରେ ଚଢ଼ଉ

ୱାଶିଂଟନ୍,୭।୯ (ଏଜେନ୍ସି)

ଆମେରିକାରେ ଅବୈଧ ପ୍ରବାସୀଙ୍କ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ଏଥିରେ ଆମେରିକାର ଆପ୍ରବାସନ ଅଧିକାରୀମାନେ ଜର୍ଜିଆରେ ଏକ ହ୍ୟୁଣ୍ଡାଇ ଏବଂ ଏଲ୍‌ଜି ବ୍ୟାଟେରୀ ପ୍ଲାଣ୍ଟରେ ଚଢାଉ କରିଛନ୍ତି। ଏହି ଚଢାଉରେ କାରଖାନାରୁ ୪୭୫ରୁ ଅଧିକ ଦକ୍ଷିଣ କୋରିଆ ନାଗରିକ ଓ କର୍ମଚାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ହାତକଡି ଏବଂ ଶିକୁଳିରେ ବନ୍ଧାଯାଇଛି। ଏହି ଘଟଣାରେ ଦକ୍ଷିଣ କୋରିଆ ଏହି ଚିନ୍ତା ପ୍ରକଟ ସହ ଦୁଃଖ ପ୍ରକାଶ କରିଛି। ସିଓଲ ଆମେରିକା ସରକାରଙ୍କୁ ଏହାର ନାଗରିକଙ୍କ ଅଧିକାରକୁ ସମ୍ମାନ ଦେବାକୁ ନିବେଦନ କରିଛି। ଆମେରିକୀୟ ଅଧିକାରୀମାନେ କହିଛନ୍ତି ଯେ ଏହି ଲୋକମାନେ ବେଆଇନ ଭାବରେ କାମ କରୁଥିଲେ। ବିବିସି ରିପୋର୍ଟ ଅନୁଯାୟୀ, ଘଟଣା ପରେ ଦକ୍ଷିଣ କୋରିଆ ସରକାର ଏକ ଜରୁରୀ ବୈଠକ ଡାକିଛନ୍ତି। ଘଟଣା ପରେ ସିଓଲ ଏହାର କୂଟନୀତିଜ୍ଞଙ୍କୁ ଜର୍ଜିଆ ପଠାଇଥିବାବେଳେ ଏଲ୍‌ଜି ଏନର୍ଜି ସଲ୍ୟୁସନ ଆମେରିକାକୁ ଅଧିକାଂଶ ବ୍ୟବସାୟିକ ଯାତ୍ରାକୁ ଅସ୍ଥାୟୀ ଭାବରେ ବନ୍ଦ କରିଦେଇଛି।

ରଏଟର୍ସ ଅନୁଯାୟୀ, ଅବୈଧ ପ୍ରବାସୀଙ୍କୁ ବିଦା କରିବାର ଏହି କାର୍ଯ୍ୟରେ ହେଲିକପ୍ଟର ଏବଂ ସଶସ୍ତ୍ର ଯାନଗୁଡିକ ମଧ୍ୟ ନିୟୋଜିତ କରାଯାଇଥିଲା। ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାଏ ମ୍ୟୁଙ୍ଗ ଏ ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି ଏବଂ ସମସ୍ତ ମନ୍ତ୍ରଣାଳୟକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ସମୟରେ ବୈଦେଶିକ ମନ୍ତ୍ରୀ ଚୋ ହ୍ୟୁନ କହିଛନ୍ତି ଯେ ସରକାର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି ଏବଂ ଆବଶ୍ୟକ ହେଲେ ସେମାନେ ୱାଶିଂଟନ ଯାଇ ଆମେରିକୀୟ ଅଧିକାରୀମାନଙ୍କୁ ଭେଟିବେ।

- ୪୭୫ରୁ ଅଧିକ ଦକ୍ଷିଣ କୋରିଆ ନାଗରିକ ଓ କର୍ମଚାରୀ ଗିରଫ
- ହାତକଡି ଏବଂ ଶିକୁଳରେ ବନ୍ଧାଯାଇଛି
- ଘଟଣାରେ ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍ଗ ଚିନ୍ତା ପ୍ରକଟ




ଏହି ଗିରଫଦାରୀ ମାମଲାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଠୋର ଇମିଗ୍ରେସନ ନୀତିର ଏକ ଅଂଶ ଭାବରେ ବର୍ଣ୍ଣନା କରାଯାଉଛି। ଭିଡିଓ ଫୁଟେଜରେ ଦେଖାଯାଇଛି ଯେ ଅନେକ ଶ୍ରମିକଙ୍କୁ ହ୍ୟାଣ୍ଡକପ୍ ଏବଂ ଶିକୁଳିରେ ବସ୍‌ରେ ନିଆଯାଇଥିଲା, ସେମାନଙ୍କ ମଧ୍ୟରୁ କିଛିଙ୍କ ପୋଷାକରେ ହ୍ୟାଣ୍ଡକପ୍ ଏବଂ ଏଲ୍‌ଜି ସିଏନ୍‌ଏସ୍ ଭଳି ନାମ ମଧ୍ୟ ଲେଖାଯାଇଥିଲା। ଏହି ଚଢାଉକୁ ଆମେରିକା ଗୃହ ସୁରକ୍ଷା ବିଭାଗର ଇତିହାସରେ ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ ଭାବରେ ବର୍ଣ୍ଣନା କରାଯାଉଛି। ଏହି ଘଟଣା ବାଣିଜ୍ୟ ଚୁକ୍ତିକୁ ନେଇ ଆମେରିକା ଏବଂ ଦକ୍ଷିଣ କୋରିଆ ମଧ୍ୟରେ ପୂର୍ବରୁ ଚାଲିଥିବା ଉତ୍ତେଜନାକୁ ଆହୁରି ବୃଦ୍ଧି କରିପାରେ।

ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ଏହି କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରି କହିଛନ୍ତି ଯେ ସେମାନେ ଅବୈଧ ପ୍ରବାସୀ ଏବଂ ଆଇସିଇ (ଇମିଗ୍ରେସନ୍ ଏବଂ କଷ୍ଟମ୍ସ ଏନଫୋର୍ସମେଣ୍ଟ) ଏହାର କାମ କରିଛି। ଆଇସିଇ ଦ୍ୱାରା ଜାରି କରାଯାଇଥିବା ଭିଡିଓରେ ଅନେକ ଏସୀୟ ଶ୍ରମିକଙ୍କୁ ହ୍ୟାଣ୍ଡକପ୍ ଏବଂ ଶିକୁଳିରେ ବନ୍ଧା ହୋଇଥିବା ଦେଖାଯାଇଥିଲା। ଆମେରିକୀୟ ଏଜେନ୍ସି କହିଛି ଯେ ସ୍ୱଳ୍ପକାଳୀନ କିମ୍ବା ପର୍ଯ୍ୟଟନ ଭିସାରେ ଆସୁଥିବା ଲୋକମାନେ କାମ କରିବାକୁ ଯୋଗ୍ୟ ନୁହଁନ୍ତି ଏବଂ ଆମେରିକୀୟ ଚାକିରିକୁ ସୁରକ୍ଷା ଦେବା ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ହୋମଲ୍ୟାଣ୍ଡ ସିକ୍ୟୁରିଟି ଇନଭେଷ୍ଟିଗେସନ୍ (ଏଚ୍‌ଏସ୍‌ଆଇ) କହିଛି ଯେ ଏହି ଚଢାଉ ଏକ ସ୍ପଷ୍ଟ ବାର୍ତ୍ତା ଯେ ଯେଉଁମାନେ ବ୍ୟବସ୍ଥାର ଅପବ୍ୟବହାର କରୁଛନ୍ତି ସେମାନଙ୍କୁ ଛଡ଼ାଯିବନାହିଁ।

# ଟ୍ରମ୍ପ୍ ଟାରିଫ୍‌କୁ ନେଇ ଆମେରିକାରେ ହୋ ହଲ୍ଲା

ନୂଆଦିଲ୍ଲୀ,୭।୯ (ଏଜେନ୍ସି): ଭାରତ ଏବଂ ରୁଷ ମଧ୍ୟରେ ତୈଳ କାରବାର ଯୋଗୁଁ ଆମେରିକା ସମସ୍ୟାର ସମ୍ମୁଖୀନ ହେଉଛି। ହେଲେ ଭାରତ ଉପରେ ଏହି ଟାରିଫ୍ ଲାଗୁ ବିରୋଧରେ ଆମେରିକାରେ ମଧ୍ୟ ହୋ ହଲ୍ଲା ଆରମ୍ଭ ହୋଇଯାଇଛି। ଭାରତ ଉପରେ ଭାରୀ ଶୁଳ୍କ ଲାଗୁ କରିବା ସତ୍ତ୍ୱେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟତମ ଲୋକମାନେ ଭାରତ ବିରୁଦ୍ଧରେ ନିରନ୍ତର ନକାରାତ୍ମକ ବୟାନ ଦେଉଛନ୍ତି। ବର୍ତ୍ତମାନ ଟ୍ରମ୍ପଙ୍କ ବାଣିଜ୍ୟ ଏବଂ ଉତ୍ପାଦନ ବ୍ୟାପାର ପରାମର୍ଶଦାତା ପିଟର ନାଭାରୋ ଏବଂ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କଙ୍କ ମଧ୍ୟରେ ଭାରତକୁ ନେଇ ସମ୍ପର୍କରେ ସୋସିଆଲ ମିଡିଆରେ ବିବାଦ ଚାଲିଛି। ଏହି ଲଢ଼େଇ ଆରମ୍ଭ ହୋଇଥିଲା ଯେତେବେଳେ ମସ୍କଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଭାରତ ରୁଷରୁ ତେଲ କିଣିବା ବିଷୟରେ ଏକ ପୋଷ୍ଟ ଆସିଥିଲା, ଯାହାକୁ ନାଭାରୋ ଭୁଲ ବୋଲି କହିଥିଲେ। ନାଭାରୋଙ୍କୁ ଟ୍ରମ୍ପଙ୍କ ଗୁରୁ ମଧ୍ୟ କୁହାଯାଏ, ଯେତେବେଳେ ମସ୍କଙ୍କୁ ଥରେ ଟ୍ରମ୍ପଙ୍କ ନିକଟତର ବୋଲି ବିବେଚନା କରାଯାଉଥିଲା। ତଥାପି, ଏବେ ମସ୍କ ଏବଂ ଟ୍ରମ୍ପଙ୍କ ମଧ୍ୟରେ ଦୂରତା ବଢ଼ିଯାଇଛି।

## ପିଟର ନବାରୋ-ମସ୍କ ମୁହାଁମୁହିଁ

।ୱାଶିଂଟନ୍ ପୋଷ୍ଟରେ ଟ୍ରମ୍ପ ପ୍ରଶାସନର ଭାରତ ନୀତିରେ ଥିବା ବିରୋଧାଭାସ ଉପରେ ଆଲୋଚନା କରାଯାଇଥିବା ଏକ ଲେଖା ପ୍ରକାଶିତ ହେବା ପରେ ବିବାଦ ଆରମ୍ଭ ହୋଇଥିଲା। ସେହି ଲେଖାର ଜବାବରେ, ପିଟର ନାଭାରୋ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରିଥିଲେ ଏବଂ ରୁଷରୁ ତେଲ କିଣି ଆମେରିକୀୟ ଚାକିରିକୁ କ୍ଷତି ପହଞ୍ଚାଉଥିବା ଅଭିଯୋଗ କରିଥିଲେ। ନାଭାରୋ ଦାବି କରିଥିଲେ ଯେ ଭାରତ ଏବେ ରୁଷର ତୈଳ ବିଶୋଧନ କେନ୍ଦ୍ର ପାଲଟିଛି ଏବଂ ଏହା ଏକ ପ୍ରକାରର 'ତେଲ ମନି ଲଣ୍ଡରିଂ'। ସେ କହିଛନ୍ତି ଯେ ୟୁକ୍ରେନ ଉପରେ ଆକ୍ରମଣ ପୂର୍ବରୁ ଭାରତ ରୁଷରୁ ତେଲ କିଣୁ ନ ଥିଲା, କିନ୍ତୁ ବର୍ତ୍ତମାନ ଏହା କେବଳ ଲାଭ ପାଇଁ ଏପରି କରୁଛି। ଅପରପକ୍ଷେ 'ଏକ୍ସ' ନାଭାରୋଙ୍କ ପୋଷ୍ଟ ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି। କମ୍ପାନୀ ଦ୍ୱାରା ଜାରି ବିବୃତ୍ତିରେ କୁହାଯାଇଛି ଯେ ଭାରତ ଦ୍ୱାରା ରୁଷରୁ ତେଲ କ୍ରୟ କୌଣସି ପ୍ରତିବନ୍ଧକର ଉଲ୍ଲଂଘନ ନୁହେଁ କିମ୍ବା ଏହା କେବଳ ଲାଭ ପାଇଁ ନୁହେଁ। ଏହା ଏହାର ଶକ୍ତି ସୁରକ୍ଷା ସହିତ ଜଡିତ ଏକ ଆବଶ୍ୟକୀୟ ନିଷ୍ପତ୍ତି। 'ଏକ୍ସ'ଏହା ମଧ୍ୟ କହିଛି ଯେ ସେବା କ୍ଷେତ୍ରରେ ଭାରତ ସହିତ ଆମେରିକାର ବାଣିଜ୍ୟ ବଳକା ଅଛି ଏବଂ ଆମେରିକା ନିଜେ ମଧ୍ୟ ରୁଷରୁ କିଛି ସାମଗ୍ରୀ ଆମଦାନୀ କରେ, ଯାହାକୁ ଅଣଦେଖା କରାଯାଇପାରିବନାହିଁ।

ପିଟର ନାଭାରୋଙ୍କୁ ଟ୍ରମ୍ପଙ୍କ 'ଡାହାଣ ହାତ' ବୋଲି ବିବେଚନା କରାଯାଏ, ଯେତେବେଳେ କି ମସ୍କଙ୍କୁ ଏକ ସମୟରେ ଟ୍ରମ୍ପଙ୍କ ନିକଟତର



ବୋଲି ବିବେଚନା କରାଯାଉଥିଲା। କିନ୍ତୁ ଏବେ ଉଭୟଙ୍କ ପଥ ଅଲଗା ହୋଇଯାଇଛି। ନାଭାରୋ ଭାରତର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇ ସେ କହିଥିଲେ, ଭାରତ କେବଳ ଲାଭ ପାଇଁ ରୁଷଠାରୁ ତେଲ କିଣୁଛି। ୟୁକ୍ରେନୀୟ ଲୋକଙ୍କ ହତ୍ୟା ବନ୍ଦ ହେବା ଉଚିତ ଏବଂ ଆମେରିକୀୟ ଚାକିରି ଚୋରି ମଧ୍ୟ ବନ୍ଦ ହେବା ଉଚିତ। ଗତ ଦୁଇ ଦଶନ୍ଧିରେ ଭାରତ ଏବଂ ଆମେରିକା ମଧ୍ୟରେ ରଣନୈତିକ ଏବଂ ଆର୍ଥିକ ସହଯୋଗ ଦୃଢ଼ ରହିଛି, କିନ୍ତୁ ସାମ୍ପ୍ରତିକ ସମୟରେ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନାରେ ଏକ ଅଚଳାବସ୍ଥା ଦେଖାଦେଇଛି। ଏହି କାରଣରୁ ଭାରତ ବିଷୟରେ ଆମେରିକାରୁ କଡ଼ା ମନ୍ତବ୍ୟ ଶୁଣାଯାଉଛି। ଡୋନାଲ୍ଡ ଟ୍ରମ୍ପ୍ ପୂର୍ବରୁ ମଧ୍ୟ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ବିଷୟରେ କଥା ହୋଇଥିଲେ। ସେହି ସମୟରେ ଟ୍ରମ୍ପ୍ ଏହା ମଧ୍ୟ ଦାବି କରିଥିଲେ ଯେ ସେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନାକୁ ସମାପ୍ତ କରିଛନ୍ତି, ଯାହାକୁ ଭାରତ ପ୍ରତ୍ୟାଖ୍ୟାନ କରିଛି। ଏହା ବ୍ୟତୀତ ଭାରତ ନାଭାରୋଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି ଏବଂ ସେଗୁଡ଼ିକୁ 'ମିଥ୍ୟା ଏବଂ ଭ୍ରାମକ' ବୋଲି କହିଛି।

# ୨୩ ବର୍ଷରେ ପ୍ରଥମ ଥର ; ଆମେରିକାକୁ ଭାରତୀୟଙ୍କ ଯାତ୍ରାରେ ବଡ଼ ହ୍ରାସ

ନୂଆଦିଲ୍ଲୀ,୭।୯ (ଏଜେନ୍ସି): ଆମେରିକା ସହିତ ଉତ୍ତେଜନା ମଧ୍ୟରେ ଭାରତୀୟଙ୍କ ମନୋଭାବରେ ଏକ ବଡ଼ ପରିବର୍ତ୍ତନ ଦେଖାଯାଇଛି। ଦିନ ଥଲା ଯେତେବେଳେ ଭାରତୀୟମାନଙ୍କର ଆମେରିକା ଯିବା ଏକ ସ୍ୱପ୍ନ ଥିଲା। କିନ୍ତୁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଅବାନ୍ତର ବାଣିଜ୍ୟ

ନୀତି ସବୁକିଛି ପଥଚ୍ୟୁତ କରିଦେଇଛି। ୨୦୦୧ ପରେ ପ୍ରଥମ ଥର ପାଇଁ ଭାରତରୁ ଆମେରିକା ଯାଉଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଇଛି। କରୋନା ମହାମାରୀ ବର୍ଷଗୁଡ଼ିକୁ ଛାଡିଦେଲେ, ଆମେରିକା ଯାଉଥିବା ଭାରତୀୟଙ୍କ ସଂଖ୍ୟାରେ ଏହି ହ୍ରାସ ଏକ ବଡ଼ ସଙ୍କେତ। ଏହା ଆମେରିକାର ଦ୍ରୁତ ବୃଦ୍ଧି ପାଉଥିବା ଟ୍ରାଭେଲ୍ ବଜାରରେ ମାନ୍ଦାବସ୍ଥାର ଏକ ସଙ୍କେତ କୁହାଯାଇପାରେ। ଆମେରିକା ବାଣିଜ୍ୟ ବିଭାଗର ଜାତୀୟ ଯାତ୍ରା ଏବଂ ପର୍ଯ୍ୟଟନ କାର୍ଯ୍ୟାଳୟ (ଏନ୍‌ଟିଟିଓ) ଅନୁଯାୟୀ, ୨୦୨୫ ଜୁନରେ କେବଳ ୨.୧ ଲକ୍ଷ ଭାରତୀୟ ଆମେରିକା ଯାଇଥିଲେ। ଏହି ସଂଖ୍ୟା ୨୦୨୪ ଜୁନରେ ୨.୩ ଲକ୍ଷ ଅପେକ୍ଷା ୮% କମ୍। ପ୍ରାରମ୍ଭିକ ତଥ୍ୟ ଦର୍ଶାଉଛି ଯେ ଜୁଲାଇରେ ମଧ୍ୟ ସମାନ ଧାରା ଜାରି ରହିଥିଲା। ଏହା ବର୍ଷସାରା ୫.୫% ହ୍ରାସ ପାଇଛି। ୨୦୦୧ ପରେ ଏହା ପ୍ରଥମ ଥର ଯେତେବେଳେ କି ଭାରତୀୟ ଯାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇଛି। କରୋନା ମହାମାରୀ ବର୍ଷଗୁଡ଼ିକୁ ଏହାର ବ୍ୟତିକ୍ରମ ଭାବେ ଧରାଯାଇପାରେ। ଆନ୍ତର୍ଜାତୀୟ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇଛି।

ଏନ୍‌ଟିଟିଓ ଏହା ମଧ୍ୟ କହିଛି ଯେ ଜୁନ୍ ମାସରେ ଆନ୍ତର୍ଜାତୀୟ ଯାତ୍ରୀଙ୍କ ସଂଖ୍ୟା ମୋଟ ୬.୨% ହ୍ରାସ ପାଇଛି। ଏଥିରେ ମେ' ମାସରେ ୭%, ମାର୍ଚ୍ଚରେ ୮% ଏବଂ ଫେବୃଆରୀରେ ୧.୯% ହ୍ରାସ ପାଇଛି। କେବଳ ଜାନୁଆରୀ ଏବଂ ଏପ୍ରିଲରେ ଏହା ସାମାନ୍ୟ ବୃଦ୍ଧି ହୋଇଥିଲା। ଆମେରିକା ଆସୁଥିବା ଆନ୍ତର୍ଜାତୀୟ ଯାତ୍ରୀଙ୍କ ସଂଖ୍ୟାରେ ଭାରତ ଚତୁର୍ଥ ସ୍ଥାନରେ ରହିଛି। କାନାଡା ପ୍ରଥମ ସ୍ଥାନରେ, ମେକ୍ସିକୋ ଦ୍ୱିତୀୟରେ ଏବଂ ବ୍ରିଟେନ ତୃତୀୟରେ ଅଛି। ଅଣ-ସୀମାବର୍ତ୍ତୀ ଦେଶମାନଙ୍କ ମଧ୍ୟରେ ଭାରତ ଦ୍ୱିତୀୟ ସ୍ଥାନରେ। ବ୍ରିଟେନ ପ୍ରଥମ ସ୍ଥାନରେ ଏବଂ ବ୍ରାଜିଲ ତୃତୀୟରେ ଅଛି। ଜୁନ୍ ମାସରେ ଏହି ୫ଟି ଦେଶରୁ ଆମେରିକା ଆସୁଥିବା ଯାତ୍ରୀଙ୍କ ସଂଖ୍ୟା ପ୍ରାୟ ୬୦% ଥିଲା। ଆମେରିକା ପରିଦର୍ଶନ କରୁଥିବା ଭାରତୀୟମାନେ

## ଆମେରିକାର ଯାଦୁ ଶେଷ!




ସାଧାରଣତଃ ଛାତ୍ର, ବୃତ୍ତିଗତ ଏବଂ ପରିବାରକୁ ଭେଟିବାକୁ ଯାଉଥିବା ଲୋକ। ସେମାନେ ବିଶେଷକରି ଭ୍ରମଣ ପାଇଁ ଯାଆନ୍ତିନାହିଁ। ଅଧିକାରୀମାନେ କହିଛନ୍ତି ଯେ ଚଳିତବର୍ଷ ଛାତ୍ରଙ୍କ ସଂଖ୍ୟା ସବୁଠାରୁ ଅଧିକ ହ୍ରାସ ପାଇଛି। ଯଦି ଭିସା ପାଇବାରେ ସମସ୍ୟା ଜାରି ରୁହେ, ତେବେ ବ୍ୟବସାୟ ପାଇଁ ଏବଂ ପରିବାରକୁ ଭେଟିବା ପାଇଁ ଯାଉଥିବା ଲୋକଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇପାରେ। ଆମେରିକାରେ ୫୦ ଲକ୍ଷରୁ ଅଧିକ ଭାରତୀୟଙ୍କ ଏକ ଦୃଢ଼ ସମ୍ପ୍ରଦାୟ ଅଛି। ଏହି କାରଣରୁ ସେଠାରେ ଲୋକଙ୍କର ନିରନ୍ତର ଗତିବିଧି ଚାଲିଛି। କିନ୍ତୁ, ଚଳିତ ବର୍ଷ ଜୁନ୍ ମାସରେ ଭାରତରୁ ଆସୁଥିବା ଲୋକଙ୍କ ସଂଖ୍ୟାରେ ବୃଦ୍ଧିର ୨୩ ବର୍ଷ ଧରି ଚାଲିଥିବା ଧାରା ଭାଙ୍ଗିଯାଇଛି।

ଆମେରିକା ବଦଳରେ ୟୁଏଇ, ସାଉଦି ଆରବ, ଥାଇଲ୍ୟାଣ୍ଡ, ସିଙ୍ଗାପୁର ଅଧିକ ପସନ୍ଦ

୨୦୨୫ ଏପ୍ରିଲ ଭାରତୀୟ ପର୍ଯ୍ୟଟକଙ୍କ ପାଇଁ ବିଦେଶ ଯାତ୍ରା ପାଇଁ ଏକ ଭଲ ମାସ ଥିଲା। ଏହି ସମୟ ମଧ୍ୟରେ ୨୯ ଲକ୍ଷ ଲୋକ ବିଦେଶ ଯାଇଥିଲେ। ଅଧିକାଂଶ ଲୋକ ୟୁଏଇ, ସାଉଦି ଆରବ, ଥାଇଲ୍ୟାଣ୍ଡ, ସିଙ୍ଗାପୁର ଏବଂ ତା'ପରେ ଆମେରିକା ଯାଇଥିଲେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନୋଭାବ ଯୋଗୁଁ ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଖରାପ ହୋଇଛି। ତାଙ୍କର ସମଗ୍ର ପ୍ରଶାସନ ଭାରତକୁ ଟାର୍ଗେଟ କରିଛି। ଏହା ଭାରତୀୟମାନଙ୍କୁ ଆମେରିକା ପ୍ରତି ମୋହ ଭଙ୍ଗ କରିଛି। ପର୍ଯ୍ୟଟନ ଯେକୌଣସି ଦେଶର ଅର୍ଥନୀତି ପାଇଁ

## ଚଳିତବର୍ଷ ଭାରତୀୟ ଛାତ୍ରଙ୍କ ଆମେରିକା ଗସ୍ତରେ ବଡ଼ ହ୍ରାସ

ଗୁରୁତ୍ୱପୂର୍ଣ୍ଣ। ଭାରତ ମଧ୍ୟ ଏଥିରୁ ଅସ୍ପୃଶ୍ୟ ନୁହେଁ। ନୀତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତଙ୍କ ସାମ୍ପ୍ରତିକ ଚେତାବନୀରୁ ଏହା ବୁଝାଯାଇପାରେ। ସେ କହିଥିଲେ ଯେ ଭାରତକୁ ଏହାର ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଉଚିତ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ୫୦% ଶୁଳ୍କ ଲଗାଇବା ପରେ କାନ୍ତ ଏହି ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ ପର୍ଯ୍ୟଟନ ଏପରି ଶୁଳ୍କ ଦ୍ୱାରା ପ୍ରଭାବିତ ହୁଏ ନାହିଁ। ଏହା ଭାରତର ରପ୍ତାନି ଆୟରେ ସବୁଠାରୁ ବଡ଼ ଉତ୍ସ ହୋଇପାରେ। କାନ୍ତ ଗୁରୁତ୍ୱାରୋପ କରିଥିଲେ ଯେ ଭାରତରେ ପ୍ରାକୃତିକ ସୌନ୍ଦର୍ଯ୍ୟ, ଇତିହାସ ଏବଂ ସଂସ୍କୃତି ଥିବା ସତ୍ତ୍ୱେ, ବିଶ୍ୱ ପର୍ଯ୍ୟଟକଙ୍କ ଆଗମନର କେବଳ ୧.୫% ରହିଛି। ତେଣୁ, ପର୍ଯ୍ୟଟନକୁ ପ୍ରୋତ୍ସାହିତ କରାଯିବା ଉଚିତ।

## ଟ୍ରମ୍ପ୍ ଟାରିଫ୍ ମାଡ଼; ଏଥର ଆଇଟିର ପାଳି

# ଭାରତୀୟ କମ୍ପାନୀଙ୍କଠାରୁ କାମ ଛଡ଼ାଇନେବ ଆମେରିକା

ନୂଆଦିଲ୍ଲୀ,୭।୯ (ଏଜେନ୍ସି):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ୫୦% ଶୁଳ୍କ ଲଗାଇବା ପରେ ତାହାକୁ ନେଇ ଦେଶର ଅଧିକାଂଶ କ୍ଷେତ୍ରରେ ଦେଖିବାକୁ ମିଳିଛି। ଟ୍ରମ୍ପ୍ ପ୍ରଶାସନର ଟାରିଫ୍ ମାଡ଼ରେ ଏବେ ଭାରତୀୟ ଆଇଟି ଶିଳ୍ପର ପାଳି ପଡିବା ଆଶଙ୍କା କରାଯାଉଛି। କାରଣ ଭାରତୀୟ




କମ୍ପାନୀଙ୍କଠାରୁ କାମ ଛଡାଇନେବ ଆମେରିକା। ଆମେରିକୀୟ ଆଇଟି କମ୍ପାନୀଗୁଡ଼ିକୁ ଭାରତ ଭଳି ଦେଶଗୁଡ଼ିକୁ କାମ ଆଉଟସୋର୍ସିଂ କରିବା ବନ୍ଦ କରିବାକୁ ବିଚାର କରୁଛନ୍ତି। ଆମେରିକୀୟ କର୍ମୀ ଏବଂ ଟ୍ରମ୍ପ୍‌ଙ୍କ ନିକଟତର ସମର୍ଥକ ଲୌରା ଲୁମର ଏହି ଦାବି କରିଛନ୍ତି।

ଏକ ସୋସିଆଲ ମିଡିଆ ପୋଷ୍ଟରେ ଲୁମର ଲେଖିଛନ୍ତି ଯେ ଏହାର ଅର୍ଥ ହେଉଛି ଯେ ଏବେ ଆପଣଙ୍କୁ ଇଂରାଜୀ ପାଇଁ ୨ ଦବାଇବା ଆବଶ୍ୟକ ନାହିଁ। କଲ୍ ସେଣ୍ଟରଗୁଡ଼ିକୁ ପୁଣି ଥରେ ଆମେରିକୀୟ କରାଯାଉ। ଲୁମରଙ୍କ ଇସାରା ଭାରତର କଲ୍ ସେଣ୍ଟରଗୁଡ଼ିକୁ ଥଇଲା, ଯେଉଁଠାରୁ ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ଗ୍ରାହକ ସହାୟତା ଶସ୍ତାରେ ଯୋଗାଇ ଦିଆଯାଏ। ସେ 'ମେକ୍ କଲ୍ ସେଣ୍ଟର ଆମେରିକାନ୍ ଏଗେନ୍' ସ୍ଲୋଗାନ ଦେଇଥିଲେ, ଅର୍ଥାତ୍ ସେ କଲ୍ ସେଣ୍ଟରଗୁଡ଼ିକୁ ଆମେରିକାକୁ ଫେରାଇ ଆଣିବା ବିଷୟରେ କହିଛନ୍ତି। ଗୁଗୁଲ୍ ଏବଂ ଆମାଜନ ସମେତ ଅନେକ ଆମେରିକୀୟ କମ୍ପାନୀ ଭାରତରୁ ଆଉଟସୋର୍ସିଂ ମାଇକ୍ରୋସଫ୍ଟ, ଗୁଗୁଲ୍, ଆମାଜନ, ଆଇବିଏମ୍, ସିସ୍କୋ ଏବଂ ଓରାକେଲ୍ ଭଳି ଅନେକ ବଡ଼ ଆମେରିକୀୟ ଟେକ୍ କମ୍ପାନୀ ଭାରତରେ ସେମାନଙ୍କର ଉପସ୍ଥିତି ଜାହିର କରିଛନ୍ତି। ଏହି କମ୍ପାନୀଗୁଡ଼ିକ ଭାରତରେ ସେମାନଙ୍କର ବିକାଶ କେନ୍ଦ୍ର, ଗବେଷଣା କେନ୍ଦ୍ର ଏବଂ କଲ୍ ସେଣ୍ଟର ପରିଚାଳନା କରନ୍ତି।

ସମ୍ପ୍ରତି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରାମର୍ଶଦାତାମାନେ ବିଦେଶୀ ଆଉଟସୋର୍ସିଂ ଏବଂ ଉପାନ୍ତ ଅଞ୍ଚଳର କର୍ମଚାରୀମାନଙ୍କ ଉପରେ ଶୁଳ୍କ ଲାଗୁ କରିବା କଥା କରିଛନ୍ତି। ଏହା ଭାରତର ୨୮୩ ବିଲିୟନ ଡଲାରର ଆଇଟି ଶିଳ୍ପକୁ ପ୍ରଭାବିତ କରିପାରେ, କାରଣ ଏହି ଶିଳ୍ପ ଆମେରିକା ଉପରେ ବହୁତ ନିର୍ଭରଶୀଳ। ଏହା ଭାରତୀୟ ବୃତ୍ତିଗତମାନଙ୍କ ପାଇଁ ଚାକିରି ହ୍ରାସ କରିପାରେ। ଟ୍ରମ୍ପ୍ ସମ୍ପ୍ରତି କହିଥିଲେ ଯେ ସେ ଭାରତ ସହିତ ସମ୍ପର୍କ ପୁଣି ଥରେ ଆରମ୍ଭ କରିବାକୁ ପ୍ରସ୍ତୁତ। ପୂର୍ବରୁ, ଶୁକ୍ରବାର ଭାରତ ବିରୁଦ୍ଧରେ ତାଙ୍କ ବୟାନ ଉପରେ ପ୍ରାୟ ୧୨ ଘଣ୍ଟା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପଛକୁ ହଟିଗଲେ। ହ୍ୱାଇଟ୍ ହାଉସରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏକ ପ୍ରଶ୍ନର ଉତ୍ତର ରଖି କହିଥିଲେ ଯେ, 'ମୁଁ ସର୍ବଦା ମୋଦିଙ୍କ ବନ୍ଧୁ ରହିବି। ମୁଁ ଭାରତ ସହିତ ସମ୍ପର୍କ ପୁନଃସ୍ଥାପନ କରିବାକୁ ସର୍ବଦା ପ୍ରସ୍ତୁତ। ଏହା ପୂର୍ବରୁ ଶୁକ୍ରବାର ସକାଳ ୬ଟାରେ ସେ ସୋସିଆଲ ମିଡିଆ ଟ୍ରୁଥ୍‌ରେ ଲେଖିଥିଲେ, ଏପରି ମନେ ହେଉଛି ଯେ ଆମେ ଭାରତ ଏବଂ ରୁଷକୁ ଚୀନ୍ ହାତରେ ହରାଇଛୁ। ଆଶା କରୁଛି ସେମାନଙ୍କର ଭବିଷ୍ୟତ ଭଲ ହେବ।

**ଭାରତରୁ ଆଉଟସୋର୍ସିଂର ୩ଟି ମୁଖ୍ୟ କାରଣ**
- ଭାରତରେ ଶ୍ରମ ମୂଲ୍ୟ ଆମେରିକା ତୁଳନାରେ ବହୁତ କମ୍, ଯାହା ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ବେଶ ଲାଭଦାୟକ।
- ଭାରତରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଇଞ୍ଜିନିୟର ଏବଂ ବୈଷୟିକ ବୃତ୍ତିଗତ ସ୍ନାତକ ହୁଅନ୍ତି, ଯେଉଁମାନେ ଦକ୍ଷ ଏବଂ ଭଲ ସେବା ପ୍ରଦାନ କରନ୍ତି।
- ଭାରତରେ ଟିସିଏସ୍, ଇନ୍‌ଫୋସିସ୍ ଏବଂ ୱିପ୍ରୋ ଭଳି କମ୍ପାନୀଗୁଡ଼ିକ ବିଶ୍ୱ ସ୍ତରରେ ପ୍ରତିଷ୍ଠିତ ଏବଂ ନିର୍ଭରଯୋଗ୍ୟ ସେବା ପ୍ରଦାନ କରନ୍ତି।

## ବର୍ଷ ଶେଷ ସୁଦ୍ଧା ବଡ଼ ବାଣିଜ୍ୟ ଚୁକ୍ତି

# ସ୍ୱାକ୍ଷର ହେବ ଭାରତ-ଇୟୁ ଏଫ୍‌ଟିଏ

ନୂଆଦିଲ୍ଲୀ,୭।୯ (ଏଜେନ୍ସି)

ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ଖୁବ୍ ଶୀଘ୍ର ଏକ ବଡ଼ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବାକୁ ଯାଉଛନ୍ତି। ଏଥିପାଇଁ ଉଭୟ ପକ୍ଷ ଆସନ୍ତା ଗୋଟିଏ ମାସରେ ଦୁଇଥର ପରସ୍ପର ସହ ସାକ୍ଷାତ ଆଲୋଚନା କରିବେ। ସେମାନେ ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ମଧ୍ୟ ବୈଠକ କରିବେ। ଏହି ସମୟରେ ଉଭୟ ପକ୍ଷ କିଛି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ। ସୂଚନାନୁଯାୟୀ, ଆମେରିକା ଏବଂ ଚୀନ୍ ଏହି ବାଣିଜ୍ୟ ଚୁକ୍ତି ଉପରେ ନଜର ରଖିଛନ୍ତି। ଆମେରିକା ମଧ୍ୟ ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରୁଛି। କିନ୍ତୁ, ଦୁଇ ଦେଶ ମଧ୍ୟରେ ବଢୁଥିବା ଉତ୍ତେଜନା ଯୋଗୁଁ ଏଥିରେ ବାଧା ସୃଷ୍ଟି ହୋଇଛି। ଭାରତ ଏବଂ ୟୁରୋପୀୟ ସଂଘ ଚଳିତ ବର୍ଷ ଶେଷ ସୁଦ୍ଧା ବାଣିଜ୍ୟ ଚୁକ୍ତି କାର୍ଯ୍ୟକାରୀ କରିବାକୁ ଚାହାଁନ୍ତି।

ଭାରତ ଏବଂ ୟୁରୋପୀୟ ସଂଘ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ସ୍ୱାକ୍ଷର କରିବାକୁ ଚାହାଁନ୍ତି। ଏହା ଉଭୟଙ୍କ ମଧ୍ୟରେ ବାଣିଜ୍ୟକୁ ସହଜ କରିବ। ଆଲୋଚନାରେ କିଛି ବିଷୟ ଉପରେ ଏ ପର୍ଯ୍ୟନ୍ତ ସହମତି ହୋଇନାହିଁ। ଯେପରିକି ସାମଗ୍ରୀ କେଉଁଠାରେ ତିଆରି ହୁଏ, ବଜାର ପ୍ରବେଶ ଏବଂ ମଦ ଏବଂ ଦୁଗ୍ଧ ଉତ୍ପାଦ ଉପରେ ଟିକସ। ୟୁରୋପୀୟ ସଂଘର ଦୁଇ ଶୀର୍ଷ ଅଧିକାରୀ ଚଳିତ ସପ୍ତାହରେ ଭାରତ ଆସୁଛନ୍ତି। ସେମାନେ ଭାରତୀୟ ଅଧିକାରୀଙ୍କ ସହ କଥାବାର୍ତ୍ତା କରିବେ। ଉଭୟ ପକ୍ଷ ଚାହାଁନ୍ତି ଯେ ଚଳିତବର୍ଷ ଶେଷ ସୁଦ୍ଧା ଏଫ୍‌ଟିଏ ସ୍ୱାକ୍ଷରିତ ହେଉ।

ସୂଚନାଯୋଗ୍ୟ ଯେ, ଇୟୁ ହେଉଛି ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର। ଗତ ଆର୍ଥିକବର୍ଷରେ, ଉଭୟଙ୍କ ମଧ୍ୟରେ ୧୩୫ ବିଲିୟନ ଡଲାରର ବାଣିଜ୍ୟ କାରବାର ହୋଇଥିଲା। ଭାରତ ଏବଂ ଇୟୁ କେବଳ ବାଣିଜ୍ୟ କ୍ଷେତ୍ରରେ ନୁହେଁ ବରଂ ଅନ୍ୟାନ୍ୟ ଅନେକ ବିଷୟରେ ମଧ୍ୟ ଏକାଠି କାମ କରୁଛନ୍ତି। ସେମାନେ ରାଜନୈତିକ ଏବଂ ପ୍ରତିରକ୍ଷା ସମ୍ପର୍କକୁ ମଧ୍ୟ ମଜବୁତ କରିବାକୁ ଚାହାଁନ୍ତି। ଏହା କରାଯାଉଛି କାରଣ ବର୍ତ୍ତମାନ ବିଶ୍ୱରେ ଅନେକ ସମସ୍ୟା ଚାଲିଛି। ଇୟୁ ସେପ୍ଟେମ୍ବର ୧୭ ରେ ଭାରତ ସହିତ ସମ୍ପର୍କରେ ଏକ ନୂତନ ଯୋଜନା ପ୍ରକାଶ କରିବ। ଆଶା କରାଯାଉଛି ଯେ ଏହି ଯୋଜନା ଭାରତ-ଇୟୁ ଶିଖର ସମ୍ମିଳନୀରେ କୁହାଯିବ। ଆଗାମୀ ତିନି ମାସ ମଧ୍ୟରେ ଉଭୟ ପକ୍ଷ ମଧ୍ୟରେ ଅନେକ ବୈଠକ ହେବ। ଇୟୁର ରାଜନୈତିକ ଏବଂ ସୁରକ୍ଷା କମିଟି ମଧ୍ୟ ଭାରତ ଆସିବ। ଏଥିରେ ଇୟୁର ୨୭ ସଦସ୍ୟ ଦେଶର ପ୍ରତିନିଧି ସାମିଲ ହେବେ।



ଚୀନ୍-ଆମେରିକା ରଖିଛନ୍ତି ନଜର

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୯୩୪: ନ୍ୟୁୟର୍କ ଉପକୂଳରେ ଯାତ୍ରୀବାହୀ ଜଳ ଜାହାଜରେ ଅଗ୍ନିକାଣ୍ଡ ଘଟି ୧୩୭ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା।
- ୧୯୫୧: ବିଶ୍ୱର ୪୮ ଟି ରାଷ୍ଟ୍ର ଜାପାନ ସହ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଥିଲେ।
- ୧୯୯୧: ମାସିଡୋନିଆ ସ୍ୱାଧୀନ ହୋଇଥିଲା।
- ୨୦୦୬: ମହାରାଷ୍ଟ୍ରର ମାଲେଗାଁଓରେ ହୋଇଥିବା ବିସ୍ଫୋରଣରେ ୪୫ ମୃତ, ୧୨୫ରୁ ଅଧିକ ଆହତ।

## ଆନ୍ତର୍ଜାତିକ ସାକ୍ଷରତା ଦିବସ



ରାଷ୍ଟ୍ର ତଥା ସମାଜର ବିକାଶ ପାଇଁ ସାକ୍ଷରତା ଅପରିହାର୍ଯ୍ୟ। ସାକ୍ଷରତା ବିନା ଗୋଟିଏ ସମାଜ ଅନୁନ୍ନତ ହୋଇ ରହେ ଏବଂ ଜନ ସହଯୋଗ ଓ ଭାଗିଦାରୀ ବିନା ଏହା ବିକାଶ ପଥରେ ଅଗ୍ରସର ହୋଇପାରେ ନାହିଁ। ଯେଉଁ ଦେଶର ସାକ୍ଷରତା ହାର ଯେତେ ଅଧିକ ତାହା ସେତେ ବିକଶିତ। ସାକ୍ଷରତା କେବଳ ପଢ଼ିବା ଓ ଲେଖିବା ମଧ୍ୟରେ ସୀମିତ ରହି ନ ଥାଏ। ଏହା ଲୋକମାନଙ୍କୁ ନିଜ ଅଧିକାର ପ୍ରତି ସଚେତନ କରିଥାଏ। ଗରିବୀ ଦୂର କରିବା, ଶିଶୁ ମୃତ୍ୟୁହାର କମାଇବା, ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା, ଲିଙ୍ଗଗତ ପ୍ରଭେଦକୁ ଦୂର କରିବା ପାଇଁ ଜଣେ ସାକ୍ଷର ହେବାର ଆବଶ୍ୟକତା ରହିଛି। କେବଳ ଉନ୍ନତ ଶିକ୍ଷା ମାଧ୍ୟମରେ ହିଁ ଏଭଳି ସମସ୍ୟାକୁ ଦୂର କରାଯାଇପାରିବ। ଏକ ସୁସ୍ଥ ସମାଜ ଗଠନରେ ସାକ୍ଷରତାର କିଭଳି ଆବଶ୍ୟକତା ରହିଛି ସେସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ନିମନ୍ତେ ପ୍ରତିବର୍ଷ ସେପ୍ଟେମ୍ବର ୮ ତାରିଖରେ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୁଏ। ସାକ୍ଷରତାର ମହତ୍ତ୍ୱ ପ୍ରତିପାଦନ କରିବା ସହ ବ୍ୟକ୍ତିଗତ, ସାମୁଦାୟିକ ତଥା ସାମାଜିକ ସ୍ତରରେ ସାକ୍ଷରତା ହାର ବଢ଼ାଇବା ନିମିତ୍ତ ସଚେତନତା ସୃଷ୍ଟି କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ସାରା ବିଶ୍ୱରେ ନିରକ୍ଷରତା ହଟାଇବା ପାଇଁ ଏହି ଦିବସ ପାଳନ କରାଯାଉଥିବାବେଳେ ଏହାର ସୂତ୍ରପାତ ଇରାନରୁ ହୋଇଥିଲା। ୧୯୬୫ ମସିହା ସେପ୍ଟେମ୍ବର ୮ ରୁ ୧୯ ତାରିଖ ଏହି ଦିବସ ପ୍ରଥମେ ଇରାନ୍‌ର ରାଜଧାନୀ ତେହେରାନ୍‌ରେ ପାଳିତ ହୋଇଥିଲା। ସେତେବେଳେ ଏହା ଅନ୍ତର୍ଜାତୀୟ ମାନ୍ୟତା ପାଇ ନଥିଲା। ଇରାନ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନେକ ରାଷ୍ଟ୍ରର ଶିକ୍ଷାମନ୍ତ୍ରୀମାନେ ଅଂଶଗ୍ରହଣ କରିଥିଲେ। ୨୬ ଅକ୍ଟୋବର ୧୯୬୬ ମସିହାରେ ୟୁନେସ୍କୋ ଦ୍ୱାରା ଏହାର ୧୪ତମ ଅଧିବେଶନରେ ୮ ସେପ୍ଟେମ୍ବରକୁ ଅନ୍ତଃରାଷ୍ଟ୍ରୀୟ ସାକ୍ଷରତା ଦିବସ ରୂପେ ପାଳିବାକୁ ଏକ ଘୋଷଣାନାମା ଗୃହୀତ ହୋଇଥିଲା। ପ୍ରଥମ ଥର ପାଇଁ ଏହା ୧୯୬୭ ମସିହାରେ ପାଳିତ ହେଲା। ବିଶ୍ୱରୁ ନିରକ୍ଷରତା ଦୂର କରିବା ଏହାର ପ୍ରାଥମିକ ଲକ୍ଷ୍ୟ। ରାଷ୍ଟ୍ର ବା ସମାଜର ବିକାଶ ପାଇଁ ସାକ୍ଷରତା ଅପରିହାର୍ଯ୍ୟ। ସାକ୍ଷରତା ବିନା ଜଣେ ନାଗରିକ ହିସାବରେ ବିକାଶ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଅସମ୍ଭବ। ପଢ଼ିବା ଓ ଲେଖିବା ପାଇଁ ଅସମର୍ଥ ହେଲେ ଶିକ୍ଷା ବାଧାପ୍ରାପ୍ତ ହୁଏ ଓ ଆମ ବ୍ୟକ୍ତିତ୍ୱର ବିକାଶ ମଧ୍ୟ କଷ୍ଟକର ପାଲଟିଥାଏ। ତେଣୁ ସାକ୍ଷରତାର ପ୍ରୟୋଜନ ପ୍ରତି ଜନସଚେତନତା ସୃଷ୍ଟି କରିବା ଆନ୍ତର୍ଜାତିକ ସାକ୍ଷରତା ଦିବସର ପ୍ରମୁଖ ଉଦ୍ଦେଶ୍ୟ। ସାକ୍ଷରତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଥିବା ସଂସ୍ଥାଗୁଡ଼ିକୁ ୟୁନେସ୍କୋ ପକ୍ଷରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ସମ୍ମାନିତ କରାଯାଏ।



## ଇଟାଲୀରେ 'ଲଭ୍ ଆଣ୍ଡ ୱାର୍'ର କ୍ଲାଇମାକ୍ସ

ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲୀଙ୍କ ଫିଲ୍ମ 'ଲଭ ଆଣ୍ଡ ୱାର୍'ର ରିଲିଜ୍‌କୁ ଦର୍ଶକେ ଏବେ ଚାହିଁ ବସିଛନ୍ତି। ଏଥିରେ ରଣବୀର କପୁର, ଭିକି କୌଶଲ ଓ ଆଲିଆ ଭଟ୍ଟ ଲିଡ୍ ରୋଲରେ ନଜର ଆସିବେ। ଗତବର୍ଷ ନଭେମ୍ବରରୁ ଫିଲ୍ମର ସୁଟିଂ ଆରମ୍ଭ ହୋଇ ଯାଇଛି। ସୁଟିଂ ସେଟ୍‌ରୁ ଫଟୋ ଓ ଭିଡିଓ ମଧ୍ୟ ଅନେକ ସମୟରେ ଭାଇରାଲ ହେଉଛି। ଇତିମଧ୍ୟରେ ୧୨୫ ଦିନର ସୁଟିଂ ସରି ଯାଇଛି। ମୁମ୍ବାଇରେ ଏକ ବିଶାଳ ସେଟ୍‌ରେ ଏବେ ଏହାର ସୁଟିଂ ଚାଲିଛି। ଅକ୍ଟୋବର ଅଧାଅଧି ପର୍ଯ୍ୟନ୍ତ ଏଠାରେ ସୁଟିଂ ଚାଲିବ। ଏହାପରେ ସଞ୍ଜୟ ସୁଟିଂ ପାଇଁ ଇଟାଲୀ ଯିବେ। ଫିଲ୍ମର କ୍ଲାଇମାକ୍ସ ସିନ୍‌ର ସୁଟିଂ ସେ ସିସ୍‌ଲିରେ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତେବେ କ୍ଲାଇମାକ୍ସ ସିନ୍‌ରେ ଫିଲ୍ମକୁ ପୂରାପୂରି ଏକ ନୂଆ ମୋଡ଼ ଦେବା ପାଇଁ ସେ ଯୋଜନା କରିଥିବା ଜଣାପଡ଼ିଛି। ଏହି ସମୟରେ ସେ ରଣବୀର, ଭିକି ଓ ଆଲିଆଙ୍କୁ ନେଇ ଏଠାରେ ଗୋଟିଏ ଗୀତର ମଧ୍ୟ ସୁଟିଂ କରିବେ। ପାଖାପାଖି ମାସେ ଧରି ସଞ୍ଜୟ ଏଠାରେ ରହିବେ। ଆସନ୍ତା ଡିସେମ୍ବର କିମ୍ବା ଜାନୁୟାରୀ ସୁଦ୍ଧା ସେ ଏହାର ସୁଟିଂ ସାରିବା ଯୋଜନା କରିଛନ୍ତି। ସଞ୍ଜୟ ଫିଲ୍ମର ସୁଟିଂ ସହ ଏଡିଟିଂ କାମ ମଧ୍ୟ କରୁଛନ୍ତି। ଏହା ମାର୍ଚ୍ଚ ୨୦, ୨୦୨୬ରେ ରିଲିଜ୍ ହେବ।


## କାନ୍ଦିବା ପାଇଁ ଲୋକେ ଗଣୁଛନ୍ତି ଟଙ୍କା



ସାରା ଦୁନିଆରେ ବିଭିନ୍ନ ପ୍ରକାର କ୍ଲବ୍ ଥିବାବେଳେ ସେଥିରୁ ଅନ୍ୟତମ କ୍ରାଏ କ୍ଲବ୍। ମୁମ୍ବାଇର ବିଭିନ୍ନ ସ୍ଥାନରେ ଏବେ ଏହା ଖୋଲାଯାଇଛି। ଫଳରେ ଲୋକେ ଏଠାରେ ମନ ଖୋଲି କାନ୍ଦିବାର ସୁଯୋଗ ପାଇପାରୁଛନ୍ତି। ଏଠାକୁ ଲୋକେ ଆସି କାନ୍ଦି ନିଜର ମନ ହାଲୁକା କରିପାରୁଛନ୍ତି। ବୈଜ୍ଞାନିକ ଦୃଷ୍ଟିକୋଣରୁ ଜଣେ କାନ୍ଦିବା ପରେ ମନରେ ଚାପି ହୋଇ ରହିଥିବା ଦୁଃଖ ଲାଘବ ହୋଇଥାଏ। ମୁମ୍ବାଇର କ୍ରାଏ କ୍ଲବ୍ ଏହି ବିଚାରଧାରା ଉପରେ ପର୍ଯ୍ୟବେସିତ। ସେହିପରି ଏହି କ୍ଲବ୍‌ରେ ଲୋକେ ଏକ ନିର୍ଦ୍ଦିଷ୍ଟ ମାତ୍ରାର ଫି' ଦେଇ କାନ୍ଦିବା ସେସନ୍‌ରେ ସାମିଲ ହୁଅନ୍ତି। କାନ୍ଦିବା ଦୁର୍ବଳତାକୁ ଦର୍ଶାଏ ନାହିଁ, ବରଂ ମଣିଷର ମାନସିକସ୍ଥିତିକୁ ଠିକ୍ ରଖିବା ନିମନ୍ତେ ଏହା ଏକ ନିବେଶ। ଯେମିତି ଲୋକେ ଜିମ୍‌ରେ ଝାଳ ବୁହାଇ ଶରୀରର ବିଷାକ୍ତ ତତ୍ତ୍ୱଗୁଡ଼ିକୁ ବାହାର କରିଥାନ୍ତି ସେହିପରି ଲୁହ ଜରିଆରେ ମଣିଷର ଭାବନାତ୍ମକ ବୋଝ ହାଲୁକା ହୁଏ ବୋଲି ଏହି କ୍ଲବ୍ ପକ୍ଷରୁ କୁହାଯାଇଛି। ଭାରତ ପାଇଁ ଯଦିଓ ଏହି ପରିକଳ୍ପନା ନୂଆ, ହେଲେ ଏହାର ଆରମ୍ଭ ଜାପାନରୁ ହୋଇଥିଲା। ୨୦୧୩ ମସିହାରେ ହିଦେଫୁମି ୟୋଶିଦା ଏବଂ ହିରୋକି ତେରାଇ ଏହାକୁ ପ୍ରଥମେ ଆରମ୍ଭ କରିଥିଲେ। ସେମାନଙ୍କର କହିବାନୁସାରେ, ଅନେକ ଲୋକ ଅବସାଦ, ଏକାକୀତ୍ୱ ଦେଇ ଗତି କରୁଛନ୍ତି। ଯଦି ସେମାନଙ୍କୁ ଏକ ସେଭଳି ମାହୋଲ ଦିଆଯାଏ, ସେମାନେ ଅପରିଚିତ ଲୋକଙ୍କ ଗହଣରେ ମନଖୋଲି କାନ୍ଦିପାରିବେ। ଏହାଦ୍ୱାରା ସେମାନଙ୍କର ମାନସିକ ସ୍ଥିତି ଭଲ ରହିବା ସହ ସେମାନେ ମନରେ ବୋଝ ନେଇ ବଞ୍ଚିବେ ନାହିଁ। ଏବେ ଏହି ଟ୍ରେଣ୍ଡ ଟୋକିଓରେ ସୀମିତ ନ ରହି, ବେଙ୍ଗାଲୁରୁ, ପୁଣେ, ମୁମ୍ବାଇରେ ପହଞ୍ଚିଲାଣି। ଆମ ସମାଜରେ କାନ୍ଦିବାକୁ ମଣିଷର ଦୁର୍ବଳତା ଭାବେ ଦେଖାଯାଏ। ସେହିଭଳି ଲୋକେ ଅଜଣା ଲୋକଙ୍କ ସମ୍ମୁଖରେ କାନ୍ଦିବାକୁ ପସନ୍ଦ କରନ୍ତି। କାରଣ ଅଜଣା ଲୋକ ସମ୍ମୁଖରେ କାନ୍ଦିବା ଦ୍ୱାରା ମାନ ସମ୍ମାନ ହ୍ରାସ ହେବା ଆଶଙ୍କା ନ ଥାଏ। ୨୦୧୯ ର ଏକ ଅଧ୍ୟୟନରୁ ଜଣାପଡ଼ିଥିଲା, ଯେଉଁମାନେ ଭାବପ୍ରବଣ ହୋଇ କାନ୍ଦନ୍ତି, ସେମାନଙ୍କର ମାନସିକ ସ୍ଥିତି ଠିକ୍ ରହିଥାଏ।

## ଦ୍ୱିତୀବାହନ ଓଷା

ଆଶ୍ୱିନ କୃଷ୍ଣ ଅଷ୍ଟମୀକୁ 'ମୂଳାଷ୍ଟମୀ' କୁହାଯାଏ। ଏହିଦିନ 'ଦ୍ୱିତୀବାହନ' ଓଷା ପାଳନ କରାଯାଏ। ତେବେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହା ଭିନ୍ନ ଭିନ୍ନ ନାମରେ ପରିଚିତ। ଏହା 'ଦୁତିଆ ଓଷା', 'ପୁଅ ଜିଉଁତିଆ ଓଷା', 'ଦୂତିବାମନ ଓଷା' ଆଦି ନାମରେ ମଧ୍ୟ ଜଣା। ଓଡ଼ିଶାର ପଶ୍ଚିମାଞ୍ଚଳରେ ଏହା 'ପୁଅ ଜିଉଁତିଆ' ନାମରେ ମୁଖ୍ୟ ଓଷା ଭାବେ ପାଳନ କରାଯାଏ। ଏଥିରେ ଦ୍ୱିତୀବାହନଙ୍କୁ ପୂଜା କରାଯାଏ। ପୁତ୍ରଲାଭ ଓ ସନ୍ତାନଙ୍କ ମଙ୍ଗଳ କାମନା ପାଇଁ ମହିଳାମାନେ ଏହି ଓଷା କରିଥାନ୍ତି। ଦ୍ୱିତୀବାହନଙ୍କୁ ପୂଜା କଲେ ଅପୁତ୍ରିକ ପୁତ୍ରଲାଭ କରୁଥିବା ବିଶ୍ୱାସ ଅଛି। ବିଧବା ବ୍ରାହ୍ମଣୀଙ୍କ ଗର୍ଭରୁ ଜନ୍ମିତ ସୂର୍ଯ୍ୟଦେବଙ୍କ ପୁତ୍ର ହେଉଛନ୍ତି ଦ୍ୱିତୀବାହନ। ସୂର୍ଯ୍ୟଦେବ ଆଶୀର୍ବାଦରେ ଦ୍ୱିତୀବାହନଙ୍କ ଜନ୍ମଦିନରେ ଏହି ଓଷା ପାଳନ କରାଯାଏ। ଏହିଦିନ ମହିଳାମାନେ ଉପବାସରେ ରହନ୍ତି। ଓଷା ପରଦିନ ସବୁ ପରିବା ମିଶାଇ ଘାଣ୍ଟ ତରକାରି ପ୍ରସ୍ତୁତ କରାଯାଏ। ଏହାକୁ ବନ୍ଧୁବାନ୍ଧବଙ୍କ ମଧ୍ୟରେ ବଣ୍ଟନ କରାଯିବାର ପ୍ରଥା ଅଛି। ଚଳିତବର୍ଷ ଏହି ଓଷା ସେପ୍ଟେମ୍ବର ୧୪ ତାରିଖରେ ପଡୁଛି।



## ଆସ୍ଥା

## ପିତୃପକ୍ଷରେ ଦାନର ମହତ୍ତ୍ୱ

**ଆରମ୍ଭ ହୋଇଛି ପିତୃପକ୍ଷ। ପ୍ରତିବର୍ଷ ଭାଦ୍ରବ ପୂର୍ଣ୍ଣିମାରୁ ଆଶ୍ୱିନ କୃଷ୍ଣ ଅମାବାସ୍ୟା ବା ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଅବଧିକୁ 'ପିତୃପକ୍ଷ' ବା ଅପରପକ୍ଷ କୁହାଯାଏ। ଏହି ୧୬ ଦିନ ସମ୍ପୂର୍ଣ୍ଣ ପିତୃପୁରୁଷଙ୍କୁ ସମର୍ପିତ। ଲୋକ ବିଶ୍ୱାସ ଅନୁଯାୟୀ, ଏହି ସମୟରେ ପୂର୍ବପୁରୁଷଗଣ ପିତୃଲୋକ ତ୍ୟାଗ କରି ନିଜ ନିଜର ଉତ୍ତର ପୁରୁଷଙ୍କ ଘରେ ଅବସ୍ଥାନ କରିଥାନ୍ତି। ଏହିପକ୍ଷରେ ପିତୃପୁରୁଷଙ୍କୁ ତର୍ପଣ ଓ ପିଣ୍ଡଦାନ କରାଯାଏ। ତେବେ ପିତୃପକ୍ଷରେ ଦାନ-ପୁଣ୍ୟର ବିଶେଷ ମହତ୍ତ୍ୱ ଅଛି।**



- ପିତୃପକ୍ଷରେ ରୁପା ଜିନିଷ ଦାନ କରିବା ଅତ୍ୟନ୍ତ ଶୁଭ। କୁହାଯାଏ, ରୁପା ଦାନ କରିବା ଦ୍ୱାରା ପିତୃପୁରୁଷଙ୍କ ଆତ୍ମାକୁ ଶାନ୍ତି ମିଳେ ଏବଂ ସେମାନଙ୍କ ଆଶୀର୍ବାଦ ମିଳିଥାଏ।
- ଚାଉଳ, ରାଶି ଦାନ କରିବା ଦ୍ୱାରା ଜୀବନର ସମସ୍ୟା ଦୂର ହୋଇଥାଏ।
- ପିତୃପକ୍ଷରେ ଭୂମି ଦାନକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି। ଏହା ଦ୍ୱାରା ପାପ ଓ ପିତୃଦୋଷରୁ ମୁକ୍ତି ମିଳେ।
- ପିତୃପକ୍ଷରେ ଗୁଡ଼ ଦାନ ମଧ୍ୟ ଲାଭକାରୀ। ଗୁଡ଼ ଦାନ ଦ୍ୱାରା ପରିବାରରେ ସୁଖ, ସମୃଦ୍ଧି ବୃଦ୍ଧି ପାଏ।
- ପିତୃପକ୍ଷରେ ଗୋ ଦାନ ଦ୍ୱାରା କାର୍ଯ୍ୟରେ ବିଘ୍ନ ଦୂର ହୁଏ।

## ରାଶି ଅନୁସାରେ କେଶ ବିନ୍ୟାସ

**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମହିଳାମାନେ ରାଶି ଅନୁସାରେ କେଶ ବିନ୍ୟାସ କରିବା ଦ୍ୱାରା ଏହା କେବଳ ଭାଗ୍ୟରେ ଉନ୍ନତି ଆଣି ନ ଥାଏ। ଏଥିରୁ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଏ। ତେବେ କେଉଁ ରାଶି କେଉଁ ପ୍ରକାର ହେୟାର ଷ୍ଟାଇଲ ଆପଣାଇବା ଦରକାର, ସେ ସମ୍ପର୍କରେ ଜାଣିବା।**

**ମେଷ:** ଏହି ରାଶିର ମହିଳା ସ୍ୱଭାବରେ ଉତ୍ସାହୀ ହୋଇଥାନ୍ତି। ଷ୍ଟେପ୍-କଟ୍ ହେୟାର୍ ଷ୍ଟାଇଲ୍ ସେମାନଙ୍କ ଲାଗି ଉତ୍ତମ। ଏହା ଶକ୍ତି ବଜାୟ ରଖେ।

**ବୃଷ:** ଏହି ରାଶିର ମହିଳା ପରିଶ୍ରମୀ ହୋଇଥାନ୍ତି। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ରାଶିଧାରୀ ମହିଳାଙ୍କ ପାଇଁ ବବ୍-କଟ୍ ହେୟାର ଷ୍ଟାଇଲ ଉତ୍ତମ।

**ମିଥୁନ:** ମିଥୁନ ରାଶି ମହିଳାମାନେ ବୁଦ୍ଧିମାନ ହୋଇଥାନ୍ତି। ସେମାନେ ସବୁବେଳେ କିଛି ନା କିଛି ନୂଆ ଶିଖିବାକୁ ଚାହାନ୍ତି। ତେବେ ଏହି ରାଶି ମହିଳାଙ୍କୁ ନିଜ ପସନ୍ଦର ଯେକୌଣସି ହେୟାର୍-ଷ୍ଟାଇଲ ଭଲ ମାନିଥାଏ।

**କର୍କଟ:** ଏହି ରାଶିର ମହିଳା ଭାବୁକ ଏବଂ ନମ୍ର ହୋଇଥାନ୍ତି। ସ୍ୱଭାବରେ ଚୁଲବୁଲି ହୋଇଥାନ୍ତି। ୟୁ ସେପ୍ କଟ୍ ଏଭଳି ମହିଳାଙ୍କୁ ଭଲ ଲାଗେ।

**ସିଂହ:** ଏହି ରାଶିର ମହିଳା ଶକ୍ତିବାନ, ପରିଶ୍ରମୀ ଓ କ୍ରୋଧୀ ହୋଇଥାନ୍ତି। ଚ୍ୟାଲେଞ୍ଜ ଯୁକ୍ତ କାମ କରିବାକୁ ସେମାନେ ଭଲପାଆନ୍ତି। ତେବେ ସେମାନଙ୍କୁ ଲେୟାର୍ କଟ୍ ହେୟାର୍ ଷ୍ଟାଇଲ ଭଲ ଲାଗେ।

**କନ୍ୟା:** ପ୍ରତ୍ୟେକ କାମରେ କନ୍ୟା ରାଶି ମହିଳାଙ୍କୁ ପରଫେକସନ ପସନ୍ଦ। ଆତ୍ମବିଶ୍ୱାସର ଅଭାବ ଏହି ରାଶି ମହିଳାଙ୍କଠାରେ ନ ଥାଏ। ସେମାନଙ୍କୁ ସର୍ଟ ହେୟାର ଷ୍ଟାଇଲ ଭଲ ଲାଗେ।

**ତୁଳା:** ବୁଝିବିଚାରି କାମ ତୁଳା ରାଶିର ମହିଳାମାନେ କରନ୍ତି। ମୁଖ୍ୟତଃ ସେମାନେ ଠିକ୍ ନିଷ୍ପତ୍ତି ନେଇଥାନ୍ତି। କର୍ଲି ହେୟାର୍ ଷ୍ଟାଇଲ କରିବା ଭଲ।

**ବିଛା:** ଏହି ରାଶି ମହିଳାଙ୍କୁ ଲମ୍ବା କେଶ ରଖିବା ଉଚିତ। କର୍ଲି ଷ୍ଟାଇଲ ବିନ୍ୟାସ ଉପରେ ଗୁରୁତ୍ୱ ଦେଲେ ସୁନ୍ଦର ଲାଗିବେ।

**ଧନୁ:** ଏଭଳି ମହିଳା ସ୍ୱଭାବରେ ଭାବୁକ ହୋଇଥନ୍ତି। ଷ୍ଟ୍ରେଟ୍ ହେୟାର୍ ଷ୍ଟାଇଲ ଏଭଳି ମହିଳାଙ୍କ ଲାଗି ଉତ୍ତମ।

**ମକର:** ନିଜ ନିୟମରେ ଜୀବନ ଜିଇଁବାକୁ ମକର ରାଶି ମହିଳାମାନେ ପସନ୍ଦ କରନ୍ତି। ଲମ୍ବା କେଶ ରଖିବାରେ ସେମାନେ ଅଧିକ ଆକର୍ଷଣୀୟ ଲାଗନ୍ତି।

**କୁମ୍ଭ:** ଏହି ରାଶି ମହିଳା ସ୍ପଷ୍ଟବାଦୀ ହୋଇଥାନ୍ତି। ଠିକ୍ ନିର୍ଣ୍ଣୟ ନିଅନ୍ତି। କେଶ ବାନ୍ଧି ରଖିବା ଏହି ରାଶି ମହିଳାଙ୍କ ଲାଗି ଉତ୍ତମ। ଏହା ଦ୍ୱାରା ସେମାନଙ୍କ ବ୍ୟକ୍ତିତ୍ୱ ଅଧିକ ଆକର୍ଷଣୀୟ ଲାଗେ।

**ମୀନ:** ମୀନ ରାଶି ମହିଳା ମଲଟିଟାସ୍କିଂ ହୋଇଥାନ୍ତି। ତା'ସହ ପରିଶ୍ରମୀ ମଧ୍ୟ। ସେମାନଙ୍କୁ ପିରାମିଡ ହେୟାର୍ ଷ୍ଟାଇଲ ଭଲ ମାନେ।



## ରୋଷେଇ ଘରେ ଖୋଲା ଡଷ୍ଟବିନ୍ ରଖୁଥିଲେ...

**ରୋଷେଇ ଘରେ ଅନେକ ଲୋକ ଡଷ୍ଟବିନ୍ ରଖିଥାନ୍ତି। ରୋଷେଇ ଘରେ ଖୋଲା ଡଷ୍ଟବିନ୍ ରଖିବା ଘର ଉପରେ କିଭଳି ପ୍ରଭାବ ପକାଏ, ସେ ସମ୍ପର୍କରେ ଜାଣିବା।**

- ବାସ୍ତୁ ଶାସ୍ତ୍ର ଅନୁସାରେ, ରୋଷେଇ ଘରେ ଖୋଲା ଡଷ୍ଟବିନ୍ ରଖିଲେ ନକାରାତ୍ମକତା ପୂରା ପରିବେଶରେ ବ୍ୟାପିଥାଏ। ଆବର୍ଜନାର ଗନ୍ଧ ଚାରିଆଡ଼େ ବ୍ୟାପିବା ଦ୍ୱାରା ପରିବାର ସଦସ୍ୟଙ୍କ ମନୋଦଶା ଉପରେ ଏହା ପ୍ରଭାବ ପକାଏ।
- ରୋଷେଇ ଘରେ ଡଷ୍ଟବିନ୍‌କୁ ଖୋଲା ରଖିବା ଦ୍ୱାରା ଖାଦ୍ୟ ଶୀଘ୍ର ଦୂଷିତ ହୋଇଥାଏ। ଏହା ଦ୍ୱାରା ଫୁଡ୍ ପଏଜନିଂ, ଆଲର୍ଜି ଏବଂ ପେଟ ଜନିତ ସମସ୍ୟା ଦେଖା ଦିଏ। ପରିବାରକୁ ସୁସ୍ଥ ରଖିବାକୁ ଚାହୁଁଥିଲେ, ଡଷ୍ଟବିନ୍‌କୁ ସବୁବେଳେ ବନ୍ଦ ରଖିବା ଭଲ।
- କଥାରେ ଅଛି, ଘରେ ଦୁର୍ଗନ୍ଧ ଓ ଅପରିଷ୍କାର ରହିଲେ ଲକ୍ଷ୍ମୀ ବାସ କରନ୍ତି ନାହିଁ। ବାସ୍ତୁ ଶାସ୍ତ୍ରରେ, ସଫାସୁତୁରା ଘରକୁ ସମୃଦ୍ଧି ସହିତ ଯୋଡ଼ା ଯାଇଛି। ସେହିପରି ଡଷ୍ଟବିନ୍ ଖୋଲା ରହିଲେ ଖର୍ଚ୍ଚ ବଢ଼େ। ଏହାସହ ବିନା କାରଣରେ ଅର୍ଥାଭାବ ଦେଖାଦିଏ।



### ଏସିଆ କପ୍ ପୁରୁଷ ହକି

# ଚାମ୍ପିଅନ ସହ ଭାରତକୁ ବିଶ୍ୱକପ୍ ଯୋଗ୍ୟତା



ରାଜଗିର,୭।୯ (ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆକୁ ହରାଇ ଭାରତ ଏସିଆ କପ୍ ପୁରୁଷ ହକି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସ୍ଥାନୀୟ ବିହାର ୟୁନିଭର୍ସିଟି ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଭାରତ ଖେଳକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖି ୪ର୍ଥ ଟାଇଟଲ ଜିତିବାରେ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ଦିଲପ୍ରୀତ ସିଂହ ୨ଟି, ସୁଖଜିତ ସିଂହ, ପେନାଲ୍ଟି କର୍ଣ୍ଣରରୁ ଅମିତ ରୋହିଦାସ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଜୁଗରାଜ ସିଂହ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୋଲ ଦେବାରେ ବିଫଳ ହୋଇଥିଲେ। କୋରିଆ ପକ୍ଷରୁ ସୋନ ଦାଏନ୍ ଗୋଲ ଶୁଝାଇଥିଲେ। ଫାଇନାଲକୁ ଭାରତ ୪-୧ ଗୋଲରେ ଜିତିଥିଲା।ଏହି ବିଜୟ ଫଳରେ ଆସନ୍ତାବର୍ଷ

**▶ ଭାରତର ଦିଲପ୍ରୀତ୍ ଫାଇନାଲର ଓ ଅଭିଷେକ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ**

**▶ ଫାଇନାଲ୍‌ରେ ଓଡ଼ିଆ ଖେଳାଳି ଅମିତ ରୋହିଦାସ୍‌ଙ୍କ ଗୋଲ**

ବେଲଜିୟମ ଓ ନେଦରଲାଣ୍ଡସରେ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍‌ରେ ଭାଗନେବାକୁ ଭାରତ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଫାଇନାଲ ପୂର୍ବରୁ ଖେଳାଯାଇଥିବା କ୍ଲାସିଫିକେସନ ମ୍ୟାଚ୍‌ରେ ମାଲେସିଆ ୪-୧ ଗୋଲରେ ଚୀନ୍‌କୁ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି। ଫାଇନାଲରେ ଡବଲ ଗୋଲ ସ୍କୋର କରିଥିବା ଭାରତର ଫରୱାର୍ଡ ଖେଳାଳି ଦିଲପ୍ରୀତ ସିଂହଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଦକ୍ଷିଣ କୋରିଆ ବିପକ୍ଷ ଫାଇନାଲ ମୁକାବିଲା ଆରମ୍ଭ ହେବାମାତ୍ରେ ଭାରତ ଆକ୍ରମଣ ରଚନା କରିଥିଲେ। ଏହା ଫଳ ଦଳକୁ ପ୍ରଥମ ମିନିଟ୍‌ରେ ହିଁ ମିଳିଥିଲା। ବାମପଟୁ ଆକ୍ରମଣ ହୋଇଥିଲାବେଳେ ଡି ଭିତରେ ପାଇଥିବା ସୁଯୋଗକୁ ସୁଖଜିତ ସିଂହ ଗୋଲ ସ୍କୋର କରି ଭାରତକୁ ୧-୦ ଅଗ୍ରଣୀ କରାଇଥିଲେ। ଏହା ପରେ ଦଳ ପ୍ରଭାବ ବିସ୍ତାର କରି ଖେଳିଥିଲା। ଖେଳର ୯ମ ମିନିଟ୍‌ରେ ବିପଜ୍ଜନକ ଖେଳଲାଗି ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଜୁଗରାଜ ସିଂହ ମାରିଥିବା ଏହି ସଟ୍‌କୁ ଦକ୍ଷିଣ କୋରିଆ ଗୋଲରକ୍ଷକ ଦାଏହାନ୍ ଜାଙ୍ଗ୍ ଡାହାଣପଟେ ଅଟକାଇ ଦଳକୁ ଏକ ନିଶ୍ଚିତ ଗୋଲରୁ ରକ୍ଷା କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଲଢ଼େଇ ଜୋରଦାର ହୋଇଥିଲା। ଏଥିରେ ଉଭୟ ଦଳ ପରସ୍ପର ଉପରେ ଆକ୍ରମଣର ମାତ୍ରା ବୃଦ୍ଧି କରିଥିଲେ। କିନ୍ତୁ ରକ୍ଷଣଭାଗ ଖେଳାଳିଙ୍କ ଦୃଢ଼ତା ଯୋଗୁଁ କେହି କାହାରି ଉପରେ ଗୋଲ ସ୍କୋର କରିପାରି ନ ଥିଲେ। ଖେଳର ୨୮ତମ ମିନିଟ୍‌ରେ ବାମପଟୁ ସଞ୍ଜୟଙ୍କ ପାସ ଦିଲ୍‌ପ୍ରୀତଙ୍କ ନିକଟରେ ପହଞ୍ଚିଥିଲା। କୋରିଆ ରକ୍ଷଣଭାଗ ଖେଳାଳିଙ୍କ ଅସାବଧନତା ଯୋଗୁଁ ଦିଲପ୍ରୀତ୍ ଏହି ସୁଯୋଗରୁ ଫାଇଦା ଉଠାଇ ଭାରତ ଲାଗି ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ଭାରତ ୨-୦ ଆଗୁଆ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭ ହେବାମାତ୍ରେ କୋରିଆ ଘନ ଘନ ଆକ୍ରମଣ କରିଥିଲେ ମଧ୍ୟ ଭାରତୀୟ ରକ୍ଷଣଭାଗକୁ ଅତିକ୍ରମ କରିବାରେ ସମର୍ଥ ହୋଇ ନ ଥିଲା। ଜବାବରେ ଭାରତର ପ୍ରତ୍ୟାକ୍ରମଣକୁ ମଧ୍ୟ କୋରିଆର ରକ୍ଷଣଭାଗ ପ୍ରତିହତ କରିଥିଲେ। ୪୦ତମ ମିନିଟ୍‌ରେ କୋରିଆର କ୍ରମାଗତ ପେନାଲ୍ଟି କର୍ଣ୍ଣରକୁ ପ୍ରତିହତ କରିଥିଲେ ଭାରତୀୟ ଖେଳାଳି। ତୃତୀୟ କ୍ୱାର୍ଟରର ଶେଷ ମିନିଟ୍‌ରେ ଦିଲପ୍ରୀତ୍ ପାଇଥିବା ସୁଯୋଗକୁ ସଦ୍‌ବ୍ୟବହାର କରି ଦଳ ଲାଗି ତୃତୀୟ ତଥା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଚତୁର୍ଥ କ୍ୱାର୍ଟରରେ ଓଡ଼ିଆ ଖେଳାଳି ଅମିତ ରୋହିଦାସ ଭାରତ ଲାଗି ଚତୁର୍ଥ ତଥା ପେନାଲ୍ଟି କର୍ଣ୍ଣରରୁ ପ୍ରଥମ ଗୋଲ ଦେଇଥିଲେ। କିନ୍ତୁ ଏହାର ପରମୁହୂର୍ତ୍ତରେ ସୋନ ଦାଏନ ଗୋଲ ଶୁଝାଇଦେଇଥିଲେ।

**ଏସିଆ କପ୍ ୧୯୮୨ରୁ ୨୦୨୫**

| ବର୍ଷ | ଚାମ୍ପିଅନ | ରନର୍ସଅପ୍ |
|---|---|---|
| ୧୯୮୨ | ପାକିସ୍ତାନ | ଭାରତ |
| ୧୯୮୫ | ପାକିସ୍ତାନ | ଭାରତ |
| ୧୯୮୯ | ପାକିସ୍ତାନ | ଭାରତ |
| ୧୯୯୪ | ଦ.କୋରିଆ | ଭାରତ |
| ୧୯୯୯ | ଦ.କୋରିଆ | ପାକିସ୍ତାନ |
| ୨୦୦୩ | ଭାରତ | ପାକିସ୍ତାନ |
| ୨୦୦୭ | ଭାରତ | ଦ.କୋରିଆ |
| ୨୦୦୯ | ଦ.କୋରିଆ | ପାକିସ୍ତାନ |
| ୨୦୧୩ | ଦ.କୋରିଆ | ଭାରତ |
| ୨୦୧୭ | ଭାରତ | ମାଲେସିଆ |
| ୨୦୨୨ | ଦ.କୋରିଆ | ମାଲେସିଆ |
| ୨୦୨୫ | ଭାରତ | ଦ.କୋରିଆ |

● ବିସିସିଆଇର ରେକର୍ଡ ରୋଜଗାର

## ୫ବର୍ଷରେ ଆୟ ୧୪୬୨୭ କୋଟି

ମୁମ୍ବଇ, ୭।୯ (ଏଜେନ୍ସି): ବିଶ୍ୱର ସବୁଠୁ ବିତ୍ତଶାଳୀ କ୍ରିକେଟ୍ ବୋର୍ଡ ବିସିସିଆଇ ରେକର୍ଡ ଆୟ ରେକର୍ଡସ୍ତରରେ ପହଞ୍ଚିଛି। ବିସିସିଆଇ ଗତ ୫ ବର୍ଷରେ ୧୪ ହଜାର ୬୨୭ କୋଟି ଟଙ୍କା ଆୟ କରିଛି। ସେଥିମଧ୍ୟରୁ ଗତ ଆର୍ଥିକ ବର୍ଷ (୨୦୨୪-୨୫)ରେ ୪ ହଜାର ୧୯୩ କୋଟି ଟଙ୍କା ରୋଜଗାର କରିଛି ବିସିସିଆଇ। ରାଜ୍ୟ ସଂଘଗୁଡ଼ିକୁ ଦିଆଯାଇଥିବା ଏକ ରିପୋର୍ଟ ଅନୁଯାୟୀ, ୧୨ ମାସ ପୂର୍ବେ ବୋର୍ଡର ମୋଟ୍ ବ୍ୟାଙ୍କ ବାଲାନ୍ସ ୨୦ ହଜାର ୬୮୬ କୋଟି ଟଙ୍କା ରହିଥିବା ଜଣାପଡ଼ିଛି। ରାଜ୍ୟ ୟୁନିଟ୍‌ଗୁଡ଼ିକୁ ସମସ୍ତ ପ୍ରାପ୍ୟ ପ୍ରଦାନ କରିବା ପରେ ମଧ୍ୟ ପାଣ୍ଠିରେ ଏକ ବଡ଼ ବୃଦ୍ଧି ଘଟିଛି। ୨୦୨୪ ବିସିସିଆଇ ଏଜିଏମରେ ଉପସ୍ଥାପିତ କରାଯାଇଥିବା ହିସାବ ଅନୁଯାୟୀ, ୨୦୧୯ ପରଠାରୁ ବିସିସିଆଇର ନଗଦ ଓ ବ୍ୟାଙ୍କ ଜମା ୬,୦୫୯ କୋଟିରୁ ବୃଦ୍ଧି ପାଇ ୨୦,୬୮୬ କୋଟିରେ ପହଞ୍ଚିଛି। ଅର୍ଥାତ୍ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବିସିସିଆଇ ୫ ବର୍ଷରେ ୧୪ ହଜାର ୬୨୭ କୋଟି ଟଙ୍କା ଆୟ କରିଛି। ଏହା ବ୍ୟତୀତ ୨୦୧୯ ପରଠାରୁ ସାଧାରଣ ପାଣ୍ଠି ମଧ୍ୟ ୩୯୦୬ କୋଟିରୁ ବୃଦ୍ଧି ପାଇ ୭୯୮୮ କୋଟିରେ ପହଞ୍ଚିଛି। ଅର୍ଥାତ୍ ଏଥିରେ ୪ ହଜାର ୮୨ କୋଟି ଟଙ୍କା ବୃଦ୍ଧି ହୋଇଛି। ସେହିଭଳି ଟିକସ ପ୍ରଦାନକୁ ନେଇ ବିଭିନ୍ନ ଟ୍ରିବ୍ୟୁନାଲରେ ମାମଲା ଜାରି ରହିଥିବାବେଳେ ବିସିସିଆଇ ୩ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଏଥିଲାଗି ସଂରକ୍ଷିତ ରଖିଥିବା ଜଣାପଡ଼ିଛି।

● ୧୪୮ ବର୍ଷର ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ପ୍ରଥମ

## ପ୍ରଥମ ଦୁଇ ବଲ୍‌ରେ ଓପନର୍ ଆଉଟ୍

ଓଣ୍ଟାରିଓ, ୭।୯ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍‌ର ୧୪୮ ବର୍ଷ ଇତିହାସରେ ପ୍ରଥମଥର ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ମ୍ୟାଚର ପ୍ରଥମ ଦୁଇଟି ବଲ୍‌ରେ ଉଭୟ ଓପନର୍ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। କାନାଡା ଓ ସ୍କଟଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଆଇସିସି କ୍ରିକେଟ୍ ବିଶ୍ୱକପ୍ ଲିଗ୍-୨ର ଏକ ମ୍ୟାଚରେ ଏହି ଅଲୋଡ଼ା କୀର୍ତ୍ତିମାନ ସୃଷ୍ଟି ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ସ୍କଟଲାଣ୍ଡ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ କାନାଡା ପାଇଁ ଦୁଇ ଓପନର୍ ଅଲି ନଦୀମ ଓ ଯୁବରାଜ ଶର୍ମା ଇନିଂସ ଆରମ୍ଭ କରିଥିଲେ। ଇନିଂସର ପ୍ରଥମ ଓଭର ବୋଲିଂ କରିଥିବା ବ୍ରାଡ୍ କୁରୀଙ୍କ ପ୍ରଥମ ବଲ୍‌କୁ ଖେଳିବାକୁ ଯାଇ ନଦୀମ ସ୍ଲିପରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ପରବର୍ତ୍ତୀ ବ୍ୟାଟର୍ ପରଗତ୍ ସିଂହ ଷ୍ଟ୍ରାଇକ କରିଥିଲେ। ସେ ଦ୍ୱିତୀୟ ବଲକୁ ଷ୍ଟ୍ରେଟ୍ ଡ୍ରାଇଭ୍ ମାରିଥିଲେ। କିନ୍ତୁ ବଲ୍ ବୋଲରଙ୍କ ହାତ ବାଜି ନନ୍ ଷ୍ଟ୍ରାଇକ ପାଶ୍ୱର୍ ଷ୍ଟମ୍ପରେ ବାଜିଥିଲା। ଏହି ସମୟରେ ନନ୍‌ଷ୍ଟ୍ରାଇକରେ ଥିବା ଅନ୍ୟତମ ଓପନର୍ ଯୁବରାଜ କ୍ରିଜ ବାହାରେ ଥିବାରୁ ଦୁର୍ଭାଗ୍ୟଜନ ଭାବେ ରନଆଉଟ୍ ହୋଇଥିଲେ। ଫଳରେ ଅନ୍ତର୍ଜାତୀୟ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ପ୍ରଥମଥର ଏହା ଘଟିଛି।

### ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ

ଭୁବନେଶ୍ୱର, ୭।୯ (ସମିସ): ଜାମସେଦପୁରରେ ଶେଷ ହୋଇଥିବା ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଓଡ଼ିଶାର ଖେଳାଳିମାନେ ଦମ୍‌ଦାର ପ୍ରଦର୍ଶନ କରି ୪ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ରହିଛି। ପୁରୁଷ ଡବଲ୍ସରେ ଅବିନାଶ ମହାନ୍ତି ଓ ଆୟୁଷ ପଟ୍ଟନାୟକ ଯୋଡ଼ି ଚାମ୍ପିଅନ





ହୋଇଥିଲେ। ସେହିଭଳି ୧୯ ବର୍ଷରୁ କମ୍ ଜୁନିଅର ବର୍ଗର ପୁରୁଷ ସିଙ୍ଗଲ୍ସରେ ମୟଙ୍କ ଭରଦ୍ୱାଜ ମଧ୍ୟ ଫାଇନାଲରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରାଜ୍ୟ ପାଇଁ ତୃତୀୟ ସ୍ୱର୍ଣ୍ଣପଦକ ଜୁନିୟର ମିକ୍ସଡ ଡବଲ୍ସ ଇଭେଣ୍ଟରୁ ଆସିଥିଲା। ସ୍ୱିଟିପ୍ରିୟା ପ୍ରଧାନ ଓ ଜୟେଶ ଅଗରୱାଲ ଯୋଡ଼ି ଏଥିରେ ଚାମ୍ପିଅନ ହୋଇଥିଲେ। ସେହିଭଳି ଏକମାତ୍ର ରୌପ୍ୟ ପଦକ ତନ୍ୱୀ ପତ୍ରି ଜିତିଥିଲେ। ସେ ଜୁନିଅରବର୍ଗର ବାଳିକା ସିଙ୍ଗଲ୍ସରେ ଫାଇନାଲରେ ହାରିଯାଇଥିଲେ। ଉଲ୍ଲେଖଯୋଗ୍ୟ, କିଟ୍‌ରେ ଅଧ୍ୟୟନ କରୁଥିବା ଅବିନାଶ ଓ ତାଙ୍କ ପାର୍ଟନର ଆୟୁଷ ଗତ ମାସରେ ଘାନା ଇଣ୍ଟରନ୍ୟାସନାଲରେ ରୌପ୍ୟ ବିଜୟୀ ହୋଇ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିଲେ।

## ବିଶ୍ୱ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଭାରତକୁ ୨ ପଦକ

ଗ୍ୱାଙ୍ଗଝୁ, ୭।୯ (ଏଜେନ୍ସି): କୋରିଆରେ ଚାଲିଥିବା ବିଶ୍ୱ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଭାରତ ରବିବାର ଦୁଇଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ରହିଛି। ଋଷଭ ଯାଦବ, ଅମନ ସାଇନି ଓ ପ୍ରଥମେଶ ଫୁଗେଙ୍କୁ ନେଇ ଗଠିତ ଭାରତୀୟ ଦଳ କମ୍ପାଉଣ୍ଡ ପୁରୁଷ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛି। କମ୍ପାଉଣ୍ଡ ପୁରୁଷ ଟିମ୍ ଇଭେଣ୍ଟ ଫାଇନାଲରେ ଭାରତ ୨୩୫-୨୩୩ ସ୍କୋରରେ ଶକ୍ତିଶାଳୀ ଫ୍ରାନ୍ସକୁ ପରାସ୍ତ କରିଥିଲା। ଏହି ଇଭେଣ୍ଟରେ ଭାରତର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ ଥିଲା। ସେହିଭଳି କମ୍ପାଉଣ୍ଡ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଜ୍ୟୋତି ସୁରେଖା ଓ ଋଷଭଙ୍କୁ ନେଇ ଗଠିତ ଭାରତୀୟ ମିକ୍ସଡ ଟିମ୍ ଦଳ ଫାଇନାଲରେ ୧୫୫-୧୫୭ ସ୍କୋରରେ ନେଦରଲାଣ୍ଡସ ଯୋଡ଼ିଠାରୁ ହାରିଯାଇଥିଲା।

**ଦୁଲୀପ ଟ୍ରଫି କ୍ରିକେଟ**

# କେନ୍ଦ୍ରାଞ୍ଚଳ-ଦକ୍ଷିଣାଞ୍ଚଳ ଫାଇନାଲ

ବେଙ୍ଗାଲୁରୁ, ୭।୯ (ଏଜେନ୍ସି): କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଚଳିତବର୍ଷର ଦୁଲୀପ୍ ଟ୍ରଫି ଫାଇନାଲ ମୁକାବିଲା ହେବ। ଏଠାରେ ରବିବାର ଶେଷ ହୋଇଥିବା ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ହାରଜିତ୍ ବିନା ଫଇସଲାରେ ଶେଷ ହୋଇଛି। ଫଳରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ



ପଶ୍ଚିମାଞ୍ଚଳକୁ ପଛରେ ପକାଇ କେନ୍ଦ୍ରାଞ୍ଚଳ ଓ ଉତ୍ତରାଞ୍ଚଳକୁ ଅତିକ୍ରମ କରି ଦକ୍ଷିଣାଞ୍ଚଳ ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲ ମ୍ୟାଚ୍ ଏଠାରେ ସେପ୍ଟେମ୍ବର ୧୧ରୁ ୧୫ ଯାଏ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସିଠାରେ ଖେଳାଯିବ। ଏହି ମୁକାବିଲାରେ କେନ୍ଦ୍ରାଞ୍ଚଳର ଅଫସ୍ପିନର ସାରାଂଶ ଜୈନ ଓ ଦକ୍ଷିଣାଞ୍ଚଳର ଏନ୍ ଜଗଦୀଶନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

**ଜୟସ୍ୱାଲଙ୍କ ଅର୍ଦ୍ଧଶତକ, ଆୟର ଫେଲ୍**

ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ପଶ୍ଚିମାଞ୍ଚଳ ପ୍ରଥମ ଇନିଂସରେ ୪୩୮ ରନ୍ କରିଥିଲା। ଜବାବରେ ୬ଜଣ ଖେଳାଳି ଅର୍ଦ୍ଧଶତକ ହାସଲ କରିବା ଫଳରେ କେନ୍ଦ୍ରାଞ୍ଚଳ ପ୍ରଥମ ଇନିଂସରେ ୬୦୦ ରନ୍ କରି ପ୍ରଥମ ଇନିଂସ ଅଗ୍ରଣୀ ନେଇଥିଲା। ରବିବାର ପଶ୍ଚିମାଞ୍ଚଳର ଦ୍ୱିତୀୟ ଇନିଂସ ୮ ୱିକେଟରେ ୨୧୬ ରନ୍ କରିବା ଫଳରେ ମ୍ୟାଚ୍ ଡ୍ର ରହିଥିଲା। ପଶ୍ଚିମାଞ୍ଚଳ ପକ୍ଷରୁ ଜୟସ୍ୱାଲ ୬୪ ରନ୍ କରିଥିଲେ। କିନ୍ତୁ ପ୍ରଥମ ଇନିଂସରେ ୨୫ ରନ୍ କରିଥିବା ଶ୍ରେୟସ ଆୟର ଦ୍ୱିତୀୟ ଇନିଂସରେ ୧୨ ରନ୍ କରି ବ୍ୟାଟିଂରେ ଫେଲ ମାରିଛନ୍ତି। କେନ୍ଦ୍ରାଞ୍ଚଳ ପକ୍ଷରୁ ହର୍ଷ ଦୁବେ ୩ଟି ଓ ସାରାଂଶ ଜୈନ ୫ଟି ୱିକେଟ ପାଇଥିଲେ।

**ଜଗଦୀଶନଙ୍କ ଶ୍ରେଷ୍ଠ ବ୍ୟାଟିଂ**

ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣାଞ୍ଚଳ ପ୍ରଥମେ ବ୍ୟାଟିଂ କରି ଏନ୍ ଜଗଦୀଶନଙ୍କ ୧୯୭ ରନ୍ ସହାୟତାରେ ପ୍ରଥମ ଇନିଂସରେ ୫୩୬ ରନ୍ କରିଥିଲା। ଜବାବରେ ଶୁଭମ ଶର୍ମାଙ୍କ ଶତକ ସତ୍ତ୍ୱେ ଉତ୍ତରାଞ୍ଚଳର ପ୍ରଥମ ଇନିଂସ ୩୬୧ରେ ଅଟକିଥିଲା। ପ୍ରଥମ ଇନିଂସରେ ୧୭୫ ରନ୍‌ରେ ଆଗୁଆ ଥିବା ଦକ୍ଷିଣାଞ୍ଚଳ ମ୍ୟାଚ୍ ଶେଷ ବେଳକୁ ଦ୍ୱିତୀୟ ଇନିଂସରେ ୧ ୱିକେଟ ହରାଇ ୯୫ ରନ୍ କରିଥିଲା। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଜଗଦୀଶନ ୫୨ ରନ୍‌ରେ ଅପରାଜିତ ରହିଥିଲେ। ଫାଇନାଲ ମୁକାବିଲା ଗୁରୁବାରଠାରୁ ଆରମ୍ଭ ହେବ।

● ଦିନିକିଆ କ୍ରିକେଟ୍ ଇତିହାସରେ ବୃହତ୍ ବିଜୟ

## ଇଂଲଣ୍ଡଠୁ ୩୪୨ ରନ୍‌ରେ ହାରିଲା ଦକ୍ଷିଣ ଆଫ୍ରିକା

ସାଉଥାମ୍ପଟନ, ୭।୯ (ଏଜେନ୍ସି): ଦିନିକିଆ କ୍ରିକେଟ୍ ଇତିହାସରେ ଇଂଲଣ୍ଡ ସର୍ବବୃହତ୍ ବିଜୟ ହାସଲ କରିଛି। ରବିବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୩ୟ ଦିନିକିଆରେ ଘରୋଇ ଇଂଲଣ୍ଡ ୩୪୨ ରନର ବୃହତ୍ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଅଭିଜ୍ଞ ବ୍ୟାଟର୍ ଜୋ ରୁଟ୍ ଓ ଜ୍ୟାକବ ବେଥେଲଙ୍କ ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ୫୦ ଓଭରରେ ୫ ୱିକେଟ୍ ହରାଇ ୪୧୪ ରନର ଚ୍ୟାଲେଞ୍ଜିଂ ସ୍କୋର ଠିଆ କରାଇଛି। ୧୯ତମ ଦିନିକିଆ ଶତକ ହାସଲ କରି ରୁଟ୍ ଠିକ୍ ୧୦୦ ରନରେ ଆଉଟ୍ ହୋଇଥିଲେ। ସେହିଭଳି କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିଥିବା ବେଥେଲ ୮୨ ବଲରେ ୧୧୦ ରନ କରି ପ୍ୟାଭିଲିୟନ ଫେରିଥିଲେ। ଜବାବରେ ଏହି ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୨୦.୫ ଓଭରରେ ମାତ୍ର ୭୨ ରନରେ ଅଲ୍‌ଆଉଟ୍ ହେବା ସହ ୩୪୨ ରନରେ ପରାସ୍ତ ହୋଇଥିଲା। ପୂର୍ବରୁ ୨୦୨୩ରେ ଭାରତ ୩୧୭ ରନରେ ବିଜୟୀ ଇଂଲଣ୍ଡ ଦଳର ଜୋଫ୍ରା ଆର୍ଚର ୪, ଆଦିଲ ରଶିଦ ୩ଟି ୱିକେଟ ନେଇଥିଲେ। ଏହି ମ୍ୟାଚ୍ ହାରିଥିଲେ ମଧ୍ୟ ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୭ ୱିକେଟ୍ ଓ ୫ ରନରେ ଜିତିଥିବାରୁ ଦକ୍ଷିଣ ଆଫ୍ରିକା ୨-୧ରେ ସିରିଜ ବିଜୟୀ ହୋଇଛି।

**ଦିନିକିଆରେ ବୃହତ୍ ବିଜୟ (ରନରେ)**

| ଦଳ | ବ୍ୟବଧାନ | ପ୍ରତିପକ୍ଷ | ବର୍ଷ |
|---|---|---|---|
| ଇଂଲଣ୍ଡ | ୩୪୨ | ଦ.ଆଫ୍ରିକା | ୨୦୨୫ |
| ଭାରତ | ୩୧୭ | ଶ୍ରୀଲଙ୍କା | ୨୦୨୩ |
| ଅଷ୍ଟ୍ରେଲିଆ | ୩୦୯ | ନେଦରଲାଣ୍ଡସ | ୨୦୨୩ |
| ଜିମ୍ବାୱେ | ୩୦୪ | ଆମେରିକା | ୨୦୨୩ |
| ଭାରତ | ୩୦୨ | ଶ୍ରୀଲଙ୍କା | ୨୦୨୩ |

### ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍: ମହିଳା ଏକକ ଫାଇନାଲରେ ହାରିଲେ ଆମାଣ୍ଡା

# ଟାଇଟଲ୍ ବଜାୟ ରଖିଲେ ସାବାଲେଙ୍କା



ନ୍ୟୁୟର୍କ,୭।୯ (ଏଜେନ୍ସି)

ବେଲାରୁଷର ଆରିନା ସାବାଲେଙ୍କା ୟୁଏସ୍ ଓପନ ମହିଳା ଏକକ ଟାଇଟଲ ବଜାୟ ରଖିଛନ୍ତି। ଶନିବାର ରାତିରେ ଅନୁଷ୍ଠିତ ଫାଇନାଲରେ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୩, ୭-୬ ସେଟ୍‌ରେ ପରାସ୍ତ କରି କ୍ରମାଗତ ଟାଇଟଲ ବିଜୟୀ ହେବାରେ ସମର୍ଥ ହୋଇଛନ୍ତି। ସେହିପରି ୨୦୧୪ରେ ସେରେନା ୱିଲିୟମ୍ସଙ୍କ ପରେ ପ୍ରଥମ ମହିଳା ଖେଳାଳିଭାବେ ଏକକ ବିଭାଗରେ ପ୍ରଥମ ଖେଳାଳିଭାବେ କ୍ରମାଗତ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଫାଇନାଲରେ ଟପ୍ ସିଡ୍ ସାବାଲେଙ୍କା ଶକ୍ତିଶାଳୀ ଖେଳ ପ୍ରଦର୍ଶନ କରି ଚଳିତବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଓ ତାଙ୍କ ଟେନିସ ଜୀବନର ଚତୁର୍ଥ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଛନ୍ତି। ଏହା ସହ ଚଳିତବର୍ଷ ମଧ୍ୟ ଜଣେ ମହିଳା ଖେଳାଳିଭାବେ ସର୍ବାଧିକ ୫୬ଟି ମ୍ୟାଚ୍ ଓ ଏହାକୁ ମିଶାଇ ଗ୍ରାଣ୍ଡସ୍ଲାମ୍ ମୁଖ୍ୟ ଡ୍ର'ରେ ୧୦୦ତମ ମ୍ୟାଚ୍ ଜିତିବାରେ ସମର୍ଥ ହୋଇଛନ୍ତି।

ଚଳିତବର୍ଷ ସାବାଲେଙ୍କା ଅଷ୍ଟ୍ରେଲିଆନ ଓପନ ଓ ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ଟାଇଟଲ ଜିତିବାରେ ସମର୍ଥ ହୋଇ ନ ଥିଲେ। ଶନିବାର ଫାଇନାଲରେ ସେ ଅତ୍ୟନ୍ତ ଭାବପ୍ରବଣ ହୋଇ ଦୃଢ଼ତାର ସହ ଖେଳିଥିଲେ। ଅନ୍ୟ ପକ୍ଷରେ ଘରୋଇ ମାଟିରେ ଖେଳୁଥିବା ଏବଂ ଟେନିସ ଜୀବନରେ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଫାଇନାଲ ଖେଳୁଥିବା ଆନିସିମୋଭା ଜୋରଦାର ଲଢ଼େଇ କରିଥିଲେ ମଧ୍ୟ ଚଳିତବର୍ଷର ୱିମ୍ବଲଡନ ସେମିଫାଇନାଲ ଫଳାଫଳର ପୁନରାବୃତ୍ତି କରିପାରି ନ ଥିଲେ। ଏହି ମୁକାବିଲାରେ ସାବାଲେଙ୍କାଙ୍କୁ ହରାଇ ଆନିସିମୋଭା ପ୍ରଥମ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ପ୍ରବେଶ କରିଥିଲେ। ଏଠାରେ ସାବାଲେଙ୍କାଙ୍କ ନିଖୁଣ ଖେଳ ଆଗରେ ଆନିସିମୋଭା ପ୍ରଥମ ସେଟ୍‌ରେ ଏକତରଫା ହାରିଯାଇଥିଲେ। ୩-୬ରେ ପ୍ରଥମ ସେଟ୍ ହାରିଥିଲେ ମଧ୍ୟ ଦ୍ୱିତୀୟ ସେଟ୍ ଟାଇବ୍ରେକରକୁ ଯାଇଥିଲା। ଏଥିରେ ସାବାଲେଙ୍କା ଚତୁର ଖେଳ ପ୍ରଦର୍ଶନ କରି ୭-୪ରେ ଟାଇବ୍ରେକରକୁ ଜିତିନେଇଥିଲେ। ଏଠାରେ ପରାଜିତ ହୋଇଥିଲେ ମଧ୍ୟ ଆନିସିମୋଭା ପ୍ରଥମ ୫ଜଣଙ୍କ ମଧ୍ୟରେ ସ୍ଥାନ ପାଇବେ ବୋଲି ଆଶା କରାଯାଉଛି।

**■ ସିନ୍ନର-ଆଲକାରାଜ ମୁକାବିଲା**

ପୁରୁଷ ଏକକ ଫାଇନାଲରେ ବିଶ୍ୱର ଦୁଇ ଶ୍ରେଷ୍ଠ ଖେଳାଳି ନଂ-୧ ମାନ୍ୟତାପ୍ରାପ୍ତ ଇଟାଲୀର ଜାନିକ ସିନ୍ନର ଓ ନଂ-୨ ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ମଧ୍ୟରେ ଖେଳାଯିବ। ଆଜି ରାତିରେ ଖେଳାଯିବାକୁ ଥିବା ଏହି ଫାଇନାଲ ମୁକାବିଲା ଜୋରଦାର ହୋଇଛି। ସେମିଫାଇନାଲରେ ସିନ୍ନର ୬-୧, ୩-୬, ୬-୩, ୬-୪ ସେଟ୍‌ରେ କାନାଡ଼ାର ୨୫ତମ ସିଡ୍ ଫେଲିକ୍ସ ଅଗର-ଆଲିସିଆମେଙ୍କୁ ପରାସ୍ତ କରିଥିଲେ। ସେହପରି ଅନ୍ୟ ସେମିରେ ଆଲକାରାଜ ୬-୪, ୭-୬, ୬-୨ରେ ୨୪ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିବା ୩୮ ବର୍ଷୀୟ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇଥିଲେ। ଆଲକାରାଜ ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ହେଲେ ସେଟ୍‌ରେ ନ ହାରି ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିରେ ଯଦି ସେ କୌଣସି ସେଟ୍‌ରେ ନ ହାରି ଟାଇଟଲ ଜିତନ୍ତି ତେବେ ଏଭଳି ପ୍ରଦର୍ଶନ କରିବାରେ ସେ ବିଶ୍ୱର ପ୍ରଥମ ଖେଳାଳି ହେବେ।

## ଜେବାଲୋସ୍-ଗ୍ରାନୋଲର୍ସଙ୍କୁ ପୁରୁଷ ଯୁଗଳ ଟାଇଟଲ



ନ୍ୟୁୟର୍କ,୭।୯ (ଏଜେନ୍ସି): ଆର୍ଜେଣ୍ଟିନାର ହୋରାସିଓ ଜେବାଲୋସ୍ ଓ କାନାଡାର ମାସ୍ରେଲୋ ଗ୍ରାନୋଲର୍ସଙ୍କ ଯୋଡି ୟୁଏସ୍ ଓପନ ପୁରୁଷ ଯୁଗଳ ଟାଇଟଲ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲ ଖେଳରେ ୫ମ ସିଡ୍ ଜେବାଲୋସ ଓ ଗ୍ରାନୋଲର୍ସଙ୍କ ଯୋଡି ୬ଷ୍ଠ ସିଡ୍ ନିଲ ସ୍କୁପସ୍କି ଓ ଜୋ ସାଲିସ୍‌ବରୀଙ୍କୁ ୩-୬, ୭-୬, ୭-୫ ସେଟ୍‌ରେ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛନ୍ତି। ଏହା ଫଳରେ ଜେବାଲୋସ ଓ ଗ୍ରାନୋଲର୍ସଙ୍କ ଯୋଡି ଗୋଟିଏ ବର୍ଷରେ ୨ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଏମାନେ ଚଳିତବର୍ଷ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS